ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୩
୧୦ ଡିସେମ୍ବର, ୨୦୨୫ ବୁଧବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 183
10th December, 2025 Wednesday
Bhubaneswar

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in   E-mail : odishaexpress@gmail.com   RNI Regd. No. ODIODI/2006/23033   Postal Regd. No. : BN/169/13-15   ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**କିଂ କୁଳେନ ବିଶାଳେନ ବିଦ୍ୟାହୀନସ୍ୟ ଦେହିନଃ**
**ଅକୁଳୀନୋପି ବିଦ୍ୟାବାନ୍ ଦେବୈରପି ସ ପୂଜ୍ୟତେ ।**

ଅତି ବିସ୍ତୀର୍ଣ୍ଣ ଓ ଉଚ୍ଚବଂଶରେ ଜାତ ବ୍ୟକ୍ତି ବିଦ୍ୟାହୀନ ହେଲେ ପୂଜା ପାଏ ନାହିଁ, କିନ୍ତୁ ନୀଚକୁଳଜାତ ବ୍ୟକ୍ତି ବିଦ୍ୱାନ ହୋଇଥିଲେ ଦେବତାମାନେ ମଧ୍ୟ ତାକୁ ପୂଜା କରନ୍ତି।

## ମନ୍ତ୍ରୀ-ଏମ୍ଏଲଏଙ୍କ ଦରମା ଅଢ଼େଇ ଗୁଣା ବଢ଼ିଲା

# ବିଧାୟକ ମାସକୁ ପାଇବେ ୩ଲକ୍ଷ ୩୦ ହଜାର

**ଭୁବନେଶ୍ୱର,୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ବିଧାୟକ, ମନ୍ତ୍ରୀ ଓ ପୂର୍ବତନ ବିଧାୟକମାନେ ଏଣିକି ମାଲାମାଲ୍ ହେବେ। ସେମାନଙ୍କ ଦରମା, ଭତ୍ତା ଓ ପେନସନରେ ପ୍ରାୟ ଅଢ଼େଇ ଗୁଣ ବୃଦ୍ଧି ହୋଇଛି। ଆଜି ବିଧାନସଭାରେ ଏ ସଂକ୍ରାନ୍ତ ୩ଟି ବିଲକୁ ସରକାର ଉପସ୍ଥାପନ କରିବାର ମାତ୍ର କିଛି ସମୟ ମଧ୍ୟରେ ପାରିତ କରାଇ ନେଇଥିବାରୁ ବିଧାନସଭା ସଦସ୍ୟମାନଙ୍କ ଆର୍ଥିକ ସୁବିଧାରେ ବ୍ୟାପକ ପରିବର୍ତ୍ତନ ଆସିବ । ଦୀର୍ଘ ପ୍ରାୟ ୮ବର୍ଷ ପରେ ବିଧାୟକମାନଙ୍କ ଏହି ଦରମା ଓ ଭତ୍ତା ବୃଦ୍ଧି ରାଜ୍ୟ ଇତିହାସରେ ସର୍ବାଧିକ ବୋଲି କୁହାଯାଉଛି। ଏହି ବର୍ଦ୍ଧିତ ଦରମା ଓ ପେନସନ୍ ପିଛିଲା ଭାବେ ୨୦୨୪ ମସିହା ଜୁନ୍ ୫ ତାରିଖରୁ ଲାଗୁ ହେବ।

ବିଧାନସଭାର ଶୀତ ଅଧିବେଶନ୍ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟସୂଚୀ ଥିବାବେଳେ ଆଜି ଆଗୁଆ ଗୃହକୁ ସାଇନ୍ ଡାଏ ଘୋଷଣା କରାଯାଇଛି। ଆଉ ଶେଷଦିନରେ ତରବରିଆ ଭାବେ ଓଡିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା ଓ ପେନସନ୍ ସଂଶୋଧନ ବିଲ-୨୦୨୫, ଓଡିଶା

- ପିଛିଲା ତାରିଖରୁ ମିଳିବ ବର୍ଦ୍ଧିତ ଦରମା ଓ ପେନସନ୍
- ଶେଷଦିନରେ ବିଲ୍ ଆଣି ପାସ୍ କରାଇନେଲେ
- ଭବିଷ୍ୟତରେ ଦରମା ବୃଦ୍ଧି ପାଇଁ ଆଉ ବିଲ୍ ଆଣିବାକୁ ପଡ଼ିବନି
- ମୁଖ୍ୟମନ୍ତ୍ରୀଙ୍କ ଦରମା ୩.୭୪ଲକ୍ଷ ଟଙ୍କାକୁ ବୃଦ୍ଧି
- ପୂର୍ବତନ ବିଧାୟକଙ୍କୁ ବି ମିଳିବ ମାସିକ ଗସ୍ତ ଖର୍ଚ୍ଚ

ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ-୨୦୨୫ ଏବଂ ଓଡିଶା ବିଧାନସଭା ବାଚସ୍ପତି ଓ ଉପବାଚସ୍ପତି ଦରମା ଭତ୍ତା ସଂଶୋଧନ ବିଲ-୨୦୨୫କୁ ଆଜି ଗୃହରେ ଉପସ୍ଥାପନ କରିବାର କିଛି ସମୟ ମଧ୍ୟରେ ତାହା ପାରିତ ହୋଇଯାଇଛି। ଏହି ସଂଶୋଧନ ଫଳରେ ରାଜ୍ୟର ବିଧାୟକମାନେ ଏଣିକି ମାସିକ ପ୍ରାୟ ୩.୩୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଓ ଭତ୍ତା ପାଇବେ। ସେହିପରି ପୂର୍ବତନ ବିଧାୟକମାନେ ମାସିକ ପେନସନ୍ ଓ ଭତ୍ତା ବାବଦରେ ୧.୧୭ଲକ୍ଷ ଟଙ୍କା (ନୂତନ ଭାବେ ମାସିକ ଗସ୍ତ ଖର୍ଚ୍ଚ ସାମିଲ) ସହ ନିଜର କାର୍ଯ୍ୟକାଳ ହିସାବରେ(ପ୍ରତି ୫ବର୍ଷ କାର୍ଯ୍ୟକାଳ ପାଇଁ ୧୫ହଜାର ଟଙ୍କା) ପେନସନ୍ ପାଇବେ। ସେହିପରି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦରମା ଓ ଭତ୍ତା ପ୍ରାୟ ୧ଲକ୍ଷ ଟଙ୍କାରୁ ମାସିକ ୩.୭୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏହି ବର୍ଦ୍ଧିତ ଦରମା ସହିତ ଏଣିକି ପ୍ରତି ୫ ବର୍ଷରେ ମହଙ୍ଗା ସୂଚକାଙ୍କ ଆଧାରରେ ସ୍ୱୟଂଚାଳିତ ଭାବେ ଏହି ଦରମା ଓ ଭତ୍ତାରେ ସଂଶୋଧନ ହେବା ନେଇ ବିଲରେ ପ୍ରାବଧାନ



ରହିଛି। ଯାହା ଫଳରେ ଭବିଷ୍ୟତରେ ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ପାଇଁ ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡିବ ନାହିଁ।

ବିଧାୟକମାନେ ଏବେ ପାଉଥିବା ଦରମା ଓ ଭତ୍ତା ତୁଳନାରେ ଆଜି ପାରିତ ବିଲ୍ ଆଧାରରେ ପ୍ରାୟ ଅଢ଼େଇ ଗୁଣ ଅଧିକ ଦରମା ଓ ଭତ୍ତା ପାଇବେ। ଶେଷଥର ପାଇଁ ବିଧାୟକମାନଙ୍କ ଦରମା ୨୦୧୭ ମସିହାରେ ସଂଶୋଧିତ ହୋଇଥିଲା। ୨୦୧୭ ମସିହା ସଂଶୋଧନ ଅନୁସାରେ ବିଧାୟକମାନଙ୍କ ଦରମା ୩୫ହଜାର ଟଙ୍କା ଓ ଅନ୍ୟାନ୍ୟ ଭତ୍ତା ବାବଦରେ ୫୭ହଜାର ଟଙ୍କାକୁ ମିଶାଇ ମୋଟ ୯୨ହଜାର ଟଙ୍କା ଦରମା ରହିଛି। ଏହାବାଦ୍ ଗସ୍ତ ଖର୍ଚ୍ଚ ଓ ଦୈନିକ ଭତ୍ତାକୁ ମିଶାଇ ସେମାନେ ମାସିକ ପ୍ରାୟ ଏବେ ୯୮ହଜାରରୁ ୧.୧୦ଲକ୍ଷ ଟଙ୍କା ପାଉଛନ୍ତି।

ଏଣିକି ବିଧାୟକମାନଙ୍କର ମାସିକ ଚିକିତ୍ସା ଭତ୍ତାକୁ ୫ହଜାର ଟଙ୍କାରୁ ୩୫ ହଜାର ଟଙ୍କା, ନିର୍ବାଚନ ମଣ୍ଡଳୀ ଭତ୍ତ ୨୦ହଜାର ଟଙ୍କାରୁ ୭୫ହଜାର ଟଙ୍କା, ବ୍ୟକ୍ତିଗତ ଗସ୍ତ ଖର୍ଚ୍ଚ ୧୫ହଜାରରୁ ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଗାଡି କିଣିବା ପାଇଁ ଅଗ୍ରୀମ ରାଶିକୁ ୫ ଲକ୍ଷରୁ ବଢାଇ ୧୦ ଲକ୍ଷ ଟଙ୍କା କରାଯାଇଛି।

ଏହି ସଂଶୋଧନରେ ପରେ ବିଧାୟକମାନଙ୍କ ମୂଳ ଦରମା ୯୦ହଜାର ଟଙ୍କା ଓ ଅନ୍ୟାନ୍ୟ ଭତ୍ତା ବାବଦରେ ୨.୪୦ଲକ୍ଷକୁ ମିଶାଇଲେ ସେମାନେ ମୋଟ ନିଶ୍ଚିତ ଭାବେ ୩.୩୦ଲକ୍ଷ ଟଙ୍କା ପାଇବେ। ଯାହାକି ପ୍ରାୟ ୨୪୭% ବୃଦ୍ଧି ବୋଲି କୁହାଯାଉଛି। ଏହାବାଦ୍ ଗସ୍ତ ଖର୍ଚ୍ଚ ଓ ଦୈନିକ ଭତ୍ତା(ସିଟିଂ ଆଲାଉନ୍ସ) ମିଳିବ।

ମୁଖ୍ୟମନ୍ତ୍ରୀଙ୍କ ମୂଳ ଦରମା ୪୧ହଜାରରୁ ବଢି ୧ ଲକ୍ଷ ଟଙ୍କା ହୋଇଛି। ଏହାସହିତ କାର ଆଲାଉନ୍ସ ବାବଦରେ ୯୧ହଜାର ଟଙ୍କା, ସତ୍କାର ଭତ୍ତା ବାବଦରେ ୧.୮୩ଲକ୍ଷ ଟଙ୍କା ପାଇବେ। ଫଳରେ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବେ ମାସିକ ଦରମା ଓ ଭତ୍ତା ବାବଦରେ ପ୍ରାୟ ୩.୭୪ଲକ୍ଷ ଟଙ୍କା ପାଇବେ। ଏହାବାଦ ସେ ସିଟିଂ ଆଲାଉନ୍ସ ବାବଦରେ ଦିନକୁ ୨ହଜାର ଟଙ୍କା ଓ ରହିବା ବାବଦରେ ଦିନକୁ ୨ହଜାର ଟଙ୍କା ପାଇବେ। ସେହିପରି କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ମୂଳ ଦରମା ୯୬ହଜାର ଟଙ୍କା, କାର ଆଲାଉନ୍ସ (ଶେଷ ପୃଷ୍ଠା ଦେଖନ୍ତୁ)

## +୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ

**ଭୁବନେଶ୍ୱର,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସଇ) ମଙ୍ଗଳବାର ୨୦୨୬ ମସିହା ପାଇଁ ହେବାକୁ ଥିବା ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ସୂଚୀରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧, ୨୦୨୬ (ବୁଧବାର)ରେ ହେବାକୁ ଥିବା ପରୀକ୍ଷାକୁ ଏବେ ମାର୍ଚ୍ଚ ୨୩, ୨୦୨୬ (ସୋମବାର)କୁ ଘୁଞ୍ଚାଇ ଦିଆଯାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଓଡ଼ିଆ ଭାଷା ବ୍ୟତୀତ ଅନ୍ୟ ସମସ୍ତ ମାତୃଭାଷା ପେପର ଯଥା- ହିନ୍ଦୀ, ବଙ୍ଗଳା, ତେଲୁଗୁ, ଉର୍ଦ୍ଦୁ, ସଂସ୍କୃତ, ଏବଂ ଆଲଟରନେଟିଭ୍ ଇଂରାଜୀ ଆଦି ପରୀକ୍ଷାଗୁଡ଼ିକ ବର୍ତ୍ତମାନ ମାର୍ଚ୍ଚ ୨୩ ରେ ସକାଳ ୧୦ ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସେହିପରି, ପୂର୍ବରୁ ମାର୍ଚ୍ଚ ୨୧, ୨୦୨୬ (ଶନିବାର)ରେ ଧାର୍ଯ୍ୟ ହୋଇଥିବା ପରୀକ୍ଷାକୁ ମାର୍ଚ୍ଚ ୨୫, ୨୦୨୬ (ବୁଧବାର)କୁ ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନ କଳା ବିଭାଗର ଲଜିକ୍, ବାଣିଜ୍ୟ ବିଭାଗର ଆକାଉଣ୍ଟାନ୍ସି ଏବଂ ସମସ୍ତ ଭୋକେସନାଲ୍ ଟ୍ରେଡ୍ ସବଜେକ୍ଟ ପେପର-୪ ପରୀକ୍ଷାର୍ଥୀଙ୍କୁ ପ୍ରଭାବିତ କରିବ। ଭୋକେସନାଲ୍ ବିଷୟର ପରୀକ୍ଷା ସେମାନଙ୍କ ପୂର୍ବ ନିର୍ଦ୍ଧାରିତ ମାର୍କ ଭିତ୍ତିକ ସମୟ ଅନୁଯାୟୀ (୪୦ ମାର୍କ ପାଇଁ ସକାଳ ୧୦ଟାରୁ ୧୨ଟା କିମ୍ବା ୫୦ ମାର୍କ ପାଇଁ ସକାଳ ୧୦ଟାରୁ ୧୨:୩୦ ପର୍ଯ୍ୟନ୍ତ) ଅନୁଷ୍ଠିତ ହେବ।

ସିଏଚ୍ଏସଇ ସ୍ପଷ୍ଟ କରିଛି ଯେ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ର ଅନ୍ୟ ସମସ୍ତ ତାରିଖ ଏବଂ ବିବରଣୀ ଅପରିବର୍ତ୍ତିତ ରହିବ। ପରିଷଦ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା କେନ୍ଦ୍ରକୁ ଏହି ପରିବର୍ତ୍ତନକୁ ଧ୍ୟାନ ଦେବା ସହ ବିଦ୍ୟାର୍ଥୀମାନଙ୍କୁ ଦ୍ୱନ୍ଦ୍ୱରୁ ଦୂରେଇ ରଖିବା ପାଇଁ ସୂଚନା ଫଳକ ଓ ୱେବସାଇଟରେ ତୁରନ୍ତ ଏହାକୁ ପ୍ରଦର୍ଶିତ କରିବାକୁ ନିର୍ଦ୍ଦେଶ ଦେଇଛି।

## ଦେଢ଼ବର୍ଷରେ ମଲେଣି ୧୩୬ ହାତୀ

**ଭୁବନେଶ୍ୱର,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ହାତୀ ଅସୁରକ୍ଷିତ। ହାତୀ ମୃତ୍ୟୁ ରୋକିବାରେ ସରକାର ବିଫଳ ହୋଇଛନ୍ତି। ମଙ୍ଗଳବାର ବିଧାନସଭାରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ୧୩୬ ହାତୀ ପ୍ରାଣ ହରାଇଥିବା ସରକାର ମାନିଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ମଙ୍ଗଳବାର ଦେଇଥିବା ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ଶିକାରୀଙ୍କ ଦ୍ୱାରା ୪ଟି, ଲୋକଙ୍କ ପ୍ରତିଶୋଧ ପରାୟଣତା ପାଇଁ ୪ଟି, ବିଦ୍ୟୁତ ଆଘାତରେ ୪୨ଟି, ଟ୍ରେନ ଧକ୍କାରେ ୪ଟି, ରୋଗଦ୍ୱାରା ୩୧ଟି ଓ ଅନ୍ୟାନ୍ୟ ପ୍ରାକୃତିକ କାରଣ ଦ୍ୱାରା ୩୧ ହାତୀ ମୃତ୍ୟୁବରଣ କରିଛନ୍ତି। ୨୦ଟି ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ହାତୀ ମୃତ୍ୟୁରେ ସଂଶ୍ଳିଷ୍ଟ ୯୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ସମସ୍ତ ମାମଲାର ସ୍ଥିତିକୁ ନିୟମିତ ଭାବରେ ତଦାରଖ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ କ୍ୱାଟର୍ସ ନବୀକରଣରେ ଖର୍ଚ୍ଚ ହେଲାଣି ୩କୋଟି ୩୯ଲକ୍ଷ

**ଭୁବନେଶ୍ୱର,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ସରକାର ଗଠନ ପରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କର ସରକାରୀ କ୍ୱାର୍ଟର୍ସ ମରାମତି ଓ ନବୀକରଣ ବାବଦରେ ମୋଟ ୩.୩୯ କୋଟି ଟଙ୍କା ବ୍ୟୟ ହୋଇଛି। ବିଧାନସଭାରେ ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମେତ ୧୬ ଜଣ ମନ୍ତ୍ରୀଙ୍କର ୧୭ଟି କ୍ୱାର୍ଟର୍ସ ନବୀକରଣରେ ମୋଟ ୩,୩୯,୫୨,୨୨୩ ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ (ୟୁନିଟ୍-୨ ଓ ୟୁନିଟ୍-୫) କ୍ୱାର୍ଟର୍ସରେ ଯଥାକ୍ରମେ ୫୦,୧୦,୮୭୧ ଟଙ୍କା ଏବଂ ୨୩,୪୭,୪୮୭ ଟଙ୍କା ବ୍ୟୟ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ କ୍ୱାର୍ଟର୍ସରେ ଦ୍ୱିତୀୟ ସର୍ବାଧିକ ୨୮,୨୧,୨୩୦ ଟଙ୍କା ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ଅଗ୍ନିକାଣ୍ଡରେ ୨୦ ମୃତ

**ନୂଆଦିଲ୍ଲୀ,୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାକାର୍ତ୍ତା: ଇଣ୍ଡୋନେସିଆର ଜାକାର୍ତ୍ତାରେ ମଙ୍ଗଳବାର ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଏକ ୭ ମହଲା ବିଶିଷ୍ଟ କୋଠାରେ କାର୍ଯ୍ୟାଳୟ ଚାଲିଥିବାବେଳେ ସେଥିରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ତେବେ ନିଆଁ ଯୋଗୁ ପ୍ରବଳ ଧୂଆଁ ସୃଷ୍ଟି ହେବା ଫଳରେ ଶ୍ୱାସରୁଦ୍ଧ ହୋଇ ଲୋକଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁ ଆଖପାଖରେ ଥିବା ବାସିନ୍ଦାମାନେ ଭୟଭୀତ ହୋଇପଡ଼ିବା ସହିତ ବାହାରକୁ ଚାଲି ଆସିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ଏହା ସହିତ କୋଠାରେ ଫଶିଯାଇଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା।

ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଏବଂ ୧୫ ଜଣ ମହିଳା ରହିଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ମଧ୍ୟରେ ଜଣେ ଗର୍ଭବତୀ ମଧ୍ୟ ରହିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ସମୟର ଦୃଶ୍ୟ ସମ୍ବଳିତ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେଉଛି, ଯେଉଁଥିରେ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ଦେଖିବାକୁ ମିଳିଛି।

# ମା'ର ଜାତି ଆଧାରରେ ସନ୍ତାନଙ୍କୁ ମିଳିବ ପ୍ରମାଣପତ୍ର

**ନୂଆଦିଲ୍ଲୀ,୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାତି ପ୍ରମାଣପତ୍ର ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ଝିଅକୁ ତାଙ୍କ ମା'ଙ୍କ ଜାତି ଆଧାରରେ ଅନୁସୂଚିତ ଜାତି (ଏସସି) ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ଏହି ରାୟ ଅନନ୍ୟ, କାରଣ ଜଣେ ପିଲାର ଜାତି ସାଧାରଣତଃ ପିତାଙ୍କ ଜାତି ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ।

ଏହି ମାମଲାଟି ପୁଡୁଚେରୀର ଜଣେ ଝିଅ ପାଇଁ ଏକ ଜାତି ପ୍ରମାଣପତ୍ର ସହିତ ଜଡିତ। ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ପୁଡୁଚେରୀର ଝିଅକୁ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ପ୍ରମାଣପତ୍ର ବିନା ତାଙ୍କ ଶିକ୍ଷାଗତ କ୍ୟାରିୟର କ୍ଷତିଗ୍ରସ୍ତ ହେବ। ଖଣ୍ଡପୀଠ କହିଛନ୍ତି, ଆମେ ଆଇନର ପ୍ରଶ୍ନକୁ ଖୋଲା ରଖୁଛୁ।

ପରିବର୍ତ୍ତିତ ସମୟ ସହିତ ବଦଳିବାକୁ ହେବ

ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ସିଜେଆଇ ସୂର୍ଯ୍ୟକାନ୍ତ ଉଲ୍ଲେଖ କରିଛନ୍ତି, ଏହା ଏକ ବଡ଼ ବିତର୍କ ସୃଷ୍ଟି କରିପାରେ। ସେ କହିଛନ୍ତି ପରିବର୍ତ୍ତିତ ସମୟ ସହିତ, ମା'ଙ୍କ ଜାତି ଆଧାରରେ ସନ୍ତାନଙ୍କୁ କାହିଁକି ଜାତି ପ୍ରମାଣପତ୍ର ପ୍ରଦାନ କରାଯିବ ନାହିଁ? ଏହି ରାୟର ଅର୍ଥ ହେବ ଯେ, ଉଚ୍ଚ ଜାତିର ପୁରୁଷଙ୍କ ସହିତ ବିବାହରୁ ଅନୁସୂଚିତ ଜାତିର ମହିଳାଙ୍କଠାରୁ ଜନ୍ମିତ ଏବଂ ଉଚ୍ଚ ଜାତିର ପରିବାରରେ ପାଳିତ ସନ୍ତାନମାନେ ମଧ୍ୟ ଏସସି ପ୍ରମାଣପତ୍ର ପାଇବାର ହକଦାର ହେବେ।

ରିପୋର୍ଟ ଅନୁଯାୟୀ, ମା' ତାଙ୍କ ତିନି ପିଲା (ଦୁଇ ଝିଅ ଏବଂ ଗୋଟିଏ ପୁଅ)ଙ୍କୁ ତାଙ୍କ ଜାତି ପ୍ରମାଣପତ୍ର ଆଧାରରେ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ, କାରଣ ତାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କ ନିଜ ଘରେ ବାପା ମା'ଙ୍କ ସହ ରହୁଥିଲେ। ତାଙ୍କ ଆବେଦନରେ ମହିଳା ଯୁକ୍ତି ଦର୍ଶାଇଥିଲେ ଯେ, ତାଙ୍କ ପିତାମାତା ଏବଂ ଜେଜେମାଆ ହିନ୍ଦୁ ଦ୍ରାବିଡ଼ ସମ୍ପ୍ରଦାୟର ଥିଲେ।

କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ସହିତ ପଢ଼ାଯାଇଥିବା ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ଅନୁଯାୟୀ, ୫ ମାର୍ଚ୍ଚ, (ଶେଷ ପୃଷ୍ଠା ଦେଖନ୍ତୁ)

## ସରକାରଙ୍କୁ ଲୋକୋ ପାଇଲଟଙ୍କ ଚେତାବନୀ

# ରେଳବାଇରେ ଉପୁଜିପାରେ ଇଣ୍ଡିଗୋ ଭଳି ସମସ୍ୟା

**ନୂଆଦିଲ୍ଲୀ,୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିକଟରେ ଇଣ୍ଡିଗୋ ଏୟାର ଲାଇନ୍ସରେ ଉପୁଜିଥିବା ସଂକଟ କେବଳ ଏଭିଏସନ ନୁହେଁ ଇଣ୍ଡିଆନ ରେଲୱେର ଲୋକୋ ପାଇଲଟଙ୍କୁ ମଧ୍ୟ ସେମାନେ ଦୀର୍ଘ ସମୟରୁ ଭୋଗିଆସୁଥିବା ସମସ୍ୟା ଦୋହରାଇବାକୁ ସୁଯୋଗ ଦେଇଛି। ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ ଏକ ନିବେଦନରେ କେନ୍ଦ୍ର ସରକାରଙ୍କୁ



ଏୟାରଲାଇନ ପାଇଲଟଙ୍କ ନିମନ୍ତେ ଲାଗୁ ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମକୁ ରେଳବାଇରେ ମଧ୍ୟ ଲାଗୁ କରାଯାଉ ବୋଲି ଦାବି କରିଛି। ଆସୋସିଏସନ (ଶେଷ ପୃଷ୍ଠା ଦେଖନ୍ତୁ)

## ଛାତ୍ରଙ୍କୁ ରାଗିଂ: ଡ୍ରଗ୍ସ ନେବାକୁ ବାଧ କରି ପାଇଖାନା ଚଟାଣ ଚଟାଇଲେ



**ପିପିଲି,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଏକ ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରାଜଧାନୀ ଉପକଣ୍ଠ ପିପିଲି ଥାନା ଅଞ୍ଚଳର ଏକ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ରଙ୍କୁ ମାଡ ମରାଯିବା ସହ ରାଗିଂ କରାଯାଇଛି। ଏ ନେଇ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଛାତ୍ରଜଣଙ୍କୁ ଡ୍ରଗ୍ସ ସେବନ ସହିତ ୨ଲକ୍ଷ ଟଙ୍କା ଦେବା ପାଇଁ ବାଧ କରାଯାଇ ମାଡ଼ ମରାଯାଇଛି। ଏପରି କି ପାଇଖାନା ଚଟାଣକୁ ଜିଭରେ ଚଟାଯାଇଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏନେଇ ରାଗିଂର ଶିକାର ହୋଇଥିବା ଛାତ୍ରଙ୍କ ମା'ଙ୍କ ଲିଖିତ ଅଭିଯୋଗ ଉପରେ ପିପିଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡା ଜିଲା ଆଳି ଅଞ୍ଚଳର ଜଣେ ଛାତ୍ର ପିପିଲି ଥାନା ଅଞ୍ଚଳରେ ଥିବା ପ୍ରମୁଖ ମ୍ୟାନେଜମେଣ୍ଟ (ଶେଷ ପୃଷ୍ଠା ଦେଖନ୍ତୁ)

## ଜନଗଣନା ପାଇଁ ଜାନୁଆରୀ ୧୫ ସୁଦ୍ଧା କାର୍ଯ୍ୟକର୍ତ୍ତା ନିଯୁକ୍ତ

**ନୂଆଦିଲ୍ଲୀ,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୭ ଜନଗଣନା ପାଇଁ ଆଗାମୀ ଜାନୁଆରୀ ୧୫ ସୁଦ୍ଧା ଜନଗଣନା କାର୍ଯ୍ୟକର୍ତ୍ତା ନିଯୁକ୍ତି ସମାପ୍ତ କରିବାକୁ ଭାରତର ରେଜିଷ୍ଟ୍ରାର ଜେନେରାଲ (ଆରଜିଆଇ) ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଜଣେ ଗଣନାକାରୀଙ୍କୁ ୭୦୦-୮୦୦ ଜନସଂଖ୍ୟାର ଦାୟିତ୍ୱ ନ୍ୟସ୍ତ କରାଯିବ ଏବଂ ପ୍ରତି ଛଅ ଜଣ ଗଣନାକାରୀଙ୍କ ପାଇଁ ଜଣେ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯିବ। ଏହା ବ୍ୟତୀତ ଯେକୌଣସି ଆକସ୍ମିକ ପରିସ୍ଥିତି ପାଇଁ ୧୦ପ୍ରତିଶତ ସଂରକ୍ଷିତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ରହିବେ। ଆରଜିଆଇ କହିଛି ଯେ, ଜନଗଣନା ନିୟମ (୧୯୯୦)ର ନିୟମ ୩ ଅନୁଯାୟୀ ଶିକ୍ଷକ, (ଶେଷ ପୃଷ୍ଠା ଦେଖନ୍ତୁ)

# ଶିକ୍ଷାରେ ଅର୍ଥ ବରାଦ ବର୍ଷକୁ ବର୍ଷ କମୁଛି

**ଭୁବନେଶ୍ୱର,୯।୧୨**
**ତଥ୍ୟ**

ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ (ଜିଏସ୍ଡିପି) ପରିମାଣ ବଢି ଚାଲିଥିବାବେଳେ ଏଥିରୁ ଶିକ୍ଷା କ୍ଷେତ୍ରରେ ବ୍ୟୟ ପରିମାଣର ହାର କିନ୍ତୁ କମିବାରେ ଲାଗିଛି । ଗତ ୫ଟି ଆର୍ଥିକ ବର୍ଷ ମଧ୍ୟରୁ କୌଣସିଟିରେ ହେଲେ ଜାତୀୟ ଶିକ୍ଷା ନୀତି ଦ୍ୱାରା ଧାର୍ଯ୍ୟ ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ ।

ଭାରତର ମହା ଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡିଛି । ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ୧୯୮୬ ଶିକ୍ଷା କ୍ଷେତ୍ରରେ ଜିଡିପିର ଅତି କମ୍‌ରେ ୬ ପ୍ରତିଶତ ଖର୍ଚ୍ଚ କରିବାକୁ ସୁପାରିଶ୍ କରିଥିଲେ । ଜାତୀୟ ଶିକ୍ଷା ନୀତି ୨୦୨୦ରେ ମଧ୍ୟ ତୁରନ୍ତ ଶିକ୍ଷା କ୍ଷେତ୍ରରେ ବ୍ୟୟ ପରିମାଣକୁ ୬ ପ୍ରତିଶତକୁ ବଢାଇବାକୁ କହିଛନ୍ତି ।

ତେବେ ସିଏଜିଙ୍କ ଅଡିଟ୍ ରିପୋର୍ଟରୁ ଜଣାପଡିଛି ଯେ ଓଡିଶା ସରକାରଙ୍କ ଜିଏସ୍ଡିପି ୨୦୧୮-୧୯ ବର୍ଷରେ ପାଖାପାଖି ୫ଲକ୍ଷ କୋଟି ଟଙ୍କା ଥିବାବେଳେ ଏଥିରୁ ୩.୫୦ ଅର୍ଥାତ୍ ୧୭,୪୭୧ କୋଟି ଟଙ୍କା ଶିକ୍ଷାପାଇଁ ଖର୍ଚ୍ଚ ହୋଇଥିଲା । ଏହା ପରିବର୍ଷ ଅର୍ଥାତ୍ ୨୦୧୯-୨୦ ବର୍ଷରେ ଜିଏସ୍ଡିପିର ପରିମାଣ ୫ଲକ୍ଷ ୪୬ ହଜାର କୋଟି ଟଙ୍କାକୁ ଟପିଥିବାବେଳେ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚର ପରିମାଣ କିନ୍ତୁ ୩.୩୮ ପ୍ରତିଶତକୁ ହ୍ରାସ ପାଇଥିଲା । ୨୦୨୦-୨୧ ବର୍ଷରେ ରାଜ୍ୟର ଡିଏସ୍ଡିପି ୫ଲକ୍ଷ ୪୨ ହଜାର କୋଟି ଟଙ୍କାକୁ ହ୍ରାସ ପାଇଥିବାବେଳେ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ପରିମାଣ ସେହିବର୍ଷ ୩.୪୪ ପ୍ରତିଶତ ରହିଥିଲା । ସେହିବର୍ଷ ରାଜ୍ୟରେ କରୋନାର ପ୍ରଭାବ ପରିଲକ୍ଷିତ ହୋଇଥିଲା ।

୨୦୨୧-୨୨ ବର୍ଷରେ ରାଜ୍ୟର ଜିଏସ୍ଡପି ୬ଲକ୍ଷ ୩୮ ହଜାର କୋଟି ଟଙ୍କାକୁ ଟପି ଯାଇଥିଲା । ଉକ୍ତ ବର୍ଷ ଶିକ୍ଷା କ୍ଷେତ୍ରରେ ବ୍ୟୟ ପରିମାଣ ଯଦିଓ ପାଖାପାଖି ୨୧ ହଜାର କୋଟି ଟଙ୍କା ଥିଲା କିନ୍ତୁ ହାରାହାରି ବ୍ୟୟ ପରିମାଣ ୩.୨୮ ପ୍ରତିଶତକୁ ହ୍ରାସ ପାଇଥିଲା । ୨୦୨୨-୨୩ ବର୍ଷରେ ମଧ୍ୟ



ଅନୁରୂପ ସ୍ଥିତି ପରିଲକ୍ଷିତ ହୋଇଥିଲା । ସେହିବର୍ଷ ରାଜ୍ୟର ଜିଏସ୍ଡିପିର ପରିମାଣ ୭ଲକ୍ଷ ୭୪ହଜାର କୋଟି ଟଙ୍କାକୁ ଟପିଯାଇଥିଲା । ଯଦିଓ ସେହିବର୍ଷ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚର ପରିମାଣ ପରିମାଣ ୨୫ହଜାର କୋଟି ଟଙ୍କାକୁ ଟପିଥିଲା, କିନ୍ତୁ ହାରାହାରି ବ୍ୟୟ ପରିମାଣ ୩.୨୭ ପ୍ରତିଶତକୁ ହ୍ରାସ ପାଇଥିଲା ।

ରାଜ୍ୟ ବଜେଟ୍‌ରେ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଂଶ ହ୍ରାସ ପାଇଥିବା ସିଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ୨୦୧୮-୧୯ ବର୍ଷରେ ମୋଟ୍ ବଜେଟ୍‌ରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୧.୬୧ ପ୍ରତିଶତ ଅର୍ଥ ପାଇଥିବାବେଳେ ୨୦୨୨-୨୩ ବର୍ଷରେ ଏହା କ୍ରମାଗତ ଭାବେ ହ୍ରାସ ପାଇ ୯.୬୪ ପ୍ରତିଶତରେ ପହଞ୍ଚିଥିଲା ।

ସିଏଜି ଆହୁରି ଦର୍ଶାଇଛନ୍ତି ଯେ ସମଗ୍ର ଶିକ୍ଷା ଅଧିନରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତରେ ପାଣ୍ଠି ବଣ୍ଟନ ହେଉଥିଲା । ତେବେ ଅଡିଟ୍‌ରୁ ଜଣାପଡିଛି ଯେ ୨୦୧୮ରୁ ୨୦୨୩ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ ପାଣ୍ଠିରୁ ୪୪ ରୁ ୫୦ ପ୍ରତିଶତ ଉପଯୋଗ ହୋଇଥିଲା।

## ମାରପିଟ୍‌କୁ ନେଇ ଥାନାରେ ମାମଲା





**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ କାଠ ପାଳ ଗ୍ରାମରେ ରବିବାର ସନ୍ଧ୍ୟାରେ ଧାନକଟା ମେସିନର ଦୁଇ ଡ୍ରାଇଭର ଏବଂ ସେହି ଗ୍ରାମର ଦୁଇ ଯୁବକଙ୍କ ମଧ୍ୟରେ ମାରପିଟ୍‌କୁ ନେଇ ବୈଶିଙ୍ଗା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ କାଠପାଳ ଓ ଏହାର ଆଖ ପାଖ ମୌଜାରେ ଧାନ କାଟିବା ପାଇଁ ମେସିନ୍ ଯାଉଥିବା ବେଳେ ସନ୍ଧ୍ୟା ସମୟରେ କାଠପାଳର ଦୁଇ ଯୁବକ ସ୍ୱରୁପ କବାଟଙ୍କ ପୁତ୍ର କ୍ଷୀରୋଦ କବାଟ (୨୬) ଏବଂ ଭଗବାନ ବେହେରାଙ୍କ ପୁଅ କାଳିଆ ଓରଫ କାର୍ତ୍ତିକ (୨୭) ଉଭୟେ ଧାନ କଟା ମେସିନକୁ ଅଟକାଇ ଡ୍ରାଇଭର ଦ୍ୱୟ ଜୟରାମ ସିଂ (ପିତା ଚୈତନ) ଏବଂ ବାୟା ସିଂଙ୍କ ପୁଅ ଗେନ୍ଦଲାଙ୍କୁ ଗାଳି ଗୁଲଜ କରିବା ସହିତ ମାଡ ମାରିବା ଏବଂ ମୋବାଇଲ ଛଡାଇ ନେଇଥିଲେ । ଏନେଇ ବୈଶିଙ୍ଗା ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ।

## ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ନେଇ ଥାନାରେ ଅଭିଯୋଗ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ମନ୍ଦ ଉଦ୍ଦେଶ୍ୟ ରଖି ଜନୈକ ଗୋସୁରକ୍ଷା କର୍ମୀଙ୍କ ଫଟୋକୁ ଏଡିଟିଂ କରି ସାମାଜିକ ଗଣମାଧ୍ୟମରେ ମିଛ ଅପପ୍ରଚାର କରିବା ନେଇ ଜଣେ ଯୁବକଙ୍କ ନାଁରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ସ୍ଥାନୀୟ ଆଦର୍ଶ ଥାନାରେ ଗୋସୁରକ୍ଷା ପ୍ରମୁଖ ଅଭିଯୋଗ କରିଛନ୍ତି । ଉକ୍ତ ଯୁବକଙ୍କ ନାମରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ମାରପିଟ କରିଥିବା ନେଇ ପୂର୍ବରୁ ଥାନାରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ଅନୁସାରେ, ଆଦର୍ଶଥାନା ଅନ୍ତର୍ଗତ ଉପରସାହି ବାସିନ୍ଦା ତଥା ଗୋ ସୁରକ୍ଷା କର୍ମୀ ସମ୍ୟରଞ୍ଜନ ସ୍ୱାଇଁ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଗୋସୁରକ୍ଷା ପ୍ରମୁଖ ଭାବେ କାର୍ଯ୍ୟ କରି ଆସୁଛନ୍ତି । ବିଭିନ୍ନ ସମୟରେ ଖୋର୍ଦ୍ଧା ମଧ୍ୟ ଦେଇ ଗୋଚାଲାଣ ବେଳେ ସମ୍ୟରଞ୍ଜନଙ୍କ ନେତୃତ୍ୱରେ ଗୋସୁରକ୍ଷା କର୍ମୀମାନେ ଅନେକ ସମୟରେ ଗୋରୁ ଗାଡି ଅଟକାଇ ପୋଲିସ ଜିମା ଦେଇଥିବା ବେଳେ ସେମାନଙ୍କ ସହାୟତାରେ ପୋଲିସ ମଧ୍ୟ ବହୁ ସ୍ଥାନରେ ଗୋରୁ ଗାଡି, ଗୋମାଂସ ବୋଝେଇ ଗାଡି, ଚମଡା ବୋଝେଇ ଗାଡି ଜବତ କରିଥିବା ନଜିର ରହିଛି ।

ତେବେ ବେଆଇନ ଗୋରୁ ଚାଲାଣରେ ସମ୍ୟରଞ୍ଜନ ବାଧକ ସାଜୁଥିବାରୁ ବିଗତ ଦିନରେ ଖୋର୍ଦ୍ଧା ସହର ଉପକଣ୍ଠ ହଳଦିପଦା ଗ୍ରାମର ନିଜକୁ ଗଣମାଧ୍ୟମ ପ୍ରତିନିଧି ବୋଲି ପରିଚୟ ଦେଉଥିବା ପ୍ରଶାନ୍ତ ସାହୁ ଧମକ ଦେଇ ଆସୁଥିବା ବେଳେ ସମ୍ୟରଞ୍ଜନ ସେ ସବୁକୁ ଖାତିର ନକରିବାରୁ ତାଙ୍କ ଫଟୋକୁ ନେଇ ସୋସିଆଲ ମିଡିଆରେ ବିକୃତଭାବେ ଏଡିଟିଂ କରି ବିଭିନ୍ନ ଗୃପରେ ପୋଷ୍ଟ କରି ଅପପ୍ରଚାର କରୁଥିବା ସମ୍ୟରଞ୍ଜନ ଅଭିଯୋଗ କରିବା ସହ ବଜରଙ୍ଗ ଦଳ କର୍ମୀମାନେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ସାମାନ ଅଭିଯୋଗ ଆଣିଛନ୍ତି । ଏପରିକି ଏ ସଂକ୍ରାନ୍ତରେ ତାଙ୍କ ପରିବାରକୁ ସେମାନେ ପଚାରିବାକୁ ଯିବାରୁ ପ୍ରଶାନ୍ତ ଅସଭ୍ୟ ଭାଷାରେ ଗାଳିମନ୍ଦ କରିବା ସହ ଆକ୍ରମଣ କରିଥିବା ବଜରଙ୍ଗ ଦଳ କର୍ମୀମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି, ଗୋସୁରକ୍ଷା କର୍ମୀଙ୍କ ସୂଚନା ଅନୁସାରେ ବିଗତ ଦିନରେ ପ୍ରଶାନ୍ତ ନିଜକୁ ୟୁଟ୍ୟୁ ଗଣମାଧ୍ୟମ ପ୍ରତିନିଧି କହି ଶରଧାପୁର ଅଞ୍ଚଳରେ ଥିବା ଏକ ବେଆଇନ ଖଣିରୁ ବଟି ଆଦାୟ କରିବାକୁ ଯାଇ ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ । ସେହିପରି ପାନବରଜ ଠାରେ ଏକ ଗୋରୁ ଗାଡି ଅଟକାଇ ଚାନ୍ଦା ଆଦାୟ କରିବା ସହିତ ମାଡମାରି ଜଣଙ୍କର ମୁଣ୍ଡ ଫଟାଇଥିବା ନେଇ ପ୍ରଶାନ୍ତଙ୍କ ନାମରେ ଆଦର୍ଶ ଥାନାରେ ହତ୍ୟା ଉଦ୍ୟମ ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା । ସେହିପରି ପିତାପଲ୍ଲୀ ଛକ ଅଷ୍ଟବିନାୟକ ସୋରୁମ୍ ସମ୍ମୁଖରେ ବିଳମ୍ବିତ ରାତିରେ ଏକ ଗାଡିକୁ ଅଟକାଇ ଚାନ୍ଦା ଆଦାୟ କରୁଥିବା ବେଳେ ଗାଡି ଡ୍ରାଇଭର ଗାଡି ମଡାଇବାକୁ ଉଦ୍ୟମ କରିବାରେ ପ୍ରଶାନ୍ତ ଅଳ୍ପକେ ବର୍ତ୍ତି ଯାଇଥିଲେ ।

## ରାସନ ନଦେଲେ ଅନଶନ

### ଯୁବ କଂଗ୍ରେସର ଚେତାବନୀ



**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ସୁକିନ୍ଦା, ଦାନଗଦି ବ୍ଲକରେ ବହୁ ଯୋଗ୍ୟ ହିତାଧିକାରୀଙ୍କ ରାସନ୍ କାର୍ଡ କଟିଯିବାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ବ୍ୟାପିବା ଲାଗିଲାଣି । ସରକାରଙ୍କ ନୂଆ ନିୟମ ଅନୁସାରେ ହଜାରେ ରାସନ୍ କାର୍ଡ ବତିଲ୍ ହୋଇଯାଇଥିବାରୁ ବୃଦ୍ଧ, ବିଧବା, ଦୈନିକ ଶ୍ରମିକ ଓ ଅତ୍ୟନ୍ତ ଦରିଦ୍ର ପରିବାରମାନ ଖାଦ୍ୟ ଅଭାବ ଓ ଜୀବିକା ସଂକଟରେ ପଡିଛନ୍ତି । ଯେଉଁମାନଙ୍କର ରାସନ ହିଁ ସେମାନଙ୍କ ସବୁ ଦିନର ଜିବା ଜୀବନର ଏକମାତ୍ର ଭରସା, ତାହାଠାରୁ ଏବେ ବଞ୍ଚିତ ହେବାରୁ ସବୁ ଗ୍ରାମ ଓ ପଞ୍ଚାୟତ ଭିତ୍ତିକ ଭାବେ ଅସନ୍ତୋଷ ଦେଖାଦେଇଛି ବୋଲି ଅଭିଯୋଗ ଆଣିଛି ସୁକିନ୍ଦା ଯୁବ କଂଗ୍ରେସ । ଏହିଭଳି ପରିସ୍ଥିତିକୁ ନେଇ ସୁକିନ୍ଦା ଯୁବ କଂଗ୍ରେସ ଦାନଗଦି ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ସୁକିନ୍ଦା ଯୁବକଂଗ୍ରେସ ଦଳପକ୍ଷରୁ ବିଜ୍ଞ ବଳ, ପୁଷ୍ପଲତା ପତ୍ର, ଭବାନୀ ଦେଓ, ଅଜିତ ନାୟକ ଓ ଅନ୍ୟ କର୍ମୀମାନେ ଅନୁଷ୍ଠିତ ଭାବରେ ଅଭିଯୋଗରେ କହିଛନ୍ତି ଯେ, ସୁକିନ୍ଦା ଓ ଦାନଗଦି ବ୍ଲକର ବହୁ ଗରିବ ଯୋଗ୍ୟ ହିତାଧିକାରୀ ଅଯୋଗ୍ୟ ଭାବରେ ବତିଲ୍ ହେଉଥିବା ରାସନ୍ କାର୍ଡଗୁଡ଼ିକୁ ତୁରନ୍ତ ପୁନଃସ୍ଥାପନ କରିବା, ଘଟଣା ସ୍ଥଳକୁ ଯାଇ ସଠିକ୍ ଯାଞ୍ଚ କରିବା ଓ ଯାଞ୍ଚ ସମାପ୍ତ ହେବା ପର୍ଯ୍ୟନ୍ତ କାଟିଥିବା ସମସ୍ତ ଗରିବ ପରିବାରଙ୍କୁ ଅସ୍ଥାୟୀ ରାସନ୍ ସହାୟତା ଦେବା ପାଇଁ ଦାବି କରିଛନ୍ତି । ଯୁବ କଂଗ୍ରେସ ସୁକିନ୍ଦା ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଚେତାବନୀ ଦେଇଛି ଯେ, 'ରାସନ୍ ଦିଅ କିମ୍ବା ଆନଶନ୍!' ଯଦି ୭ ଦିନ ଭିତରେ ଯୋଗ୍ୟହିତାଧାରୀ ଥିବା ସମସ୍ତ ବୃଦ୍ଧ, ବିଧବା ଓ ଗରିବ ପରିବାରଙ୍କ ରାସନ କାର୍ଡ ପୁନଃ ଚାଲୁ କରାଯାଉ । ଯଦି ରାସନ ଯୋଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରାଯିବ ଯୁବ କଂଗ୍ରେସ ତରଫରୁ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଓ ଅନଶନ୍ ଦିଆଯିବ । ରାସନ ବତିଲ୍ ହେବାରୁ ସୁକିନ୍ଦାର ଅନେକ ଗରିବ ଓ ବୃଦ୍ଧ ଲୋକ ଖାଦ୍ୟ ଅଭାବରେ ବହୁତ କଷ୍ଟ ଭୋଗୁଛନ୍ତି । ଏହାକୁ ନେଇ ଅଞ୍ଚଳରେ ରାଜନୀତିକ ଚଳଚଞ୍ଚଳ ଦେଖା ଦେଇଛି । ଏହାମଧରେ ବହୁଦିନ ଧରି ସୁପ୍ତ ଥିବା ସୁକିନ୍ଦା କଂଗ୍ରେସ ରାସନ ମଧ୍ୟରେ ମୈଦାନକୁ ଓଲାହିଛି । ଆଗକୁ ଦେଖିବାକୁ ବାକି ରହିଲା ସୁକିନ୍ଦାବାସୀଙ୍କ ମନକୁ ଜିତିବାରେ କଂଗ୍ରେସ କେତେ ସଫଳତା ପାଉଛି ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୧୨ ଗିରଫ



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନସ୍ଥ ୧ ନମ୍ବର ୱାର୍ଡ ଝାଡେଶ୍ୱରପୁର ଗ୍ରାମରେ ଦୀର୍ଘ ଦିନ ଧରି ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଜଳେଶ୍ୱର ଥାନା ପୋଲିସ ଗତକାଲି ମଧ୍ୟରାତ୍ରିରେ ଚଢ଼ାଉ କରିଛି । ଚଢାଉ ସମୟରେ ପୋଲିସ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣାସ୍ଥଳରୁ ୧୨ଟି ମୋବାଇଲ, ୯ଟି ବାଇକ୍, ୪ଟି ତାସପାଲି ଗୋଛା ଜବତ କରାଯାଇଛି ।

ଝାଡେଶ୍ୱରପୁର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଘରେ ଦୀର୍ଘ ଦିନ ଧରି ଜୁଆ ଖେଳ ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ସୋମବାର ରାତି ପାଖାପାଖି ୧୨ଟା ସମୟରେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରାଙ୍କ ନିର୍ଦ୍ଦେଶରେ, ଆଇଆଇସି ଅଶୋକ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏସଆଇ ଚିରଞ୍ଜିବୀ ରାଉତ, ଏଏସଆଇ ଭଗବାନ ଦାସ, ଏଏସଆଇ ଧୀରେନ୍ଦ୍ର ସାମଲଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ସେହି ଘର ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସହ ୧୨ଜଣ ଜୁଆଡିଙ୍କୁ ଗିରଫ କରିଛି ।

## ମିଳୁନି ବିଶୁଦ୍ଧ ପାନୀୟ ଜଳ : ଲୋକେ ହୀନସ୍ତା

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ପାଇବାରେ ଲୋକେ ନାନା ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି । ବ୍ଲକ କାର୍ଯ୍ୟାଳୟ ପରିସରରେ ୨ଟି ଫ୍ରିଜର ରହିଅଛି । ଏଠାରେ ନିଯୁକ୍ତ କର୍ମଚାରୀ ଓ ଜନସାଧାରଣମାନେ ପାନୀୟ ଜଳ ବ୍ୟବହାର କରିଥାନ୍ତି । ଦୀର୍ଘ ଦିନ ହେବ ଏହି ୨ଟି ଫ୍ରିଜର ଅଚଳ ହୋଇ ପଡିବାରୁ ଏହି ବ୍ଲକକୁ ଆସୁଥିବା କର୍ମଚାରୀ ଓ ଜନସାଧାରଣମାନେ ପିଇବା ପାଣିରୁ ବଂଚିତ ହେଉଛନ୍ତି । ବ୍ଲକ ଗୋଦାମ ଗୃହ ସମ୍ମୁଖରେ ଥିବା ଫ୍ରିଜର ଖରାପ ହୋଇଯିବାରୁ ତାହା ସମ୍ମୁଖରେ ବ୍ଲକର ଗାଡି ରଖାଯାଇଛି । ଯାହାକି ଏହି ସ୍ଥାନଟି ଏବେ ଗ୍ୟାରେଜ ପାଲଟିଛି । ଏଥିସହିତ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ଏକ ଆକ୍ୱାଗାର୍ଡ ରହିଅଛି । କିନ୍ତୁ ଏହି ଆକ୍ୱାଗାର୍ଡଟି କାର୍ଯ୍ୟାଳୟ ଭିତରେ ରହିଥିବାରୁ ଜନସାଧାରଣମାନେ ଜାଣିପାରୁନାହାନ୍ତି ଏବଂ କିଛି କର୍ମଚାରୀ କାର୍ଯ୍ୟାଳୟ ନଆସିବାକୁ ବାରଣ କରୁଥିବା ଅଭିଯୋଗ ହୋଇଛି । ଥିବା ବେଳେ ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚଳ ଥିବା ୨ଟି ଫ୍ରିଜରକୁ ତୁରନ୍ତ ସଚଳ କରିବାକୁ ସାଧାରଣରେ ଦାବି ହୋଇଛି ।

## ଆକାଂକ୍ଷା ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

କଙ୍କଡ଼ାହାଡ଼ ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆକାଂକ୍ଷା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆକାଂକ୍ଷା ବ୍ଲକ୍‌ରେ ସ୍ୱାସ୍ଥ୍ୟ ଓ ପୌଷ୍ଟିକତା, ଶିକ୍ଷା, କୃଷିଭିତିକ କାର୍ଯ୍ୟାଦି, ମୌଳିକ ସୁବିଧା ସୁଯୋଗ, ସାମାଜିକ ସୁରକ୍ଷା ଆଦି ନିମନ୍ତେ ସଂପୃକ୍ତ ବିଭାଗପକ୍ଷରୁ କରାଯାଉ ଥିବା କାର୍ଯ୍ୟର ସମୀକ୍ଷା କରିଥିଲେ । ବ୍ଲକରେ ହେଉଥିବା କାର୍ଯ୍ୟକ୍ରମର ଅଗ୍ରଗତିର ବିବରଣୀ ସଠିକ୍ ସମୟରେ ମିନିଷ୍ଟେରିଆଲ ପୋର୍ଟାଲରେ ଅପ୍ ଲୋଡ୍ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ, ଏହାଦ୍ୱାରା ଆମେ ହାତକୁ ନେଇଥିବା କାର୍ଯ୍ୟ ଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରି ସଫଳତା ହାସଲ କରିପାରିବା ବୋଲି କହିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଂଜୟ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, ଯୋଜନା ଓ ପରିସଂଖ୍ୟାନର ଉପନିର୍ଦ୍ଦେଶକ ରାଜ ବଲ୍ଲଭ କର, କଙ୍କଡ଼ାହାଡ ବିଡ଼ିଓ ଯଶୋବନ୍ତ ଦେହୁରୀଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଫେଲ ମାରିଛି ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**



ଖଣ୍ଡପଡ଼ା ବ୍ଲକ ଅଧିନ ରୟତି ଢୋଲମରା ପଞ୍ଚାୟତରେ ଫେଲ ମାରିଛି ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା । ଫଳରେ ସଞ୍ଜ ନଇଁଲେ ଅନ୍ଧାରରେ ଯିବା ଆସିବା କରୁଛନ୍ତି ସ୍ଥାନୀୟ ଅଞ୍ଚଳର ଜନସାଧାରଣ । ବିଦ୍ୟୁତ ଖୁଣ୍ଟରେ ଲଗାଯାଇଥିବା ଏଲଇଡି ବଲବ ଗୁଡିକ ଦିର୍ଘ ମାସ ଧରି ଜଳୁନାହିଁ । ଏ ସଂପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନଥିବା ରୟତି ଢୋଲମରା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ରୟତ ଢୋଲମରା ପଞ୍ଚାୟତ ଅଧିନ ସମସ୍ତ ଗ୍ରାମରେ ଅବସ୍ଥିତ ବିଦ୍ୟୁତ ଖୁଣ୍ଟ ଗୁଡିକରେ ଏଲଇଡି ବଲବ ଲଗାଯାଇଥିଲା । କଛି ମାସ ଜଳିବା ପରେ ଏବେ ଆଉ ଏଲଇଡି ବଲବ ଗୁଡିକ ଜଳୁ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରୟତି ଢୋଲମରା ପଞ୍ଚାୟତ କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ନ ଦେଇ ନୀରବଦ୍ରଷ୍ଟା ସାଜିଛନ୍ତି । ବିଦ୍ୟୁତ ଖୁଣ୍ଟ ଗୁଡିକରେ ନିମ୍ନମାନର ଏଲଇଡି ବଲବ ଲଗା ଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି । ଫଳରେ ଉଜ୍ଜଳ ଆଲୋକୀକରଣ ବାବଦରେ ବ୍ୟୟ ସରକାରୀ ଅନୁଦାନ ଅର୍ଥ ପାଣିରେ ପଡିବା ସାର ହୋଇଛି । ରାତି ସାରା ରାସ୍ତାଘାଟ ପୁରା ଅନ୍ଧାରରେ ରହୁଛି । ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିତରଣ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ରୟତ ଢୋଲମରା ପଞ୍ଚାୟତବାସୀ ଦାବି କରିଛନ୍ତି ।

## ଚାଉଳ ଯୋଗାଣ ବନ୍ଦ ନେଇ ଧାରଣା

**ଟିଟିଲାଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ଚାଉଳ ଯୋଗାଣ ବନ୍ଦ । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଗ୍ରାମବାସୀ । ଏଭଳି ଘଟଣା ଘଟିଛି ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ସୁରଡ଼ା ପଞ୍ଚାୟତର ମହଗାଁ ଗାଁ । ଗ୍ରାମବାସୀମାନଙ୍କୁ ୩ ମାସ ହେଲା ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ଚାଉଳ ପ୍ରଦାନ କରାଯାଇ ନାହିଁ । ଏହାକୁ ନେଇ ଗତ ନଭେମ୍ବର ୩ ତାରିଖରେ ଗ୍ରାମବାସୀମାନେ ଟିଟିଲାଗଡ଼ ଉପଜିଲ୍ଲାପାଳ, ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କଲେ ମଧ୍ୟ ଅଣଦେଖା ହୋଇଛି । ଏହାକୁ ନେଇ ମଙ୍ଗଳବାର କଂଗ୍ରେସ ନେତା ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗାଁର ଶତାଧିକ ମହିଳା ପୁରୁଷ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

## ସୁନା ବିସ୍କୁଟ ଦେବା କହି ଠକେଇ, ୬ ଗିରଫ

**ନୀଳଗିରି :ଏକ୍ସପ୍ରେସ ନ୍ୟୁଜ୍**

ସୁନା ବିସ୍କୁଟ ଦେବା କହି ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ୬ ଜଣଙ୍କୁ ବାନ୍ଧିଛି ନୀଳଗିରି ପୋଲିସ । ସୁନା ବିସ୍କୁଟ ଦଲାଲଙ୍କ ନିକଟରୁ ୬ଟି ମୋବାଇଲ ଫୋନ, ଦୁଇଟି ବାଇକ, ୩ଲକ୍ଷ ୨୯ ହଜାର ଟଙ୍କା ଜବତ କରିଛି ପୋଲିସ । ପୁରୀ ବ୍ରହ୍ମପୁର ଅଞ୍ଚଳରୁ ସଂଗ୍ରାମ କେଶରି ବେହେରା ନାମକ ଜଣେ ସରକାରୀ ଶିକ୍ଷକ ସ୍ୱଳ୍ପ ଟଙ୍କା ମୂଲ୍ୟରେ ସୁନା ନେବା ପାଇଁ ତାଙ୍କର ଜଣେ ସହଯୋଗୀ ବାପି ମଲ୍ଲିକଙ୍କୁ ୩ ମାସ ତଳେ ଯୋଗାଯୋଗ କରିଥିଲେ । ୭ ତାରିଖ ସୁନା ନେବା ପାଇଁ ନୀଳଗିରି ଅଞ୍ଚଳକୁ ଆସିଥିଲେ । ଟଙ୍କା ଦେଇ ସୁନା ନେବା ସମୟରେ ପୂର୍ବ ଯୋଜନା ମୁତାବକ ୩ଜଣ ଯୁବକ ପୋଲିସ ଡ୍ରେସ ପିନ୍ଧି ଶିକ୍ଷକଙ୍କ ନିକଟରୁ ୪ ଲକ୍ଷ ଟଙ୍କା ଓ ଏକ ସୁନା ଚେନ ଲୁଟି ନେଇ ଗାଏବ ହୋଇ ଯାଇଥିଲେ । ପରେ ଶିକ୍ଷକ ଜଣକ ନୀଳଗିରି ଥାନାରେ ଅଭିଯୋଗ



ପରେ ନୀଳଗିରି ପୋଲିସ ୬ ଜଣ ଦଲାଲଙ୍କୁ ବାନ୍ଧି ଅଧିକ ତଦନ୍ତ ଚଳାଇଛି । ଏନେଇ ଆଜି ନୀଳଗିରି ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ୍ ।

## ଟ୍ରକରୁ ୨୧ ମୃତ ଗୋରୁ ଜବତ



**ଦଶପଲ୍ଲା:ଏକ୍ସପ୍ରେସ ନ୍ୟୁଜ୍**

ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ପାଖ ଶାଳଭଙ୍ଗା ଜଙ୍ଗଲ ମଝିରେ ଗତ ୩ ଦିନ ଧରି ଗୋଟିଏ ଟ୍ରକ ନମ୍ବର- ୟୁପି ୧୯ / ଏଟି ୪୮୪୭ ଗାଡିଟି ପାଲ ବନ୍ଧା ହେଇ ଠିଆ ହୋଇଥିବା ଲୋକ ଦେଖୁ ଥିଲେ । ମଙ୍ଗଳବାର ସେଠାରୁ ଭୀଷଣ ଦୁର୍ଗନ୍ଧ ହେବା ସହ ଟ୍ରକ ତଳେ ରକ୍ତ ବୋହୁଥିବା ଖବର ପ୍ରଚାର ହେବା ପରେ ପୋଲିସ ସେ ଜାଗା ଉପରେ ପହଞ୍ଚି ଅନୁସନ୍ଧାନ କରି ଜାଣିବାକୁ ପାଇଲା ଯେ ହୁଏତ ତା ଭିତରେ ଗୋରୁ ଚଲାଣ ହେଉଥିଲା । ଥାନା ଅଧିକାରୀ ଶ୍ରୀ ଧଳଙ୍କ ଉପସ୍ଥିତିରେ ଟ୍ରକର ପାଲ ଘୋଡଣି ଖୋଲିବା ପରେ ଦେଖାଗଲା ଯେ ତା ଭିତରେ ୨୧ଟି ଗୋରୁ ମୃତ ଅବସ୍ଥାରେ ଅଛନ୍ତି । ଗୋଟିଏ ବାଛୁରୀର ନିଶ୍ୱାସ ଯିବା ଆସିବା କରୁଛି । ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସିଦ୍ଧାନ୍ତ କୁମାର ସାହୁ ଏବଂ ଏଲଆଇ ତପନ କୁମାର ସାହୁ ବହୁ କଷ୍ଟରେ ତାକୁ ବାହାରକୁ ଆଣି ତାର ଚିକିତ୍ସା କରୁଛନ୍ତି । ମୃତ ଗୋରୁ ଗୁଡିକ ଜଳ, ଖାଦ୍ୟ ଅଭାବ ସହ ଶ୍ୱାସରୁଦ୍ଧ ହୋଇ ମରିଥିବା ପ୍ରାଥମିକ ଭାବେ ଜଣାଯାଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବ୍ୟବଚ୍ଛେଦ ସରିନାହିଁ । ବଞ୍ଚିଥିବା ବାଛୁରୀର ଚିକିତ୍ସା ଚାଲିଛି । ପ୍ରତିଦିନ ଏଭଳି ଗୋରୁ ଚଲାଣ ହେଉ ଥିବାରୁ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

**ପୁରୁଷୋତ୍ତମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଅରଖପୁର ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣିରେମୋଟ ୯୬ଟି ଅଭିଯୋଗ ମିଳିଥିଲା ୬୨ଟି ରେଶନ କାର୍ଡ଼ ଉପରେ ଅଭିଯୋଗ ଆସିଥିବା ବେଳେ ୩୪ଟି ଭତ୍ତା, ଘର, ପଟ୍ଟା ଆଦି ବିଭିନ୍ନ ବିଷୟରେ ଅଭିଯୋଗ ମିଳିଥିଲା । କାର୍ଯ୍ୟକ୍ରମରେ ବିଡିଓ ଶରତ କୁମାର ପାତ୍ର, ତହସିଲଦାର ବିନୋଦ କୁମାର ବେହେରା, ବ୍ଲକ ଅଧକ୍ଷା ପିଙ୍କି ବେହେରା, ସରପଞ୍ଚ ରଶ୍ମିତା ସେଠି, ସମିତି ସଭ୍ୟା ମିନତୀ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ସିଡିପିଓ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ନାଗ ଭୂଷଣ ଯାଦବ, କନିଷ୍ଠ ଯନ୍ତ୍ରୀ ଶୁଭଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ଜନ ଶୁଣାଣି କରିଥିଲେ ।

## ବାଣିଜ୍ୟ

## ଇଣ୍ଡିଗୋକୁ ୫% ବିମାନ ଉଡାଣ ହ୍ରାସ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**





ଦେଶରେ ବିମାନ ଉଡାଣରେ ବିଶୃଙ୍ଖଳା ପାଇଁ ଇଣ୍ଡିଗୋ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଦେଶର ବିମାନ ଚଳାଚଳ ନିୟାମକ (ଡିଜିସିଏ) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ଇଣ୍ଡିଗୋର ଶୀତକାଳୀନ ସମୟସୂଚୀକୁ ହ୍ରାସ କରିଛି । ଯାହା ଫଳରେ ଉଡ଼ାଣ ସଂଖ୍ୟା ୫ ପ୍ରତିଶତ ହ୍ରାସ ପାଇଛି । ଇଣ୍ଡିଗୋ ପ୍ରତିଦିନ ପ୍ରାୟ ୨,୨୦୦ ଘରୋଇ ଏବଂ ଆନ୍ତର୍ଜାତୀୟ ଉଡ଼ାଣ ପରିଚାଳନା କରେ । କିନ୍ତୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଇଣ୍ଡିଗୋର ୧୧୦ଟି ଉଡ଼ାଣ ହ୍ରାସ କରାଯାଇଛି । ଇଣ୍ଡିଗୋର ବଡ ପଡିଥିବା ଏହି ସ୍ଲଟ୍ ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଦିଆଯିବ ବୋଲି ସରକାର କହିଛନ୍ତି ।

ଡିଜିସିଏର ବିଜ୍ଞପ୍ତିରେ କୁହାଯାଇଛି ଯେ, ଗତ ସପ୍ତାହରେ ଦେଖା ଦେଇଥିବା ସଙ୍କଟ ପାଇଁ ଇଣ୍ଡିଗୋ ପାଇଁ ଅନୁମୋଦିତ ଶୀତକାଳୀନ ସମୟସୂଚୀ ଯାଞ୍ଚ କରାଯାଇଥିଲା । ଡିଜିସିଏ ଦ୍ୱାରା ଜାରି କରାଯାଇଥିବା ଶୀତକାଳୀନ ସୂଚୀ (ଡବ୍ଲୁଏସ) ୨୦୨୫ ଅନୁଯାୟୀ, ପ୍ରତି ସପ୍ତାହରେ ଏମ/ଏସ ଇଣ୍ଡିଗୋ ପାଇଁ ୧୫,୦୧୪ ପ୍ରସ୍ଥାନକୁ ଅନୁମୋଦନ କରାଯାଇଥିଲା । ନଭେମ୍ବର ମାସ ପାଇଁ ୬୪,୩୪୬ ଉଡ଼ାଣକୁ ଅନୁମୋଦନ କରାଯାଇଥିଲା । କିନ୍ତୁ ନଭେମ୍ବରରେ ୫୯,୪୩୮ ବିମାନ ପରିଚାଳିତ ହୋଇଥିଲା ଏବଂ ୯୫୧ ଉଡ଼ାଣ ବାତିଲ ରେକର୍ଡ କରାଯାଇଥିବା ଡିଜିସିଏ ବିଜ୍ଞପ୍ତିରେ କୁହାଯାଇଛି ।

ପୂର୍ବରୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାଇଡୁ ଏୟାରଲାଇନ୍ସ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଥିଲେ । ନାଇଡୁ ଗତକାଲି ରାଜ୍ୟସଭାରେ କହିଥିଲେ ଯେ ନୂତନ ଯାତ୍ରୀ ସୁରକ୍ଷା ନିୟମ ଲାଗୁ ହେବା ପରେ ଗତ ସପ୍ତାହରେ ଶହ ଶହ ଉଡ଼ାଣ ବାତିଲ ହେବା ଇଣ୍ଡିଗୋର ଆଭ୍ୟନ୍ତରୀଣ ସଙ୍କଟର ପରିଣାମ । ଆମେ ପାଇଲଟ୍, କର୍ମଚାରୀ ଏବଂ ଯାତ୍ରୀଙ୍କ ଯତ୍ନ ନେଉଛୁ । ଆମେ ସମସ୍ତ ବିମାନ କମ୍ପାନୀକୁ ସ୍ପଷ୍ଟ କରିଦେଇଛୁ । ଇଣ୍ଡିଗୋକୁ କ୍ରୁ ଏବଂ ତାଲିକା ପରିଚାଳନା କରିବା କଥା । ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଆମେ ପରିସ୍ଥିତିକୁ ହାଲୁକା ଭାବରେ ନେଉନାହୁଁ । ଆମେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ଆମେ ପ୍ରତ୍ୟେକ ବିମାନ କମ୍ପାନୀ ପାଇଁ ଏକ ଉଦାହରଣ ସ୍ଥାପନ କରିବୁ । ଯଦି କୌଣସି ଅସମ୍ମାନ ହୁଏ, ତେବେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ମନ୍ତ୍ରୀ କହିଥିଲେ ।

ଏହି ବିଶୃଙ୍ଖଳାର କେନ୍ଦ୍ରବିନ୍ଦୁ ଥିଲା ନୂତନ ଉଡ଼ାଣ ସୁରକ୍ଷା ନିୟମ ଯାହା ସରକାର ପ୍ରାୟ ଦୁଇ ବର୍ଷ ପୂର୍ବେ ଘୋଷଣା କରିଥିଲେ । ଏହି ନିୟମଗୁଡ଼ିକ ବିମାନ ଦୁର୍ଘଟଣା ପଛରେ ଏକ ପ୍ରମୁଖ କାରଣ ପାଇଲଟ୍ ଥକ୍କାପଣକୁ ଦୂର କରିବା ଉପରେ ଧ୍ୟାନ ଦେଇଥିଲା, ଯାହା ଡାଉନଟାଇମ୍ ବୃଦ୍ଧି କରି କରାଯାଇଥିଲା । ନିୟମ କାର୍ଯ୍ୟକାରୀ କରିବା ପାଇଁ ବିମାନ କମ୍ପାନୀଗୁଡ଼ିକୁ ଅଧିକ ପାଇଲଟ୍ ନିଯୁକ୍ତି କରିବାକୁ ପଡ଼ିଥିଲା । ଇଣ୍ଡିଗୋ ପ୍ରତିଦିନ ୨,୨୦୦ ବିମାନ ଉଡ଼ାଣ କରାଏ ଏବଂ ପାରମ୍ପରିକ ଭାବରେ ଡାଉନଟାଇମ୍ କମ କରିବା ଉପରେ ଧ୍ୟାନ ଦେଇ ଆସୁଛି । ନୂତନ ନିୟମ ଲାଗୁ ହେବା ପରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇଲା । ଏହା ଶହ ଶହ ବାତିଲ ଏବଂ ଯାତ୍ରୀମାନଙ୍କ ପାଇଁ ଏକ କଷ୍ଟର କାରଣ ହେଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ, ବିମାନ ନିୟାମକ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ନୂତନ ନିୟମଗୁଡ଼ିକୁ ଅସ୍ଥାୟୀ ଭାବରେ ଶିଥିଳ କରିଦେଲା ।

## ପୁଅର ବିସ୍ଫୋରକ ଲୁକ୍ ଉପରେ ସୁନୀଲ ଶେଟ୍ଟୀଙ୍କ ପ୍ରତିକ୍ରିୟା

### ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ନିର୍ମାତାମାନେ ସୋସିଆଲ ମିଡିଆରେ 'ବର୍ଡର ୨'ରୁ ଆହାନ ଶେଟ୍ଟିଙ୍କ ଶକ୍ତିଶାଳୀ ପ୍ରଥମ ଲୁକ୍ ଉନ୍ମୋଚନ କରିବା ପରେ ଅଭିନେତା ସୁନୀଲ ଶେଟ୍ଟି ନିଜର ଗର୍ବକୁ ସମ୍ଭାଳି ପାରିଲେ ନାହିଁ ।

ତାଙ୍କ ପୁଅ ଆହାନଙ୍କ ସେୟାର କରିଥିବା ପୋଷ୍ଟରେ ଗର୍ବିତ ପିତା ପ୍ରତିକ୍ରିୟା ଦେଇଛନ୍ତି, ତାଙ୍କ ଆଗାମୀ ଫିଲ୍ମ ପାଇଁ ତାଙ୍କର ସମର୍ଥନ ଏବଂ ଉତ୍ସାହ ପ୍ରକାଶ କରିଛନ୍ତି । ମଙ୍ଗଳବାର ଆହାନ ଶେଟ୍ଟି ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଆକ୍ସନ ଅଭିନେତାଙ୍କ ପ୍ରଥମ ଲୁକ୍ ଛାଡି କ୍ୟାପସନ ଦେଇଥିଲେ, 'ସରହଦ ହୋ ୟା ସମନ୍ଦର... ଧରତୀ ମା କା ହର ବେଟା ଏକ ହି କସମ ନିଭାତା ହୈ, ବର୍ଡର ୨୩ ଜାନୁଆରୀ, ୨୦୨୬ ସିନେମା ଘରେ ।' ଏହା ଉପରେ ପ୍ରତିକ୍ରିୟା ଦେଇ ସୁନୀଲ ଏକ ଲାଲ ହୃଦୟ ଇମୋଜି ଛାଡିଛନ୍ତି । ଗାୟକ-ଅଭିନେତା ଦିଲଜିତ ଦୋସାଞ୍ଜ ମନ୍ତବ୍ୟ ଦେଇଛନ୍ତି, 'ଆୟାର' ।



ଆଥିୟା ଶେଟ୍ଟି ତାଙ୍କ ଉତ୍ସାହ ପ୍ରକାଶ କରି ଲେଖିଛନ୍ତି, 'ବହୁତ ଭଲ ! ମୁଁ ବହୁତ ଉତ୍ସାହିତ ।' ଟାଇଗର ଶ୍ରଫ୍ ଲେଖିଛନ୍ତି, 'ୱାଃ ।'

ପ୍ରଥମ ଲୁକ୍ ପୋଷ୍ଟରରେ, ଆହାନ ଶେଟ୍ଟି ଜଣେ ଭାରତୀୟ ନୌସେନା ଅଧିକାରୀ ଭାବରେ ଏକ ଆକର୍ଷଣୀୟ, ଯୁଦ୍ଧ-କ୍ଷତ ଅବତାରରେ ଦେଖାଯାଉଛି । ପୋଷ୍ଟରରେ ଅଭିନେତାଙ୍କୁ ଏକ ଆକର୍ଷଣୀୟ ଯୁଦ୍ଧ ମୁହୂର୍ତ୍ତରେ କଏଦ କରାଯାଇଛି । ତାଙ୍କ ମୁହଁରେ ରକ୍ତ ଲାଗିଥିବା, ଆଖି ଦୃଢ଼ ଦୃଢ଼ତାର ସହିତ ଜଳୁଥିବା ଏବଂ ହାତରେ ଏକ ସାମରିକ ବନ୍ଧୁକ ଅଛି ଯେତେବେଳେ ସେ ଡ୍ୟୁଟିରେ ଠିଆ ହୋଇଛନ୍ତି । ନିର୍ମାତା ପୂର୍ବରୁ ସନି ଦେଓଲ, ବରୁଣ ଧାୱନ ଏବଂ ଦିଲଜିତ ଦୋସାଞ୍ଜଙ୍କ ପ୍ରଥମ ଦୃଶ୍ୟ ପୋଷ୍ଟର ସେୟାର କରିଥିଲେ, ପ୍ରତ୍ୟେକେ ଫିଲ୍ମରୁ ସେମାନଙ୍କର ଶକ୍ତିଶାଳୀ ଅବତାରକୁ ଉନ୍ମୋଚନ କରିଥିଲେ ।

ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ, 'ବର୍ଡର ୨'ରେ ସନି ଦେଓଲ, ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ, ଆହାନ ସେଟ୍ଟି, ମେଧା ରାଣା, ମୋନା ସିଂହ ଏବଂ ସୋନମ ବାଜୱାଙ୍କ ସମେତ ଏକ ମହାନ କଳାକାର ଅଛନ୍ତି । ଭୂଷଣ କୁମାର, ଜେପି ଦତ୍ତା ଏବଂ ନିଧି ଦତ୍ତାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମଟି ୨୩ ଜାନୁଆରୀ ୨୦୨୬ରେ ସିନେମା ହଲରେ ଆସିବାକୁ ଯାଉଛି ।

# ମଣ୍ଡି ଖୋଲିବା ବିଳମ୍ବ : ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା

୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍‌ର ପ୍ରାୟ ସମସ୍ତ ପଞ୍ଚାୟତରେ ନଭେମ୍ବର ୧୦ରୁ ୧୫ ତାରିଖ ଭିତରେ ଧାନ ଅମଳ କରି ସାରିଛନ୍ତି ଚାଷୀ । ହେଲେ ଚାଷୀଙ୍କୁ ଏବେ ଚିନ୍ତା ଅମଳ ଧାନ ବିକ୍ରି । ଧାନକୁ ସାଇତି ରଖିବାରେ ଚାଷୀ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଧାନ ଅମଳ ସ୍ଥାନରୁ ଘରକୁ ଆଣିବା ନେବା ଏବଂ ପୁଣି ଘରୁ ବାହାରକୁ ବାହାର କରିବା ଦ୍ୱାରା ଚାଷୀ ପରିବହନ ଏବଂ ଶ୍ରମିକ ବାବଦରେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି ।

ବହୁ ଚାଷୀଙ୍କର ଧାନ ରଖିବା ପାଇଁ ଘର ନାହିଁ । ଧାନ ସବୁ ଖଳା, ଗଛମୂଳ ଦାଣ୍ଡ ବାରଣ୍ଡାରେ ପଡ଼ି ରହିବା ଯୋଗୁଁ ଗାଈଗାରୁ ଛେଳି କୁକୁଡ଼ା, ଚଢ଼େଇ, ମୂଷା ଖାଇଯାଉଥିବାରୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କ ପାଇଁ ହାତୀ ପ୍ରତି ସମ୍ପୂର୍ଣ୍ଣ ବିପଦ ରହୁଛି । ଅମଳ ଧାନ ବାହାରେ ରହୁଛି ବର୍ଷା ଆସିଲେ ଧାନ ଭିଜି ଗଜା ଫିଟିବାର ସୁନିଶ୍ଚିତ । ଚାଷୀ ଧାର କରଜ କରି ଚାଷ କରିଛନ୍ତି । ସରକାର ଧାନ କିଣିବା ବିଳମ୍ବ କରୁଥିବାରୁ ଚାଷୀ ଋଣ ସୁଝିବା ପାଇଁ ବାଧ୍ୟ ହୋଇ ଚାଷୀ ଧାନକୁ ଶାଗ ମାଛ ଦରରେ ବେପାରୀଙ୍କୁ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଚାଷୀଙ୍କ କହିବା ମୁତାବକ, ଅମଳ ହେବା ପରେ ପରେ ଧାନ ବିକିଲେ ଚଳିବ ।



ଫେବ୍ରୁଆରୀ ଶେଷ କିମ୍ବା ମାର୍ଚ୍ଚ ମାସ ହେଲେ ଚାଷୀ ଝଡ ତୋଫାନରେ ଶିକାର ହେବେ। ତେଣୁ ସରକାର ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ମାସର ପ୍ରଥମ ସପ୍ତାହରୁ ଧାନ କିଣିବା ଆରମ୍ଭ କରିଲେ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ଜଗନ୍ନାଥ ମହାନ୍ତ, ମହେନ୍ଦ୍ର ମହାନ୍ତ, ଦଶରଥ ନାୟକ, ହଳଧର ପରିଡ଼ା, ଶଙ୍କର୍ଷଣ ପରିଡ଼ା, କୁଳମଣୀ ସିଂହ, ଡାକ୍ତର ମହାନ୍ତ, ରାଜେଶ ମୁଦି, ହରେକୃଷ୍ଣ ମହାନ୍ତ, ଦେବାନନ୍ଦ ବାରିକ, ଭଗବାନ ମୁଣ୍ଡା, ରୁଦ୍ରନାରାୟଣ ଘଣା , ଡାକ୍ତର ବାରିକ , ଗୌତମ ମହାନ୍ତ , ଗୌର ମହାନ୍ତ, ବିଭୂରଞ୍ଜନ ପରିଡ଼ା, ରସାନନ୍ଦ ମହାନ୍ତ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଏ ନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁଙ୍କୁ ପଚାରିବାରୁ କୁହନ୍ତି ଜିଲ୍ଲାରେ ଆସନ୍ତା ୨୬ ତାରିଖରୁ ଧାନ କିଣା ଆରମ୍ଭ କରାଯିବ । ଏଥି ନିମନ୍ତେ କମିଟି ବୈଠକ ବସୁଛି । ମିଲର ସହିତ ଆଲୋଚନା ଜାରି ରହିଛି ବୋଲି କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ବୁଧବାର–ଷଷ୍ଠୀ |
|---|---|
| ୧୧.୧୨.୨୦୨୫ | ନକ୍ଷତ୍ର– ମଘା, ସିଂହଚନ୍ଦ୍ର |



| | | |
|---|---|---|
| ମେଷ | : | କାର୍ଯ୍ୟରେ ବାଧା ଉପୁଜିବ । |
| ବୃଷ | : | ପାରିବାରିକ କଳହକୁ ନେଇ ମନସ୍ତାପ କରିବେ । |
| ମିଥୁନ | : | ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| କର୍କଟ | : | ଆୟରେ ବାଧାବିଘ୍ନ ଦେଖାଦେବ । |
| ସିଂହ | : | ଆର୍ଥିକ ଲାଭ ହେବ । |
| କନ୍ୟା | : | ସମସ୍ୟା ନେଇ ମନସ୍ତାପରେ ରହିବେ । |
| ତୁଳା | : | କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ । |
| ବିଛା | : | ଧନଲାଭ ଯୋଗ ରହିଛି । |
| ଧନୁ | : | ପେଟପୀଡ଼ା କଷ୍ଟ ଦେବ । |
| ମକର | : | ଦୁର୍ଘଟଣା ଭୟ ରହିଛି । |
| କୁମ୍ଭ | : | ହସଖୁସିରେ ଦିନ କଟିବ । |
| ମୀନ | : | ସୁସମ୍ବାଦ ପ୍ରାପ୍ତି ହେବେ । |

# ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

ସମ୍ବଲପୁର, ୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ସମ୍ବଲପୁର ଉପକଣ୍ଠରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି । ହୀରାକୁଦ ନିକଟ କ୍ଷେତରାଜପୁର ଥାନା ଅଧୀନ ଲକ୍ଷ୍ମୀଡୁଙ୍ଗୁରି ପାହାଡ଼ ପାଖରେ ଜଣେ ଯୁବକଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ହୋଇଛି । ମୃତ ବ୍ୟକ୍ତି ହେଲେ ଅଭୟ କୁମାର ଦାସ । ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି ।

ସୂଚନା ଅନୁସାରେ ହୀରାକୁଦ ଆଇଟିଆଇ ଅଞ୍ଚଳର ଅଭୟ କୁମାର ଦାସ ଗତକାଲି ଅପରାହ୍ଣରେ ସମ୍ବଲପୁର ଯାଇଥିଲେ । ତାଙ୍କର ବଡ଼ବାପାଙ୍କର ଏକ ଘରୋଇ ହସ୍ପିଟାଲରେ ଅପରେସନ୍ ହୋଇଥିବାରୁ ସେ ଭେଟିବାକୁ ଯାଇଥିଲେ । ଏହି ସମୟରେ ତାଙ୍କୁ ବାରମ୍ବାର ଫୋନ୍ କଲ ଆସିଥିଲା । ଶେଷରେ ଫୋନ୍ କଲ କରିଥିବା ବ୍ୟକ୍ତିଙ୍କ ପାଖକୁ ଅଭୟ ଯାଇଥିଲେ । ସେବେ ଠାରୁ ସେ ଆଉ ଘରକୁ ଫେରି ନଥିଲେଛ ଆଜି ଅପରାହ୍ଣରେ ଅଭୟଙ୍କର ମୃତଦେହ ଠାବ ହୋଇଥିଲା । ସ୍ଥାନୀୟ ଲୋକେ ମୃତଦେହ ଦେଖି ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ହୀରାକୁଦ ପଥର ଲାଇନ୍ ନିକଟ ସବଷ୍ଟେସନ ପଡ଼ା ଅଞ୍ଚଳରେ କାଲୁ ବାହାଦୂରକୁ (୩୦)କୁ ଗତମାସ ୩ ତାରିଖରେ ହତ୍ୟା କରାଯାଇଥିଲା । କାଲୁ ଷ୍ଟୋରଛକ ପଟୁ ଦୁର୍ଗାମନ୍ଦିରକୁ ଯାଉଥିବା ସମୟରେ ସବଷ୍ଟେସନପଡ଼ା ନିକଟରେ ସଙ୍ଘବଦ୍ଧ ଭାବେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ । ସିମେଣ୍ଟ ଇଟା ବ୍ଲକରେ ଆକ୍ରମଣ କରାଯିବା ପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା । ଏହା ଯୋଜନା ବଦ୍ଧ ଭାବେ ଆକ୍ରମଣ କାଲୁ ବାହାଦୂରର ସାଙ୍ଗ ସତ୍ୟ ରଞ୍ଜନ ଧଳ ବାଇକର ପଛପଟେ ବସିଥିବା ବେଳେ ତାକୁ ମଧ୍ୟ ଆକ୍ରମଣ ହୋଇଥିଲା ସେ ଅଳ୍ପକେ ବର୍ତ୍ତୀ ଯାଇଥିଲେ ଆହତ ହୋଇଦୌଡି ପଳାଇଥିଲେ । ପରେ ସତ୍ୟଙ୍କୁ ଉଦ୍ଧାର କରାଯାଇ ଭିମସାରରେ ଭର୍ତ୍ତି କରାଯାଇଥିଲାଛ ପୁଲିସ୍ ସେହି ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି କିଛି ସୁରାକ୍ ପାଇଥିଲା । ପୁର୍ବ ଶତ୍ରୁତାକୁ ନେଇ ଏହି ଘଟଣାଟି ହୋଇଥିବା ନେଇ ପୁଲିସ୍ ଅନୁମାନ କରିଥିଲା । ପରେ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିଥିଲା ।

## ସାଇବର ଠକେଇ ଅଭିଯୋଗରେ ୩ ଗିରଫ

ଆନନ୍ଦପୁର, ୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଦୁଇଟି ପୃଥକ୍ ପୃଥକ ମାମଲାରେ ୩ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗୋଟିଏ ମାମଲା ଘଷିପୁରା ଥାନାରେ ହୋଇଥିବାବେଳେ ଅନ୍ୟଟି ନନ୍ଦିପଦା ଥାନାରେ ହୋଇଛି । ଏନେଇ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଘଷିପୁରା ଥାନା ଖଡିବିଲି ଗାଁର ହରିହର ଜେନା, ଘଷିପୁରା ଗାଁର ବିକାଶ ଜେନା ଓ ଭଦ୍ରକ ଜିଲା ତିହିଡି ଅଞ୍ଚଳର ଧୃତି ସୁନ୍ଦର ସ୍ୱାଇଁ । ଅଭିଯୁକ୍ତଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କ ପାଞ୍ଚଟି ପାସ୍‌ବୁକ ଓ ମୋବାଇଲ ଫୋନ ପୋଲିସ ଜବତ କରିଛି । ଘଷିପୁରାର ରାହୁଲ ପାତ୍ରଙ୍କ ଅଭିଯୋଗ ଅନୁସାରେ ତାଙ୍କ ଘର ନିକଟରେ ରହୁଥିବା ବିକାଶ ଜେନା ତାଙ୍କୁ ଏକ ବ୍ୟାଙ୍କ ଖାତା ଖୋଲିବାକୁ କହିଥିଲେ । ବିକାଶ ଅନଲାଇନ ଗେମ୍ ଖେଳିବାପରେ ସେହି ଆକାଉଣ୍ଟରେ ଟଙ୍କା ଆସିବ ଓ ସେ ରାହୁଲଙ୍କୁ କିଛି ଟଙ୍କା ଦେବାବୋଲି ପ୍ରଲୋଭିତ କରିଥିଲେଛ ପରେ ଆହୁରି ଅନେକ ବ୍ୟାଙ୍କରେ ବିକାଶ ରାହୁଲ ନାମରେ ଜମାଖାତା ଖୋଲି ୫ଲକ୍ଷ ଟଙ୍କାର କାରବାର କରିଥିଲେ । ପରେ ଏହିଭଳି ଭାବେ ବିକାଶ ବିଭିନ୍ନ ଲୋକଙ୍କ ନାରେ ଜମାଖାତା ଖୋଲି ସାଇବର ଠକେଇ କରୁଥିବା ଜାଣିବାପରେ ରାହୁଲ ଘଷିପୁରା ଥାନାରେ ଅଭିଯୋଗ କରିଥିଲେ । ଘଷିପୁରା ପୋଲିସ ଏହି ଘଟଣାର ତଦନ୍ତରେ ବିକାଶ ଓ ତା'ର ସହଯୋଗୀ ହରିହର ଜେନାଙ୍କୁ ଗିରଫ କରିଛି । ସେହିଭଳି ହାଟଡିହି ସୂର୍ଯ୍ୟନାରାୟଣ ମହାନ୍ତିଙ୍କୁ ଟଙ୍କା ଲୋଭ ଦେଖାଇ ତାଙ୍କ ଜମାଖାତା ମାଧ୍ୟମରେ ସାଇବରଫ୍ରଡ କରିଥିବା ଭଦ୍ରକ ଜିଲା ତିହିଡି ଅଞ୍ଚଳର ଧୃତି ସୁନ୍ଦର ସ୍ୱାଇଁଙ୍କୁ ଗିରଫ କରିଛି ନନ୍ଦିପଦା ପୋଲିସ । ତେବେ ଏମାନଙ୍କ ମାଷ୍ଟରମାଇଣ୍ଡକୁ ଖୁବଶୀଘ୍ର ଗିରଫ କରିବାକୁ ପୋଲିସ ପ୍ରୟାସ ଚଳାଇଥିବା କହିଛନ୍ତି ଏସଡିପିଓ ।

# ଆଇପିଏଲ କମ୍ପାନୀ ନାଁରେ ଅଭିଯୋଗ: ନାଳରେ ଛାଡୁଛି ଦୂଷିତ ପାଣି

ଭବାନୀପାଟଣା, ୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ତଳଜାରିଙ୍ଗରେ ଅବସ୍ଥାପିତ ଥିବା ଆଇପିଏଲ (ଇଣ୍ଡିଆନ ପଟାସ ଲିମିଟେଡ) କମ୍ପାନୀ ଇଥାନଲ ଉତ୍ପାଦନ କରୁଥିବା ସମୟରେ ସ୍ଥାନୀୟ ଖମାର ନାଳରେ ଦୂଷିତ କେମିକାଲ ପାଣି ଛଡାଯାଉଛି । ଫଳରେ ଗନ୍ଧ ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ଏହାପରେ ଅଞ୍ଚଳର ସାମାଜିକ କର୍ମୀ ଦିଲ୍ଲୀପ କୁମାର ନାୟକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଅଭିଯୋଗ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏହି ସମସ୍ୟା ବିଷୟରେ ସେ ଟୁଇଟ କରିଥିଲେ । ଆଇପିଏଲ କିପରି ଲୋକଙ୍କ ଜୀବନ ସହ ଖେଳି ନାଳରେ ଦୂଷିତ ପାଣି ଛାଡୁଥିବା ଓ ଦୂଷିତ ବାଷ୍ପ ଯୋଗୁ ପରିବେଶ କିପରି ଦୂଷିତ ହେବା ସହ ଅଞ୍ଚଳରେ କିପରି ଶ୍ୱାସ ଜନିତ ସମସ୍ୟା ହେଉଛି ତାହା ଉପରେ ସେ ଅଭିଯୋଗରେ ଦର୍ଶାଇଥିଲେ । ତେବେ ରାଜ୍ୟ ପ୍ରଦୂଷଣ ବୋର୍ଡ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେଇ ପୁରୁଣା (ମାର୍ଚ୍ଚ ମାସର) ରିପୋର୍ଟ ପ୍ରଦାନ କରି କମ୍ପାନୀକୁ ବଞ୍ଚାଇ ନିଜ ଦାୟିତ୍ୱ ସାରିଦେଇଥିଲେ । ଫଳରେ



ରାଜ୍ୟ ପ୍ରଦୂଷଣ ବୋର୍ଡ ଏହି ଘଟଣାରେ କୋଣସି କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ପ୍ରଦୂଷଣ ବୋର୍ଡ଼ କର୍ତ୍ତୃପକ୍ଷଙ୍କ ଅପାରଗତା ତଥା କମ୍ପାନୀ ପ୍ରତି ତାଙ୍କର ଆନୁଗତ୍ୟ ଥିବା ସ୍ପଷ୍ଟ ସୂଚାଇ ଦେଉଛି ।

ଏପରି ଅବହେଳାକୁ ନେଇ ସୋମବାର ସାମାଜିକ କର୍ମୀ ଦିଲ୍ଲୀପ କୁମାର ଦାସ ଆଇପିଏଲ ନାଁରେ ଜାତୀୟ ମାନବ ଅଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି । କମିଶନଙ୍କ ଦ୍ୱାରା ଡାଏରୀ ନମ୍ବର ୨୮୧୪୯ / ଆଇ ଏନ/ ୨୦୨୫ ଭାବରେ ଗୃହୀତ ହୋଇଛି । ତେବେ ଏନଏଚଆରସି ଏହି ଘଟଣାରେ କେତେ ଦୂର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ପୋଲ ତଳକୁ ବାଇକ୍ ଖସି ୨ ମୃତ

ନୟାଗଡ଼, ୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ତୋରିଗାଡିଆ ନିକଟରେ ସୋମବାର ବିଳମ୍ବିତ ରାତିରେ ପୋଲ ତଳକୁ ଏକ ବାଇକ୍ ଖସିଯିବାରୁ ୨ ଜଣକ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଧଖୋଲା ଗ୍ରାମର ଫକିର ନାୟକ ଏବଂ ରାଜେନ୍ଦ୍ର ନାୟକ ।

ସୂଚନାନୁଯାୟୀ, ଫକିର ଏବଂ ରାଜେନ୍ଦ୍ର କୌଣସି କାମରେ ବେଲଦ୍ୱାର ପଟୁ ବିଳମ୍ବିତ ରାତିରେ ଗୋଟିଏ ବାଇକରେ ଫେରୁଥିଲେ । ଓଡଗାଁ ଥାନା ତୋରିଗାଡିଆ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ପୋଲ ତଳକୁ ଖସି ପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ଆଜି ସକାଳେ ସ୍ଥାନୀୟ ଲୋକେ ପୋଲ ତଳେ ଦୁଇ ଜନଙ୍କୁ ପଡ଼ିଥିବାର ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଓଡ଼ଗାଁ ମେଡିକାଲକୁ ପଠାଇଥିଲେ । ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ ।

## ଗୋରୁ ବୋଝେଇ ପିକଅପ ଜବତ, ଡାଇଭର ଫେରାର

ମୁରିବାହାଲ, ୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ଦିନକୁ ଦିନ ବଢ଼ିବାରେ ଲାଗିଛି ଗୋ ଚାଲାଣ, ଏବେ ଜାତୀୟ ରାଜପଥ ରାସ୍ତା ଛାଡି ଗ୍ରାମାଞ୍ଚଳ ରାସ୍ତାକୁ କରିଛନ୍ତି ମାଧ୍ୟମ ଗୋ–ଚାଲାଣ କାରମାନେ । ଗୋ–ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ସୋମବାର ରାତ୍ର ୯ ଘଣ୍ଟା ସମୟରେ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ହଳଦୀ ଗ୍ରାମରେ ଗୋରୁ ବୋଝେଇ ଏକ ପିକଅପ ଭ୍ୟାନ(ଓଡି ୦୩ଟି ୫୧୪୧)କୁ ଗ୍ରାମବାସୀ ଓ ବଜରଙ୍ଗ ଦଳ କାବୁ କରିଛନ୍ତି । ସୂଚନା ଅନୁସାରେ ମୁରିବାହାଲ ପଟରୁ ଦ୍ରୁତଗତିରେ ଆସୁଥିବା ନେଇ ସନ୍ଦେହ କରି ପିକଅପ ଭ୍ୟାନକୁ ହଳଦୀ ଗ୍ରାମବାସୀ ଅଟକାଇ ଥିଲେ ଅଟକାଇବାବେଳେ ଡ୍ରାଇଭର ଗାଡି ଛାଡି ପଳାଇଥିଲା ଫଳରେ ହଳଦୀ ଗ୍ରାମବାସୀ ବଜରଙ୍ଗ ଦଳ ମୁରିବାହାଲକୁ ଫୋନ୍ କରିଥିଲେ । ବଜରଙ୍ଗ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ମୁରିବାହାଲ ପୋଲିସକୁ ଜଣାଇଥିଲେ । ଚାଲାଣ ହେଉଥିବା ୫ଟି ମହିଷୀକୁ ଉଦ୍ଧାର କରି ଗୋଶାଳାକୁ ପଠାଯାଇଥିଲା । ପୋଲିସ ଉକ୍ତ ପିକଅପ ଭ୍ୟାନକୁ ପୋଲିସ ଷ୍ଟେସନକୁ ନେଇ ଅଧିକ ତଦନ୍ତ କରୁଛନ୍ତି । ଉଦ୍ଧାର ବେଳେ ମୁରିବାହାଲ ବଜରଙ୍ଗ ଦଳର ସାନ ସାହୁ, ଗୋବିନ୍ଦ ସେଠ, ରାଜ ନାଗ, ଯଶ ଶର୍ମା, ନିତୁ କର୍ମୀ, ସମ୍ପଦ ଆଚାରି, ହଳଦୀ ଗ୍ରାମ ବାସୀ ଓ ମୁରିବାହାଲ ପୋଲିସ ଉପସ୍ଥିତ ଥିଲେ ।

# ଅସ୍ତ୍ରୋପଚାରରେ ତ୍ରୁଟି, ମହିଳା ମୃତ

ଧର୍ମଶାଳା, ୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନରେ ଥିବା ଜାରକାସ୍ଥିତ ଏକ ଘରୋଇ ହସ୍ପିଟାଲରେ ତ୍ରୁଟିଜନିତ ଅସ୍ତ୍ରୋପଚାର ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ମୃତ ମହିଳାଙ୍କ ପୁଅ ସୋମବାର ବିଳମ୍ବିତ ରାତ୍ରରେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି ।

ମିଳିଥିବା ସୂଚନା ଅନୁସାରେ, ଏହି ଥାନା ଭୁବନ ଗ୍ରାମର ଗୌରୀ ପଣ୍ଡିତଙ୍କ ପତ୍ନୀ ରଞ୍ଜିତା ପଣ୍ଡିତ(୪୫) ତାଙ୍କ ଗର୍ଭାଶୟ ଷ୍ଟୋନ ହୋଇଥିବାରୁ ସେ ଗତ ୪ ତାରିଖ ଗୁରୁବାର ଦିନ ଜାରକାସ୍ଥିତ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରିଥିଲେ । ଚିକିତ୍ସା ହୋଇ ଘରକୁ ଫେରିବା ପରେ ତାଙ୍କର ପରିସ୍ରା ବନ୍ଦ ହୋଇଯାଇଥିଲା । ପୁଣି ସେ ଏହି ହସ୍ପିଟାଲକୁ ଆସିଥିଲେ । ଡାକ୍ତର ତାଙ୍କୁ ସଲାଇନ ଦେଇଦେଲେ ପରିସ୍ରା ହେବ ବୋଲି କହି ଛାଡ଼ି ଦେଇଥିଲେ । କିନ୍ତୁ ଏହା ପରେ ବି ପରିସ୍ରା ନ ହେବାରୁ ତାଙ୍କୁ କଟକ ନେଇଯିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ କହିଥିଲେ । ପରିବାର ପକ୍ଷରୁ ରଞ୍ଜିତାଙ୍କୁ ଭୁବନେଶ୍ୱର ସମ ହସ୍ପିଟାଲ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ଏହି ଘରୋଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ଡାକ୍ତରଙ୍କ ତ୍ରୁଟିଜନିତ ଅସ୍ତ୍ରୋପଚାର ଯୋଗୁ ମୃତ୍ୟୁ ହୋଇଥିବା ସ୍ୱାମୀ ଗୌରୀ ପଣ୍ଡିତ ଓ ପୁଅ ହିମାଂଶୁ ପଣ୍ଡିତ ସିଧାସଳଖ ଅଭିଯୋଗ ଆଣିଛନ୍ତି । ପୁଅ ହିମାଂଶୁ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଧର୍ମଶାଳା ଥାନା ଭାରାପ୍ରାପ୍ତ ଅଧିକାରୀ ରମାକାନ୍ତ ନାୟକ କହିଛନ୍ତି । ଅନ୍ୟପକ୍ଷରେ ଏହି ହସ୍ପିଟାଲରେ ଏହି ଭଳି ତ୍ରୁଟି ଜନିତ ଚିକିତ୍ସାରେ ମୃତ୍ୟୁ ଘଟଣା ଅନେକଥର ହୋଇ ଥିବାବେଳେ ପ୍ରଶାସନ ପକ୍ଷରୁ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଲୋକେ ଅଭିଯୋଗ କରିଛନ୍ତି ।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ଭବାନୀପାଟଣା, ୯।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

କୋକସରା ଥାନା ଅନ୍ତର୍ଗତ ମୋଟେର ଫାଣ୍ଡି ନିକଟ ଧାନ ମଣ୍ଡି ପାଖରେ ଏକ ଟ୍ରାକ୍ଟର ଧକ୍କାରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ଖୁଟୁଲୁଗୁଡା ଗାଁର ରାମେଶ୍ୱର ଦଳପତି (୪୦) ଏବଂ ଗୁରୁତର ସେହି ଗାଁର ରିତେଶ ବନ୍ଦୀଛୋଡ ବୋଲି ଜଣାପଡିଛି । ମୃତାହତ ଉଭୟେ ସନ୍ଧ୍ୟାରେ ବାଇକରେ ନିଜ ଗାଁରୁ ମୋଟେର ପଟେ ଆସୁଥିବା ସମୟରେ ଟ୍ରାକ୍ଟର ଧକ୍କା ଦେଇଥିବା କୁହାଯାଉଛି । ପରିବାର ଲୋକେ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ ଏବଂ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ମୋଟେର ଫାଣ୍ଡି ଅଧିକାରୀ ମନଧର ମାଝୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ।

# ବାଲି ସୈରାତ ନ ଥାଇ ବେଧଡକ ବାଲି ଉଠାଣ

ମାହାଙ୍ଗା, ୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଏବେ ମାହାଙ୍ଗା ଅଂଚଳରେ ବାଲି ମାଫିଆମାନେ ସକ୍ରିୟ ହୋଇ ଦିନ ଦ୍ୱିପ୍ରହରରେ ବେଆଇନ ବାଲି ଉଠାଣ କରି ହେଉଛନ୍ତି ମାଲେ ମାଲେ । ପ୍ରକାଶ ଥାଉ କି ମାହାଙ୍ଗା ତହସିଲ ଅଞ୍ଚଳରେ ବେଧଡକଭାବେ ବେଆଇନ କାର୍ଯ୍ୟ ଦିନକୁ ଦିନ ବଢି ବଢି ଚାଲିଛି । ଖଣି ବିଭାଗ ଠାରୁ ଆରମ୍ଭ କରି ତହସିଲ ପ୍ରଶାସନ ମାଫିଆମାନଙ୍କ ଦ୍ୱାରା ହେଉଥିବା ବେଆଇନ କାର୍ଯ୍ୟକୁ ଆଖିବୁଜି ଦେଇଛି ।

ପ୍ରକାଶ ଥାଉ କି ଆଜି ସକାଳେ କୁମୁଡା ଜୟପୁର ଫାଣ୍ଡି ନିକଟ ବଡଗେଙ୍ଗୁଟୀ ନଦୀରୁ ସ୍ଥାନୀୟ ଅଞ୍ଚଳର ଦୁଇ ଗାଡି ଚାଳକ ସ୍ୱରାଜ କଂପାନୀର ନମ୍ବର ବିହୀନ ଟ୍ରାକ୍ଟରରେ ବେଆଇନ ଭାବେ ଚୋରା ବାଲି ବୋଝେଇ କରି ନେଉଥିବା ଦେଖିବାକୁ ମିଳିଛି । ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟରର ଆଗ ପଟ ବ୍ଲୁ ରଙ୍ଗ ହୋଇଥିବା ବେଳେ ପଛପଟ ଡାଲା ଲାଲ ଓ ଗ୍ରିନ ରଙ୍ଗର ଅଟେ । ନିକଟରେ କୁମୁଡା ଜୟପୁର ଫାଣ୍ଡି ରହିଥିଲେ ସୁଦ୍ଧା ପୋଲିସ ସବୁ ଜାଣି ଚୁପ ହୋଇ ବସି ରହିବା ତାଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି । ସେହିପରି ଖଣି ବିଭାଗ ସ୍ଥାଣୁ ପାଲଟି ଯାଇଛନ୍ତି । ଏହି ବାଲିଘାଟରୁ ବେଆଇନଭାବେ ବାଲି ଉତ୍ତୋଳନ କରାଯାଇ ପ୍ରତିଦିନ ଶହ ଶହ ଟ୍ରିପ ବାହାର ଜିଲ୍ଲାକୁ ଚାଲାଣ କରାଯାଉଛି । ଖଣି ଓ ତହସିଲ ପ୍ରଶାସନ ସବୁ ଦେଖି ଜାଣି ଆଖି ବୁଜି ଦେଇଛନ୍ତି । ତେଣୁ ବେଆଇନ ବାଲିଉଠାଣ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କଟକ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି । ଏ ସଂପର୍କରେ ଖଣିବିଭାଗ ଅଧିକାରୀ ଜ୍ଞାନରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରୁ ଏକ ସ୍କାର୍ଡ ଗଠନ କରାଯାଇ ଚଢାଉ ଜାରୀ ରହିଥିବା କହିଥିଲେ ।

## ଶିକାରୀ ଫାଶରେ ପଡ଼ି କଲରାପତରିଆ ମୃତ

ଅନୁଗୁଳ : ଏକ୍ସପ୍ରେସ୍ ନ୍ୟୁଜ୍

ଶିକାରୀ ଫାଶରେ ପଡି କଲରାପତରିଆ ବାଘ ମୃତ । ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଡ଼ିମିରିପାଳ ଗାଁ ନିକଟରେ ଏକ କଲରାପତରିଆ ବାଘ ଯନ୍ତାରେ ପଡିଯାଇଥିଲା । ଜନ୍ତୁ ଶିକାର ପାଇଁ ଗାଁରେ ଏହି ଫାଶ ବସାଯାଇଥିଲା । ସେହି ଯନ୍ତାରେ କଲରାପତରିଆ ବାଘ ପଡି ଛଟପଟ ହେବା ସହ ଗର୍ଜନ କରିଥିଲା । ଯାହାକୁ ନେଇ ଗାଁଲୋକେ ଆତଙ୍କିତ ହୋଇପଡିଥିଲେ । ବାଘକୁ ଯନ୍ତାରୁ ନିଶ୍ଚେତକ ଦେଇ ଉଦ୍ଧାର କରାଯାଇ କରି କୁଲାସିଂହା ନର୍ସରୀରେ ରଖାଯାଇଥିଲା । ହେଲେ ସେଠାରେ ବାଘଟିର ମୃତ୍ୟୁ ଘଟିଥିବା ବନ ବିଭାଗ ସୂଚନା ଦେଇଛି ।

## ଅଟୋକୁ ଧକ୍କା ଦେଇ ବାଇକ ଚାଳକ ମୃତ

ରାୟଗଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଲକ୍ଷ୍ମୀପୁର ଗାଁରେ ଅଟୋକୁ ଧକ୍କା ଦେଇ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ଘଟିଛି । ମୃତକ ଜଗନ୍ନାଥ କାଶୀ (୧୭) ବୋଲି ଜଣାପଡିଛି । ଆଜି ଲକ୍ଷ୍ମୀପୁର ଗାଁର ଜଗନ୍ନାଥ କାଶୀ, ଅନନ୍ତ ମିଣିଆକା ଓ ଦେବରାଜ ପ୍ରାସ୍କା ମିଶି ଏକ ବାଇକରେ ବୁଲିବା ପାଇଁ ଯାଉଥିଲେଛ ଏତିକିବେଳେ ବିପରୀତ ଦିଗରୁ ଆସୁଥିବା ଅଟୋକୁ ଆରଗାଣ୍ଡା ଗାଁ ନିକଟ ବୁଲାଣି ନିକଟରେ ଧକ୍କା ଦେଇଥିଲା । ଅଟୋରେ ଥିବା ଲୋକଙ୍କର କୌଣସି କ୍ଷତି ହୋଇନାହିଁ । କିନ୍ତୁ ବାଇକ୍ରେ ଥିବା ୩ ଜଣ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଜଗନ୍ନାଥ କାଶୀଙ୍କର ମୃତ୍ୟୁ ଘଟିଛି । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

# ନାହିଁ ନାହିଁରେ ଚାଲିଛି ଚଟିଆଗୁଡ଼ା ଆଶ୍ରମ ବିଦ୍ୟାଳୟ

ସିନାପାଲି, ୯।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷା ହେଉଛି ମାନବ ଜୀବନର ମୂଳମନ୍ତ୍ର । ଶିକ୍ଷା ବିନା ମାନବ ଜୀବନ ମୂଲ୍ୟହୀନ । ଶିକ୍ଷା ପ୍ରତ୍ୟେକ ଜୀବନର ମୂଲ୍ୟବୋଧକୁ ପ୍ରକାଶ କରେ । ବ୍ୟକ୍ତିର ବ୍ୟକ୍ତିତ୍ୱକୁ ନିର୍ମାଣ କରେ ଓ ମାନବ ଜାତିକୁ ଶ୍ରେଷ୍ଠତା ପ୍ରଦାନ କରେ । ବିଦ୍ୟା ଅଧ୍ୟୟନ ଦ୍ୱାରା ମଣିଷର ଅନ୍ତଃଚେତନା ଜାଗ୍ରତ ହୋଇଥାଏ । ତେଣୁ ବିଦ୍ୟା ଅଧ୍ୟୟନ ଏକାନ୍ତ ପ୍ରୟୋଜନ ଅଟେ । ବିଦ୍ୟା ବିଦ୍ୟାର୍ଥୀଙ୍କୁ ଅନ୍ଧାରରୁ ଆଲୋକକୁ ସଂକୀର୍ଣ୍ଣତାରୁ ବ୍ୟାପକତା ଆଡ଼କୁ ଅଗ୍ରସର କରାଏ । ଶିକ୍ଷା ଚରିତ୍ର ନିର୍ମାଣ ଓ ରାଷ୍ଟ୍ର ନିର୍ମାଣ କରେ । ଶିକ୍ଷା ଶୃଙ୍ଖଳା ଓ ଅନୁଶାସନ ଶିଖାଏ । ଶିକ୍ଷା ବିନା ଜଣେ ମଣିଷର ବିଚାର ଶକ୍ତି ପରିମାର୍ଜିତ ହେବା ସହଜ ନୁହେଁ । ସୁସ୍ଥ ଓ ଶଶକ୍ତ ସମାଜ ଗଠନରେ ବିଚାର ଶକ୍ତି ସହିତ ବ୍ୟକ୍ତିର ଭୂମିକା କିଛି କମ୍ ନୁହେଁ । ଜଣେ ନିରକ୍ଷର ଓ ଅଶିକ୍ଷିତ ନାଗରିକ ରାଷ୍ଟ୍ରର ବିକାଶ ଧାରାରେ ସାମିଲ ହେବା ଅସମ୍ଭବ । ତେଣୁ ସମସ୍ତେ ଶିକ୍ଷିତ ଓ ସାକ୍ଷର ହେବାର ଆବଶ୍ୟକ ରହିଛି । ଏହାକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଶିକ୍ଷାନୀତି ପ୍ରଣୟନ କରୁଛନ୍ତି । କିନ୍ତୁ ପରିଚାଳନା କ୍ଷେତ୍ରରେ ବ୍ୟାପକ ତ୍ରୁଟି ଯୋଗୁଁ ତା'ର ସୁଫଳ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରୁନାହିଁ । ଫଳରେ ଶିକ୍ଷାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଦିଗହରା ହୋଇ ବାଟବଣା ହେଉଥିବା ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ଚଟିଆଗୁଡ଼ା ଆଶ୍ରମ ବିଦ୍ୟାଳୟ ।

ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡ଼ା ଏକ ଅନୁସୂଚିତ ଜାତି ଓ ଜନଜାତି ବହୁଳ ଗ୍ରାମ ଅଟେ । ଏହି ଗ୍ରାମରେ ୧୯୫୧ ମସିହାରେ ସ୍ଥାପିତ ହୁଏ ସେବା ଆଶ୍ରମ ବିଦ୍ୟାଳୟ । ପରବର୍ତ୍ତୀ ସମୟରେ ଶିକ୍ଷାର ବିକାଶ ସକାଶେ ଛାତ୍ରଛାତ୍ରୀ ଆଶ୍ରମ ବିଦ୍ୟାଳୟ ଗଢ଼ିଉଠେ । ବର୍ତ୍ତମାନ ଏହି ବିଦ୍ୟାଳୟରେ ସର୍ବମୋଟ ୮ଟି ଶ୍ରେଣୀରେ ୨୮୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ନିୟମିତ ଶିକ୍ଷକ ୪ଜଣ ଓ ୨ଜଣ ଅତିଥି ଶିକ୍ଷକ ସହିତ ୬ଜଣ ଶିକ୍ଷାଦାନ କରୁଛନ୍ତି । ଏହା ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଷଷ୍ଠ, ସପ୍ତମ





ଓ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ହୁଏ । ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟରେ ବିଜ୍ଞାନ, ଗଣିତ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନାହାଁନ୍ତି । ଶିକ୍ଷକ ନଥିବାରୁ ଏହି ବିଷୟଗୁଡ଼ିକର ଶିକ୍ଷକ ନଥିବାରୁ ଓ ଛାତ୍ରଛାତ୍ରୀଙ୍କ ମୂଳଦୁଆ ଭୁଶୁଡି ଯାଇଛି ।

ଚତୁର୍ଥ ଶ୍ରେଣୀରେ ୩୦ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହି ଶ୍ରେଣୀରେ ଗଣିତ, ଇଂରାଜୀ, ପରିବେଶ ଓ ଭାଷା ବିଷୟ ପଢା ଯାଏଛ କିନ୍ତୁ ୫ଜଣ ପିଲା ଗଣିତ ବହି, ୭ଜଣ ପିଲା ଇଂରାଜୀ ବହି, ୫ଜଣ ପିଲା ପରିବେଶ ଓ ୧୯ଜଣ ପିଲା ଭାଷା ବହି ପାଇ ନାହାଁନ୍ତି । ପଞ୍ଚମ ଶ୍ରେଣୀରେ ସେହିପରି ୯ଜଣ ପିଲା ଇଂରାଜୀ ବହି, ୯ଜଣ ପିଲା ପରିବେଶ ବହି ପାଇ ନାହାଁନ୍ତି । ତୃତୀୟ ଶ୍ରେଣୀରେ ସେହି ପରି ସର୍ବମୋଟ ୧୬ଜଣ ପିଲା ପଢୁଥିବା ବେଳେ ତନ୍ମଧ୍ୟରୁ ୪ଜଣ ଗଣିତ ବହି, ୩ଜଣ ଜଣାଅଜଣା ବହି ଓ ଜଣେ ଇଂରାଜୀ ବହି ପାଇ ନାହାଁନ୍ତି । ସେହିପରି ଷଷ୍ଠ ଶ୍ରେଣୀରେ ଇତିହାସ ବହି ୪ଜଣ ଓ ହିନ୍ଦୀ ବହି ୨ଜଣ ପାଇ ନାହାଁନ୍ତି । ସପ୍ତମ ଶ୍ରେଣୀରେ ସର୍ବମୋଟ ୪୮ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଏହି ଶ୍ରେଣୀରେ ଗଣିତ, ବିଜ୍ଞାନ, ସାହିତ୍ୟ, ଭୂଗୋଳ, ଇତିହାସ, ହିନ୍ଦୀ, ସଂସ୍କୃତ ବିଷୟ ଗୁଡ଼ିକ ପଢା ଯାଏ । କିନ୍ତୁ ବିଦ୍ୟାଳୟର ମୋଟ ଛାତ୍ର ଛାତ୍ରୀ ଓ ବିଷୟ ଗୁଡ଼ିକ ମଧ୍ୟରୁ ସାହିତ୍ୟ ବହି ୮ଜଣ, ଗଣିତ ବହି ୨ଜଣ, ଭୂଗୋଳ ବହି ୧ଜଣ, ଇତିହାସ ବହି ୨ଜଣ, ବିଜ୍ଞାନ ବହି ଜଣେ, ହିନ୍ଦୀ ବହି ୨ଜଣ, ସଂସ୍କୃତ ବହି ୫ଜଣ ଓ ଇଂରାଜୀ ବହି ୧ଜଣ ପାଇ ନାହାଁନ୍ତି । ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୪୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪ଜଣ ସଂସ୍କୃତ ବହି ପାଇ ନାହାଁନ୍ତି । ତଥ୍ୟ ଅନୁଯାୟୀ ଜଣାପଡେ ଯେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ । ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକର ଶିକ୍ଷକ ନାହାଁନ୍ତି ଆଉ କେତୋଟି ମାସ ଗଲେ ଶିକ୍ଷାବର୍ଷ ଶେଷ ହେବ । ବର୍ତ୍ତମାନ ସୁଦ୍ଧା ଛାତ୍ରଛାତ୍ରୀମାନେ ସମସ୍ତ ବିଷୟ ଗୁଡ଼ିକର ବହି ପାଇ ପାରି ନାହାନ୍ତି । ଶିକ୍ଷା ବର୍ଷ ଶେଷ ହୋଇ ଆସୁଥିବା ବେଳେ ଶିକ୍ଷକ ଅଭାବ ଓ ବହିର ଅଭାବ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଥିବା ମନେହୁଏ । ଏହା କିପରି ଶିକ୍ଷାନୀତି ଅଭିଭାବକ ମହଲରେ ଶିକ୍ଷାନୀତିକୁ ନେଇ ଓ ତା'ର ଫଳାଫଳକୁ ନେଇ ଚର୍ଚ୍ଚା ଜୋର ଧରିଛି । ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳା ଯାଉଛି । ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଜନସାଧାରଣ । ସରକାର ପ୍ରତ୍ୟେକ ସରକାରୀ ବିଦ୍ୟାଳୟକୁ ବର୍ଷକୁ ୨ଖଣ୍ଡ ମାଗଣା ପୋଷାକ ଦେଉଛନ୍ତି । ବିଦ୍ୟାଳୟର କେତେକ ଛାତ୍ରଛାତ୍ରୀ ବର୍ତ୍ତମାନ ସୁଦ୍ଧା ୧ଖଣ୍ଡ ପୋଷାକ ପାଇଛନ୍ତି । ଅଷ୍ଟମ ଶ୍ରେଣୀରେ ୧୮ଜଣ ଛାତ୍ରୀ ପଢୁଛନ୍ତି । ତନ୍ମଧ୍ୟରୁ ୮ଜଣ ଛାତ୍ରୀଙ୍କୁ ବର୍ତ୍ତମାନ୍ ସୁଦ୍ଧା ଖଣ୍ଡେ ଲେଖାଏ ସ୍କୁଲ ପୋଷାକ ଦିଆଯାଇଥିବା ଏକ ଉଦାହରଣ ଅଟେ । ଏହିପରି ଅନ୍ୟ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟ ସ୍କୁଲ ପୋଷାକ ପାଇ ନଥିବା ଅଭିଯୋଗ କରିଛନ୍ତି । ସରକାର ପ୍ରତ୍ୟେକ ସରକାରୀ ବିଦ୍ୟାଳୟକୁ ମାଗଣା ବହି, ମାଗଣା ପୁଷ୍ଟିକର ଖାଦ୍ୟ, ମାଗଣା ସ୍କୁଲ ପୋଷାକ ଯୋଗାଉଛନ୍ତି । କିନ୍ତୁ ପ୍ରଶାସନର ଦାୟିତ୍ୱହୀନତା, ମନମୁଖୀ, ଉଦାସୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଛାତ୍ରଛାତ୍ରୀ ମାନେ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । କେଉଁଠି ଏହାର ବାଟ ମାରଣା ହେଇଛି ତଦନ୍ତ ସାପେକ୍ଷ ଅଟେ । ଏଣୁ ସରକାର ଏହି ଆଶ୍ରମ ବିଦ୍ୟାଳୟର ଅନିୟମିତତା ଓ ଅବ୍ୟବସ୍ଥା ଉପରେ ତୁରନ୍ତ ତଦନ୍ତ କରି ସୁବ୍ୟବସ୍ଥା ଓ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଏବଂ ଅଭିଭାବକ ଅଭିଭାବିକ ତରଫରୁ ଦାବି ହେଉଛି ।

- ବହିର ଉତ୍ତରାଧିକାରୀ କିଏ ହେବ? ନିୟମିତ ବହି ଥାକ କିଏ ଝାଡ଼ିବ? ଏ ପିଢ଼ିର ପିଲାଏ ବହିକୁ ଆବର୍ଜନା ବୋଲି ଭାବିବେ ଦିନେ । ଛୋଟିଆ ସ୍ମାର୍ଟଫୋନରେ ତ ସବୁ ଅଛି, ଏବେ ସାହିତ୍ୟ ବି ସେଇଥିରେ । ସମୟ କାଟିବାର ଏକ ମାତ୍ର ମାଧ୍ୟମ ଏବେ ସ୍ମାର୍ଟଫୋନ୍ । ଅନେକ ମୁଖରୋଚକ ଖବର ସେଥିରେ ଆଉ ରସାଳ ଭିଡ଼ିଓ ଦେଖିବାର ସୁଯୋଗ । ବହି କ'ଣ ତା'ର ବିକଳ୍ପ ହୋଇପାରିବ?
- ବହି ସାଇତିବା ଏବଂ ପଢ଼ିବା ଯେଉଁମାନଙ୍କର ନିଶା ଥିଲା ସେମାନେ ମଧ୍ୟ ବୁଡ଼ିଗଲେଣି ସ୍ମାର୍ଟଫୋନ୍ ଭିତରେ । ଛନ୍ଦି ହୋଇଗଲେଣି ସ୍ମାର୍ଟଫୋନ୍‌ର ମାୟାଜାଲରେ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୦ ଡିସେମ୍ବର, ୨୦୨୫ | ବୁଧବାର

ଓଡ଼ିଶା ଏକ୍ସପ୍ରେସ୍

# ବହିର ଉତ୍ତରାଧିକାରୀ ମିଳୁନାହାନ୍ତି!

ବହିର ଭବିଷ୍ୟତ ଖୁବ୍ ଧୂଆଁଳିଆ ଏବେ । ଯେଉଁ ବହିପ୍ରେମୀମାନେ ବହିର ଲୋଭ ସମ୍ବରଣ କରିନପାରି ଅନ୍ୟାନ୍ୟ ଖର୍ଚ୍ଚରୁ କାଟି, ଏଭଳିକି ପେଟରୁ କାଟି ବହି କିଣୁଥିଲେ ଏବେ ସେମାନଙ୍କ ପାଖରେ କିଣିବାର ସାମର୍ଥ୍ୟ ଥିଲେ ମଧ୍ୟ କିଣିବାର ଇଚ୍ଛା ମରିଗଲାଣି । ବହିମେଳାକୁ ଗଲେ ବହି କିଣିବାକୁ ଇଚ୍ଛା ହେବ, ଏଇ ଭୟରେ ଅନେକେ ବହିପ୍ରେମୀ ବହିମେଳାକୁ ଯାଉନାହାନ୍ତି ।

ବହିର ଉତ୍ତରାଧିକାରୀ କିଏ ହେବ? ନିୟମିତ ବହି ଥାକ କିଏ ଝାଡ଼ିବ? ଏ ପିଢ଼ିର ପିଲାଏ ବହିକୁ ଆବର୍ଜନା ବୋଲି ଭାବିବେ ଦିନେ । ଛୋଟିଆ ସ୍ମାର୍ଟଫୋନରେ ତ ସବୁ ଅଛି, ଏବେ ସାହିତ୍ୟ ବି ସେଇଥିରେ । ସମୟ କାଟିବାର ଏକ ମାତ୍ର ମାଧ୍ୟମ ଏବେ ସ୍ମାର୍ଟଫୋନ୍ । ଅନେକ ମୁଖରୋଚକ ଖବର ସେଥିରେ ଆଉ ରସାଳ ଭିଡ଼ିଓ ଦେଖିବାର ସୁଯୋଗ । ବହି କ'ଣ ତା'ର ବିକଳ୍ପ ହୋଇପାରିବ?

ବହି ସାଇତିବା ଏବଂ ପଢ଼ିବା ଯେଉଁମାନଙ୍କର ନିଶା ଥିଲା ସେମାନେ ମଧ୍ୟ ବୁଡ଼ିଗଲେଣି ସ୍ମାର୍ଟଫୋନ୍ ଭିତରେ । ଛନ୍ଦି ହୋଇଗଲେଣି ସ୍ମାର୍ଟଫୋନ୍‌ର ମାୟାଜାଲରେ ।

ଅନେକେ ବୟସ୍କ ଲୋକ ଏବେ ସେମାନଙ୍କ ସଂଗୃହୀତ, ସଂରକ୍ଷିତ ନିଜ ବହି ଏବଂ ସେମାନଙ୍କ ଘରୋଇ ଲାଇବ୍ରେରୀର ଭବିଷ୍ୟତକୁ ନେଇ ଚିନ୍ତାରେ । କିଏ ହେବ ଏସବୁ ବହିର ଉତ୍ତରାଧିକାରୀ । ଆଖିରେ ତ ପଡୁନାହାନ୍ତି କେହି?

ବାପା ମା' ଆଖି ବୁଜିବା ପରେ ପରେ ସ୍ଥାବର-ଅସ୍ଥାବର ସମ୍ପତ୍ତିକୁ ବାଣ୍ଟି ନିଅନ୍ତି ପିଲାଏ, ବୋଉର ଗହଣା ଉପରେ ଆଖିଥାଏ ଝିଅ ବୋହୂଙ୍କର, କିନ୍ତୁ ବହି ସବୁକୁ ନେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ପ୍ରାୟ ଦେଖିବାକୁ ମିଳେନି । ବହିପ୍ରତି ଲୋଭନଥାଏ କାହାର । ଏକଦମ୍ ଅନାଥ ହୋଇଯା'ନ୍ତି ବହିମାନେ ।

ବୟସ ବଢ଼ିଲେ ରୋଗୀବ୍ୟାଧିମାନେ ଡକାହକା ହୋଇ ଚାଲିଆସନ୍ତି । ନିଜକୁ ସମ୍ଭାଳିବା ସେତେବେଳେ କଷ୍ଟକର ହୋଇପଡ଼େ । ଏ ସମୟରେ ବହିର ଦେଖାଶୁଣା କରିବ କିଏ? ନିୟମିତ ଝଡ଼ାଝଡ଼ି ନକଲେ ଉଈ ଚରିଯାଏ କିମ୍ବା କାନ୍ଥ ଆଲମାରିରେ ଥିଲେ ପାଣି ଜକେଇ ନଷ୍ଟ ମଧ୍ୟ ହୋଇଯାଏ। ସେଥିପ୍ରତି କାହାର ନଜର ରହୁନି ଆଜିକାଲି ।

ପିଲାଏ ରାଜ୍ୟ ବାହାରେ, କିଏ ପୁଣି ଦେଶ ବାହାରେ। ସେମାନଙ୍କ ପାଖରେ ବାପା ମା'ଙ୍କ ସମୟ କାଇଁ? ତା'ଛଡ଼ା ସେମାନଙ୍କୁ ତ ପୁଣି ସେମାନଙ୍କ ବୃତ୍ତିକୁ ସମ୍ଭାଳିବାକୁ ପଡ଼ିବ ନା, ତେଣୁ ସେମାନେ ବାପା ମା'ଙ୍କୁ ନିଜ ପାଖକୁ ନେଇଯିବାକୁ ଚାହୁଁଛନ୍ତି । ଅନେକ ବାପା ମା'ଙ୍କୁ ପିଲାଙ୍କ ସହିତ ସାଲିସ ମଧ୍ୟ କରିବାକୁ ପଡୁଛି ଏ ବୟସରେ । ଏଇ ସମୟରେ ବହିର ଭବିଷ୍ୟତକୁ ନେଇ ସେମାନେ ଚିନ୍ତାରେ ପଡୁଛନ୍ତି । ବର୍ଷ ବର୍ଷ ଧରି ସାଇତିଥିବା ସେସବୁ ବହିକୁ କାହାକୁ ଦେବେ ସେଇ ଚିନ୍ତା ଘାରୁଛି । କେହି ଆଗ୍ରହ ପ୍ରକାଶ କରୁନାହାନ୍ତି ମୂଲ୍ୟବାନ ବହିସବୁକୁ ନେବାକୁ । ଏ ପିଢ଼ି ପାଇଁ ଏସବୁ ଆବର୍ଜନା । ଛୋଟିଆ ସ୍ମାର୍ଟ ଫୋନ୍‌ରେ ତ ଏବେ ସବୁ ମିଳିଯାଉଛି । ଗୁଡ଼େ ବହି ରଖି ଲାଭ କ'ଣ? ଅଯଥା ଜାଗା ନଷ୍ଟ କରୁଛି ।

ବହି ବିକ୍ରି ବଢ଼ିବ- ଏଭଳି ଏକ ସମ୍ଭାବନା ଅଛି ବୋଲି ମନେହୁଏନି । ରାଜା ରାମମୋହନ ରାୟ ଅନୁଦାନରେ କିଣାଯାଇଥିବା ବର୍ଷ ବର୍ଷର ବହି ସବୁ ଏକାଡେମି ଗୋଦାମରେ ଖତ ଖାଉଛି ବୋଲି ଖବର ପ୍ରକାଶ ପାଇଥିଲା । ପାଠାଗାରମାନେ ନେଉନାହାନ୍ତି ମାଗଣାରେ ଦେଲେ ମଧ୍ୟ । ପ୍ରକାଶକମାନେ ବିଗତ ବର୍ଷର ପଇସା ପାଇନାହାନ୍ତି ଏଯାଏ । ତେଣୁ ଲେଖକଙ୍କ ଅବସ୍ଥା କ'ଣ ବେଶ୍ ଅନୁମାନ କରିହୁଏ ।

ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଚାଲିଛି ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ । ୧୭ ଡିସେମ୍ବର ଯାଏଁ ଚାଲିବ । ବିକ୍ରି ଖୁବ୍ ନୈରାଶ୍ୟଜନକ । ଦିନେ ଯେଉଁମାନଙ୍କୁ ଆମେ ପାଠକ ବୋଲି ଭାବୁଥିଲେ ସେମାନେ ମଧ୍ୟ ସ୍ମାର୍ଟଫୋନ୍ ନିଶାରେ ମସଗୁଲ୍ ।

ଏତେବଡ଼ ଗୋଟେ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଚାଲିଛି ହେଲେ ପ୍ରଚାର କାଇଁ? ସବୁଆଡ଼େ ରାଜନେତାଙ୍କ ବଡ଼ ବଡ଼ ହୋର୍ଡିଂ- ଯୋଜନାର ପ୍ରଚାର। ପୁସ୍ତକ ମେଳାର ଗୋଟିଏ ତ ହୋର୍ଡିଂ ଆଖିରେ ପଡୁନି! ଆମ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ- ଆମ ଭାଷା ଦେହରେ ଶାସ୍ତ୍ରୀୟ ମାନ୍ୟତାର ମୋହର ଲାଗିଛି, ତେଣୁ ଭାଷାର ପ୍ରଚାର ପ୍ରସାର ମଧ୍ୟ ସରକାରଙ୍କ ଦାୟିତ୍ୱ ହେବା ଉଚିତ୍ । ମାଗଣା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ଭାଷା ପାଇଁ ଖର୍ଚ୍ଚ କଲେ କ୍ଷତି କ'ଣ? ସରକାର ବହି କିଣି ଲୋକଙ୍କ ଭିତରେ ବାଣ୍ଟନ୍ତୁ । ଲୋକଙ୍କ ପାଖରେ ବହି ପହଞ୍ଚୁ । ବହି ବିକ୍ରି ବଢ଼ୁ । ପତ୍ର ପତ୍ରିକାକୁ ଖୋଲା ହାତରେ ବିଜ୍ଞାପନ ଦିଆଯାଉ। ଭାଷା ତ ଏଇସବୁ ମାଧ୍ୟମରେ ବଞ୍ଚିରହେ ।

ବହିମାନଙ୍କୁ ଅନାଥକୁ ହେବାକୁ ଦିଅନ୍ତୁନି। ପିଲାମାନେ ବହିର ଉତ୍ତରାଧିକାରୀ ହୁଅନ୍ତୁ । ସ୍ମାର୍ଟଫୋନ୍‌କୁ ବହିର ବିକଳ୍ପ ଭାବନ୍ତୁନି । ଜରା ନିବାସ କେବେବି ଘରର ବିକଳ୍ପ ହୋଇପାରିବନି- ଏକଥା ପିଲାଏ ଅନୁଭବ କରନ୍ତୁ ।

# ବଣୁଆ ଶାସନର ଭିତିରି କଥା- (୩)



ଇତିହାସର ଇତି କଥା

ସତ୍ୟବାଦୀ ବଳିଆରସିଂହ

ଏଥିରେ ପେସାଦାର ଅଭିନେତା ପ୍ରାୟତଃ ନଥାନ୍ତି । ଶିକ୍ଷା, ଖାଦ୍ୟ, ବସ୍ତ୍ର ପ୍ରଭୃତିର ଅଭାବ, ବଢ଼ି-ମରୁଡ଼ିର ଆତଙ୍କ, ମାଘମାସିଆ ଭୟ, ବେଠିର ଜୁଲୁମ ଓ ଆର୍ଥିକ ଅନଟନ ମଧ୍ୟରେ ଗାଁ ଗହଳରେ ନାଟ୍ୟବର୍ଣ୍ଣିତ ଚରିତ୍ର ଉପଯୋଗୀ ଅଭିନେତା ଖୋଜି ପାଇବା ସମ୍ଭବ ହୁଏନା। ତତ୍କାଳୀନ କଳା ପ୍ରଦର୍ଶନରେ ଆଲୋକ ସଂପାତର ହଟଚମଟ ବାତାବରଣ ନ ଥାଏ, ଆଜିପରି ମାଇକ୍ ଟେପ୍‌ରେକର୍ଡ଼ର ପ୍ରୟୋଗ କିମ୍ବା ଏବର ମଂଚସଜ୍ଜାର ଅଭିନବ ପ୍ରଦର୍ଶନା ତଥାପି ଏ ନାଟକ ଦେଖି ସରଳ ଗ୍ରାମବାସୀ ଅଭିଭୂତ ହୋଇପଡନ୍ତି, ନିଜକୁ ଭୁଲନ୍ତି। ମୁହୂର୍ତ୍ତକ ପାଇଁ ଭୁଲିଯାଆନ୍ତି ସବୁ ପ୍ରକୃତି ପ୍ରଦତ୍ତ, ଦୈବୀକୃତ, ରାଜ-ଅତ୍ୟାଚାର, ଶନ୍ତ-ସମ୍ପାଦିତ ଦୁଃଖଦୁର୍ବିପାକ ଓ ନୈରାଶ୍ୟପ୍ରତି ଗ୍ରାମେ ଗ୍ରାମେ ଛତୁ ଫୁଟିଲାଭଳି ଗଢିଉଠିଥିବା ନାଟ୍ୟଦଳପାଇଁ ଆବଶ୍ୟକ ହେଉଥିଲା। ଏଥିପାଇଁ ରାଜାଙ୍କର ଅନୁଦାନ ମଧ୍ୟ ନ ଥିଲା। କେବଳ ପଞ୍ଚୁଦୋଳ ଓ ରାସଲୀଳା ପାଇଁ ରାଜା ଆର୍ଥିକ ସାହାଯ୍ୟ ଦେଉଥିଲେ। ସୁତରାଂ ଗ୍ରାମ୍ୟ ନାଟ୍ୟଦଳପାଇଁ ଭୋକିଲା ପେଟରେ, ରାଜାର ବାଧବାଧକତାରେ କଳାକୁ ଉଜ୍ଜୀବିତ କରିବା ପାଇଁ ରାଜ୍ୟସାରା ଯେଉଁ ଆନ୍ଦୋଳନ ଚାଲିଥିଲା ତାହା ବେଜଲଗେଟ ମର୍ଡର ପରେ ପରେ ଭୁଶୁଡ଼ି ପଡ଼ିଲା। ଯେଉଁଠି ପ୍ରତି ମୁହୂର୍ତ୍ତରେ ବଞ୍ଚି ରହିବାପାଇଁ ସଂଗ୍ରାମ ଚାଲିଛି, ସେଠି ସୌଖୀନ କଳା ଅଭିଶପ୍ତ ଅସହାୟ ବାଦଲ ଖଣ୍ଡଭଳି ଆବିର୍ଭୂତ ହୋଇ ଅନ୍ତର୍ହିତ ହେବାରେ କ'ଣ ଅଛି? ରାମଚନ୍ଦ୍ର ଭ୍ରମରବର ସିଂହ ସାମନ୍ତଙ୍କ ରଚିତ ରାସ, ପିଣ୍ଡିକ ଶ୍ରୀଚନ୍ଦନଙ୍କ ବସନ୍ତ ରାସ ଓ ଅନଙ୍ଗ ନରେନ୍ଦ୍ରଙ୍କ ଶ୍ରୀରାମଲୀଳା ଯାହା କିଦିନେ ରଣପୁରରେ ଜନପ୍ରିୟ ହୋଇଥିଲା, ତାହା ଯେ ସମୟର ଚାହିଦାରେ ଅଲୋଡ଼ା ହୋଇ ତାଳପତ୍ର ପୋଥିରେ ଡୋରିବନ୍ଧା ହୋଇ ରହିଗଲା, ସେଥିରେ ମଧ୍ୟ ବିସ୍ମୟ ହେବାର କିଛି ନାହିଁ।

ରଣପୁର ରାଜ୍ୟରେ ଚାଲିଥିବା ଅନ୍ଧାରି ଶାସନକୁ ଅନ୍ଧକାରମୟ କରିଥିଲା ରାଜା କୃଷ୍ଣଚନ୍ଦ୍ରଙ୍କ ଶାସନପ୍ରତି ଅବହେଳା । ସେ ନିଜେ ଅତ୍ୟାଚାରୀ ନ ଥିଲେ ମଧ୍ୟ ଅତ୍ୟାଚାର କରୁଥିବା କର୍ମଚାରୀମାନଙ୍କୁ ଦରବାରରେ ସ୍ଥାନ ଦେଇ ସେମାନଙ୍କ କାର୍ଯ୍ୟକଳାପକୁ ଭୁରି ଭୁରି ପ୍ରଶଂସା କରୁଥିଲେ। ଅନ୍ୟପକ୍ଷରେ ଏହି କର୍ମଚାରୀମାନେ ରାଜାଙ୍କୁ ତୋଷାମଦକରି ରାଜାଙ୍କର ପ୍ରିୟପାତ୍ର ହେଉଥିଲେ ଓ ଏଣେ ପ୍ରଜାମାନଙ୍କୁ ଉତ୍ପୀଡ଼ନ କରିବାର ନିରଙ୍କୁଶ ସୁବିଧା ପାଉଥିଲେ । ଦେଓ୍ୱାନ୍ ଜଗନ୍ନାଥ ମହାନ୍ତି ଯେ କି ଅତ୍ୟାଚାରର ସୀମା ଲଙ୍ଘନ କରିଥିଲେ, ସେ କିନ୍ତୁ ତୋଷାମଦକରି ରାଜାଙ୍କର ଅତି ଆପଣାର ହୋଇପାରୁଥିଲେ । ଫଳତଃ ପ୍ରଜାକୂଳ ଦାନବ କର୍ମଚାରୀଗଣଙ୍କ କ୍ରୁରଦୃଷ୍ଟିରେ ପଡ଼ି ଅଭାବ ଅନଟନ ମଧ୍ୟରେ କାଳାତିପାତ କରୁଥିଲେ। ରାଜା ମନେକରନ୍ତି ରଣପୁରଟା ହିଁ ରାମରାଜ୍ୟ। ତାଙ୍କ ରାଜ୍ୟରେ ଅଭାବ କ'ଣ? ପ୍ରଜାମାନେ ଖୁବ୍ ସୁଖଶାନ୍ତିରେ ଅଛନ୍ତି। ପ୍ରଜାମାନଙ୍କର ଖାଦ୍ୟବସ୍ତ୍ରର ଅଭାବ ନାହିଁ। ରାଜ୍ୟରେ ଯଥେଷ୍ଟ ଫସଲ ଅମଳ ହେଉଛି ଓ ପ୍ରଜାମାନେ ତାହା ଖାଇପିଇ ଆରାମରେ ଅଛନ୍ତି। ଜମିବାଡ଼ି ନ ଥିବା ଗରିବ ପ୍ରଜା ପାହାଡ଼ ଓ ଟାଙ୍ଗର ଭୂମି ତାଡ଼ି ଅଳ୍ପ ବର୍ଷାରେ ହେଉଥିବା ମାଣ୍ଡିଆ ଫସଲ ଉତ୍ପନ୍ନ କରେ। ରାଜା ପାରିଧିକୁ ଯିବା ସମୟରେ ଏହି ଫସଲ ଦୃଷ୍ଟି ଗୋଚର ହୁଏ। ମାଣ୍ଡିଆ ଭୋଜନ କରି ପ୍ରଜାମାନେ କି ପ୍ରକାର ସ୍ୱାଦୁ ଉପଭୋଗ କରୁଛନ୍ତି ତାହା ଜାଣିବା ପାଇଁ ରାଜା ଏକଦା ଇଚ୍ଛା ପ୍ରକାଶ କଲେ। ରାଜାଙ୍କ ଇଚ୍ଛା ପୂରଣ ପାଇଁ କର୍ମଚାରୀଗଣ ଦୁଧ, ଚିନି, ନଡ଼ିଆ ଓ ମସଲା ଦେଇ ସୁସ୍ୱାଦୁ ମାଣ୍ଡିଆ ଖିରୀ ପ୍ରସ୍ତୁତ କଲେ । ରାଜା ତାହା ଭୋଜନ କରି ସନ୍ତୁଷ୍ଟ ହେବା ସଙ୍ଗେ ସଙ୍ଗେ ପ୍ରଜାମାନେ ସୁଖରେ ଅଛନ୍ତି ବୋଲି ଧାରଣା ପୋଷଣ କଲେ।

ତୋଷାମଦକାରୀ କର୍ମଚାରୀ ରାଜାଙ୍କର ଏହି ଭ୍ରମଧାରଣାକୁ ଦୃଢ଼ କରିବା ପାଇଁ କହିଥିଲେ, ଆପଣଙ୍କ ରାମରାଜ୍ୟରେ ପ୍ରଜାଙ୍କର ଅନ୍ନର ଅଭାବ ନାହିଁ। ପ୍ରଜାମାନେ ଅନ୍ନ ଓ ସୁସ୍ୱାଦୁ ମାଣ୍ଡିଆ ଖିରୀ ନିତି ଭୋଜନ କରି ଖୁବ୍ ସୁଖରେ ଅଛନ୍ତି।

ରାଜା ବେଦଜ୍ଞ ଥିଲେ। ହୋମ ଯଜ୍ଞାଦି କାର୍ଯ୍ୟରେ କୌଣସି ବ୍ରାହ୍ମଣ ମନ୍ତ୍ରୋଚ୍ଚାରଣରେ ତ୍ରୁଟି କରୁଥିଲେ ରାଜା ତାହା ଜାଣି ପାରୁଥିଲେ । ଏଣୁ କର୍ମ କର୍ମାଣି-ସିଦ୍ଧ ବ୍ରାହ୍ମଣମାନେ ହିଁ ରାଜାଙ୍କର ହୋମ-ଯଜ୍ଞକୁ ନିମନ୍ତ୍ରିତ ହେଉଥିଲେ। ରାଜା ବ୍ରାହ୍ମଣମାନଙ୍କୁ ପାଟଯୋଡ଼ଠାରୁ ଆରମ୍ଭ କରି ବହୁ ମୂଲ୍ୟବାନ ପଦାର୍ଥମାନ ଉପହାର ଦେଉଥିଲେ । ରାଜା ରାତ୍ରିରେ ପହୁଡ଼ ଯିବା ସମୟରେ ବ୍ରାହ୍ମଣଙ୍କଦ୍ୱାରା ପୁରାଣ ଶୁଣୁଥିଲେ । ଅଥଚ ପୁରାଣରୁ ସୁଶାସନ ସମ୍ବନ୍ଧୀୟ ନୀତିମାନ ଶିକ୍ଷା କରିପାରିନଥିଲେ କିମ୍ବା ତାହା କାର୍ଯ୍ୟରେ ପ୍ରୟୋଗ କରିପାରିନଥିଲେ ।

ଦେଓ୍ୱାନ୍‌ଙ୍କ ଅଦାଲତରେ ବିଚାର ପରେ କେତେକ ମୋକଦ୍ଦମା ରାଜାଙ୍କ ଦରବାରକୁ ଆସେ । ଦେଓ୍ୱାନଙ୍କ ଅଦାଲତରେ ଯେଉଁ ପ୍ରଜା ନ୍ୟାୟ ପାଇ ନ ଥାଏ ସେ ରାଜାଙ୍କ ଅଦାଲତରେ ପ୍ରାୟତଃ ନ୍ୟାୟ ପାଇଥାଏ। ତା'ର କାରଣ ଥିଲା ତତ୍କାଳୀନ ପ୍ରଜାମାନଙ୍କର ଗଭୀର ଧର୍ମ ବିଶ୍ୱାସ । ରାଜାଙ୍କ ପାଖକୁ ପ୍ରତିଦିନ ସକାଳୁ ରାଜ୍ୟର ବହୁ ପ୍ରତିଷ୍ଠିତ ଦେବଦେବୀଙ୍କର ପାଦୁକ ଓ ପ୍ରସାଦ ଆସେ । କୌଣସି ମୁଦାଲା ମିଥ୍ୟା କହିଲେ ରାଜା ତାକୁ ଦେବତାଙ୍କ ପାଦୁକ ସ୍ପର୍ଶକରାଇ ଜମାନବନ୍ଦୀ ଦେବାକୁ କହିଥାନ୍ତି । ଫଳରେ ମୁଦାଲା ଦେବାଦେବୀଙ୍କ ଅଭିଶାପ ଭୟରେ ସତ କଥା ପ୍ରକାଶ କରିଥାଏ ଓ ମୁଦେଇ ଉଚିତ ନ୍ୟାୟ ପାଏ କିନ୍ତୁ ରାଜାଙ୍କ ନିକଟକୁ ଖୁବ୍ କମ୍ ମୋକଦ୍ଦମା ବିଚାରପାଇଁ ଆସୁଥିଲା । ଦେଓ୍ୱାନ୍ ଉତ୍କୋଚ ନେଇ ନ୍ୟାୟ ବିଚାର କରୁ ନ ଥିଲେ ମଧ୍ୟ ରାଜା ତାଙ୍କୁ କିଛି କହୁ ନ ଥିଲେ । ଦେଓ୍ୱାନ୍ ଅଦାଲତରେ ମୁଦାଲାଠାରୁ ଉତ୍କୋଚ ନେଇ ମୁଦେଇର ସାକ୍ଷୀମାନଙ୍କୁ ମାଡ଼ ଦିଆଯାଇ ମୋକଦ୍ଦମାର ଉଚିତ ନ୍ୟାୟ ଓଲଟପାଲଟ ହେଉଥିଲା । ମୁଦେଇ ମଧ୍ୟ ଦେଓ୍ୱାନ୍ ଓ ଦାରୋଗାଙ୍କ ଭୟରେ ରାଜାଙ୍କ ଦରବାରକୁ ଯିବାପାଇଁ ସାହସ କରୁ ନ ଥିଲେ ।

ରାଜାଙ୍କର ଉଦାସୀନତା ଯୋଗୁଁ ଶାସନକଳ ଥିଲା ହୁଗୁଳା, କିନ୍ତୁ ଦେଓ୍ୱାନ୍ ଓ ଅନ୍ୟ କର୍ମଚାରୀମାନଙ୍କର ଉତ୍କୋଚ ଗ୍ରହଣ ଏବଂ ଅନ୍ୟାୟ ଜୁଲୁମ୍‌ର ଶାସନ ଧନ ସମ୍ପତ୍ତିକୁ । ସେମାନେ ଶାସକ ନ ଥିଲେ, ଥିଲେ ଶୋଷଣକାରୀ । ସୁରା ଓ ସାକୀଥିଲା ସେମାନଙ୍କର ଚିର ସହଚର। ଶାସନ ଥିଲା ସେମାନଙ୍କର ଗୋଟିଏ ବ୍ୟବସାୟ। ପ୍ରଜାଙ୍କ ଦୁଃଖ ବୁଝିଛି କିଏ? ଏମାନେ କେବଳ ବିଭିନ୍ନ ଧନ୍ଦା ମେଲି ଧନ ପାହାଡ଼ର ପାହାଚ ଡେଇଁ ଯାଉଥିଲେ କୁବେର ସମ୍ପତ୍ତି ପାଇବା ଆଶାରେ। ପ୍ରଜାମାନଙ୍କର ସକଳ ସୁଖସ୍ୱାଚ୍ଛନ୍ଦ୍ୟକୁ ଏଇମାନେ ଲୁଟି ନେଇଥିଲେ । ଏମାନଙ୍କର କର୍କଶ ରଡ଼ିରେ ପ୍ରଜାମାନଙ୍କର ବୁକୁ ଦୋହଲି ଯାଉଥିଲା। ରାଜାଙ୍କୁ ତୋଷାମଦ କରି ହାତର କଣ୍ଢେଇ କରି ରଖିଥିଲେ ଏହି କର୍ମଚାରୀଗଣ।

ରାଜଶାସନରେ ରାଜାଙ୍କ ସମ୍ପର୍କରେ କେତେକ ନୂତନ ଶବ୍ଦର ପ୍ରଚଳନ ଥିଲା। ଉକ୍ତ ଶବ୍ଦ ପ୍ରୟୋଗ କରିବା ପାଇଁ ପ୍ରଜାମାନେ ବାଧ୍ୟ ହେଉଥିଲେ । ପାଠକମାନଙ୍କ କୌତୁହଳ ନିମନ୍ତେ ତାହା ଉଲ୍ଲେଖ କରୁଛି ।

ନଅର ବା ଉଆସ- ରାଜାଙ୍କ ରହିବା ଘର।

ରାଣୀହଂସପୁର-ରାଣୀଙ୍କ ରହିବା ଘର।

ଶ୍ରୀ ହଜୁର, ଛାମୁ, ମଣିମା- ରାଜାଙ୍କପାଇଁ ଉଦ୍ଦିଷ୍ଟ ସମ୍ବୋଧନସୂଚକ ପଦବିଶେଷ।

ପାଟମହାଦେଈ- ବଡ଼ରାଣୀ

ପରିଚାରିକା-ଦାସୀ

ପାଟଦେବ, ଯୁବରାଜ-ରାଜାଙ୍କ ଜ୍ୟେଷ୍ଠ ପୁତ୍ର

ପଟ୍ଟାୟତ- ଦ୍ୱିତୀୟ ରାଜପୁତ୍ର

ଟିକାୟତ-ତୃତୀୟ ରାଜପୁତ୍ର

ମଣୋହି ବିଜେ- ଖାଇବାକୁ ଯିବା

ପହୁଡ଼ ବିଜେ -ଶୋଇବାକୁ ଯିବା

ଶୁଳେଇ ବିଜେ-ଝାଡ଼ା ଯିବା

କାଠିଲାଗି ବିଜେ- ଦାନ୍ତ ଘଷିବାକୁ ଯିବା

କାନ୍ଧିଆ ପଟ- ସବାରି ବାହକ

ପାଣିଆ ପଟ- ପାଣି ଯୋଗାଇବା ଲୋକ।

କଲୁଁଆ- ଜନ୍ତୁ ପାରିଧିକୁ ଯିବା ଲୋକ ଇତ୍ୟାଦି।

ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରୁ ମୟୂରଭଞ୍ଜ, ପାଟଣା, କଳାହାଣ୍ଡି ଓ ସୋନପୁରର ଶାସକମାନଙ୍କୁ ମହାରାଜା କୁହାଯାଉଥିଲା। ଏହି ମହାରାଜାମାନେ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବାକୁ ଯାଉଥିଲେ । ନଅ ଥର ତୋପ ଫୁଟାଯାଇ ସେମାନଙ୍କୁ ସମ୍ମାନ ଦିଆଯାଉଥିଲା। ଓଡ଼ିଶାର ଅନ୍ୟାନ୍ୟ ରାଜାମାନେ ଏ ଭଳି ଉଚ୍ଚ ସମ୍ମାନ ପାଉ ନ ଥିଲେ ।

ବ୍ରିଟିଶ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ଥିବା ରାଜା ମହାରାଜାମାନଙ୍କ ପାଖକୁ ଆସୁଥିବା ଚିଠିପତ୍ରର ସମ୍ବୋଧନ ଦୁଇ ପ୍ରକାରର ଥିଲା। ଚିଠିର ପ୍ରଥମରେ My Friend ସମ୍ବୋଧନ ରହି ଶେଷରେ ଓ I remain yours faithfully ରହୁଥିଲା। ଉପରୋକ୍ତ ଢାଞ୍ଚାରେ ଚିଠିମାନ ଯେଉଁ ରାଜାମାନଙ୍କ ନିକଟକୁ ଯାଉଥିଲା ସେହି ରାଜ୍ୟଗୁଡ଼ିକ ହେଲା- ଆଠଗଡ଼, ଆଠମଲ୍ଲିକ, ବଡ଼ମ୍ବା, ବୌଦ୍ଧ, ବଣାଇ, ଦଶପଲ୍ଲା, ଢେଙ୍କାନାଳ, ଗାଙ୍ଗପୁର, ହିନ୍ଦୋଳ, ମୟୁରଭଞ୍ଜ, କେନ୍ଦୁଝର, ନରସିଂହପୁର, ନୟାଗଡ଼, ନୀଳଗିରି ଓ ପାଲଲହଡ଼ା। ଚିଠିର ଅନ୍ୟ ଏକ ଢାଞ୍ଚା ହେଲା ଚିଠିର ପ୍ରଥମରେ My Friend ସମ୍ବୋଧନ ରହି ପରେ ଓ I remain, your sincere friend ରହୁଥିଲା। ଏପରି ଚିଠି ସୋନପୁର, ତାଳଚେର, ପାଟଣା, ରଣପୁର, କଳାହାଣ୍ଡି, ତିଗିରିଆ, ବାମଣ୍ଡା, ଖଣ୍ଡପଡ଼ା ଓ ରେଢାଖୋଲ ରାଜ୍ୟର ଶାସକମାନେ ପାଉଥିଲେ।

ଓଡ଼ିଶାର ଉପରୋକ୍ତ ଗଡ଼ଜାତମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସମ୍ବଲପୁରଠାରେ ଜଣେ ପଲିଟିକାଲ୍ ଏଜେଣ୍ଟରହୁଥିଲେ। ଭାରତରେ ଥିବା ୬୫୪ଟି ଦେଶୀୟ ରାଜ୍ୟକୁ ନିୟନ୍ତ୍ରଣ କରିବା ପାଇଁ ୭ଜଣ ଏଜେଣ୍ଟ, ୪୪ ଜଣ ପଲିଟିକାଲ ଏଜେଣ୍ଟ, ୧୧ ଜଣ ରେସିଡ଼େଣ୍ଟ କମିଶନର, ୩ ଜଣ ପଲିଟିକାଲ, ଅଫିସର ଓ ୨ଜଣ ବ୍ରିଟିଶ୍ ଟ୍ରେଡ୍ ଏଜେଣ୍ଟ ନିଯୁକ୍ତି ପାଇଥିଲେ, ଏହି ଅଫିସରମାନେ ରାଜାମାନଙ୍କର ଗତିବିଧି ଓ ରାଜକାର୍ଯ୍ୟ ପରିଚାଳନା ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ। କନିଙ୍ଗହାମ୍ (Cunningham) ତାଙ୍କ ଶିଖ୍ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ "Officers who have served in Native Status to have an idea that England should reign over kings in India rather than rule over subjects".

ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା
ମୋ. ୯୨୩୭୦୮୯୫୦୯

# ନୀତିହରାଙ୍କ ନୈତିକଜ୍ଞାନ ବଣ୍ଟନ

■ ଡ଼.ମନୋଜ କୁମାର ମହାନ୍ତି ■

ସାଧାରଣତଃ ରବିବାର ଛୁଟିଦିନରେ ସାହିତ୍ୟ ସଭାର ଆୟୋଜନ ଏକପ୍ରକାର ଅବସାଦମୁକ୍ତି । କୌଣସି ଏକ ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ପୂର୍ବତନ ଅଧ୍ୟକ୍ଷଙ୍କର ପୁସ୍ତକ ଲୋକାର୍ପଣ ଉତ୍ସବର ଏକ ଭବ୍ୟସଭାର ଅୟୋଜନରେ ମୁଁ ନିଜକୁ ସାମିଲ କଲି । ଯଦିଓ ନିମନ୍ତ୍ରଣ ପତ୍ରରେ କାର୍ଯ୍ୟସୂଚୀ ତଥା ସମୟ ନିର୍ଘଣ୍ଟ ହୋଇଥଲା କିନ୍ତୁ ସଭାଟି ଆରମ୍ଭ ହେଲା ଦେଢ଼ଘଣ୍ଟା ବିଳମ୍ବରେ । କାରଣ ସଭାପାଇଁ ନିମନ୍ତ୍ରିତ ପ୍ରତ୍ୟେକ ଅତିଥିମାନେ ଜଣେଜଣେ ବିଶିଷ୍ଟବ୍ୟକ୍ତି । ଭାରତର ସମୟନୁବର୍ତ୍ତିତା ସହ ଆମେ ସମସ୍ତେ ଜଡ଼ିତ । ସବୁସେଇ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କର ଏକପ୍ରକାର ମନରସ୍ଥିତି ଦୀର୍ଘଦିନ ଧରି ବସା ବାନ୍ଧିସାରିଛି । ସେମାନଙ୍କ ଚାଲିଚଳନ ହାବଭାବ ଦେଖି ସାଧାରଣଜନତାଙ୍କର ମଧ୍ୟ ସେଇପ୍ରକାରର ପରିଭାଷାର ପ୍ରତିଫଳନ । ପ୍ରାୟ ଆମ ସମସ୍ତଙ୍କର ଏସବୁ ନିତିଦିନିଆ ଘଟଣା । ଆମେ ସମସ୍ତେ କୁହାଳିଆ । ଅନ୍ୟକୁ କହିବାରେ ଆମେ ଯେତେ ସମୟାନୁବର୍ତ୍ତୀ ଓ ଆଗଭର କିନ୍ତୁ କର୍ମକ୍ଷେତ୍ରରେ ତାହା ଦୁର୍ବଳ ତଥା ଶିଥିଳ । ଧୀରେଧୀରେ ଜଣେପରେଜଣେ ସଭାକକ୍ଷକୁ ପ୍ରବେଶ କରୁଥାନ୍ତି । ବେଶୀ ନହେଲେବି କୋଡ଼ିଏ ଜଣ ଷାଠିଏ ବର୍ଷରୁ ଅଧିକ୍ ବରିଷ୍ଠ ନାଗରିକଙ୍କ ତଥା ବାକି ଆଠଦଶ ଜଣ ସେଇ ପଇଁତିରିଶରୁ ପଇଁଚାଳିଶି ବୟସ ମଧ୍ୟରେ ଉପସ୍ଥିତ ଶ୍ରୋତା ଓ ଦର୍ଶକ । ସେମାନଙ୍କ ମଧ୍ୟରୁ ମୁଁ ଜଣେ । ସଭାରେ ଉପସ୍ଥିତ ଥିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତ । ଜିଲ୍ଲାପାଳଠାରୁ ଆରମ୍ଭ କରି ବିଶିଷ୍ଟଶିକ୍ଷାବିତଙ୍କ ଉପସ୍ଥିତ ଥିଲା ସଭାର ଆକର୍ଷଣ । ବ୍ୟସ୍ତତା ସକାଶେ ଜିଲ୍ଲାପାଳ ସ୍ୱଳ୍ପସମୟ ମଧ୍ୟରେ ପୁସ୍ତକର ଲୋକାର୍ପଣ ପରକୁ ସଭାଟିକୁ ସମ୍ବୋଧନ କରି ବାହାରିଗଲେ । ପ୍ରତ୍ୟେକ ସାହିତ୍ୟ ଓ ପୁସ୍ତକ ଲୋକାର୍ପଣ ସଭା ପ୍ରକୃତରେ ସମୟସାପେକ୍ଷ । କାରଣ କୌଣସି ବିଜ୍ଞବ୍ୟକ୍ତିମାନଙ୍କର ଯେତେବେଳେ ମେଳିହୁଏ ଏବଂ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଚର୍ଚ୍ଚାହୁଏ ତାକୁ ସମୟରେ ବାନ୍ଧିରଖି ହୁଏନା । ସଭା ସାଧାରଣ ହେଉକି ଭାବ୍ୟ କିନ୍ତୁ ଚା' ଜଳଖିଆ ଏକ ସାଧାରଣ ପରମ୍ପରା। ସଭାରେ ସାଧାରଣଜନତାଙ୍କୁ ବାନ୍ଧିରଖିବାପାଇଁ ଶବ୍ଦ ଯେତିକି ଜରୁରୀ ତା'ସହ ଚା' ଜଳଖିଆର ମଧ୍ୟ ବ୍ୟବସ୍ଥା ଅତ୍ୟନ୍ତ ସୁଖଦ । ଜଳଖିଆ ନହେଲେବି କପେ ଚା' ଓ ଦି'ଖଣ୍ଡ ବିସ୍କୁଟ ହେଲେ ତାହା ମଧ୍ୟ ଗ୍ରହଣୀୟ । ସଭା ଆରମ୍ଭର କିଛି ସମୟ ବ୍ୟବଧାନରେ ମଞ୍ଚାସୀନ ଅତିଥିମାନଙ୍କୁ ଚା' ପରସାଗଲା । ମଞ୍ଚତଳେ ବସିଥିବା ଦର୍ଶକମାନଙ୍କୁ ମଧ୍ୟ । ମଞ୍ଚାସୀନ ଅତିଥିମାନଙ୍କୁ ଶଙ୍ଖ ମଲମଲ ଝଟକୁଥିବା କପ୍-ପ୍ଲେଟରେ ଚା' ପରିବେଷଣ ଏକ ସ୍ୱଚ୍ଛସୁନ୍ଦର ପରିବେଶର ପରିକଳ୍ପନା । ଅର୍ଥାତ ଚା' ପିଇସାରିବା ପରେ ତାକୁ ନେଇ ଧୋଇପୋଛି ପୁଣି ସୁରକ୍ଷିତ ସ୍ଥାନରେ ରଖିହେବ । କିନ୍ତୁ ମଞ୍ଚତଳେ ବସିଥିବା ଶ୍ରୋତାଙ୍କ ପାଇଁ କାଗଜ କପ୍ ଦ୍ୱାରା ଚା' ପରିବେଷଣ ନିଶ୍ଚିତଭାବେ ଏକ ଦୂଷିତ ପରିବେଶର ନିଦର୍ଶନ । ଚା' ପିଇବା ପରେ ବସିଥିବା ଶ୍ରୋତାଙ୍କ ଆଚରଣ ବିଧି ମୋତେ ଠିକ୍ ଲାଗୁ ନଥିଲା । କେହି ଚା' ପିଇସାରି ଚା' କପଟିକୁ ମୋଡ଼ିମାଡ଼ି କୋଣକୁ ଧିରକରି ଫିଙ୍ଗୁ ଦେଉଥାଏ ତ ଆଉ କେହି ଚା' କପକୁ ବସିଥିବା ଚେୟାର ତଳକୁ ଫୋପାଡି ଦେଉଥାଆନ୍ତି କେହି ଜଣେ ଉଠିକରି ବାହାର ଡ଼ଷ୍ଟବିନରେ ସୁରକ୍ଷିତ ଢ଼ଙ୍ଗରେ ପକାଇବାପାଇଁ ଇଚ୍ଛା ପ୍ରକାଶ ନଜର ଆସୁନଥାଏ । ମୁଁ ଚା' ପିଇବା ଅଭ୍ୟାସରୁ ଦୀର୍ଘଦିନ ହେବ ବଞ୍ଚିତ । ଅନ୍ତତଃ ସେ ସମୟରେ ମୁଁ ଏଭଳି କାର୍ଯ୍ୟର ସମାଲୋଚନାରୁ ଦୂରରେ । ସଭାରେ ସଭାପତିଙ୍କ ଆହ୍ୱାନକ୍ରମେ ମଞ୍ଚାସୀନ ଅତିଥି ଜଣଙ୍କ ପରେ ଜଣେ ଆସି ସେମାନଙ୍କ ଅଭିଭାଷଣ ପ୍ରଦାନ କରୁଥାନ୍ତି । ଜ୍ଞାନୀଗୁଣି ବ୍ୟକ୍ତିମାନଙ୍କ ତଥ୍ୟଭିତ୍ତିକ ଶବ୍ଦ ମାଧୂର୍ଯ୍ୟରେ ମୁଁ ସମ୍ପୂର୍ଣ୍ଣ ବିମୋହିତ । ତତ୍‌ସହିତ ମଞ୍ଚାସିନ ଅତିଥିମାନଙ୍କ ଆଚରଣକୁ ମୁଁ ଯତ୍ନ ସହକାରେ ନିରୀକ୍ଷଣ କରୁଥାଏ ଅତି ଶୃଙ୍ଖଳିତ ଭାବରେ ।

ଚା' ଯୋଗାଣରେ ଥିବା ଲୋକଟି ଦ୍ୱିତୀୟ ପର୍ଯ୍ୟାୟର ଚା' ଆଣି ମଞ୍ଚାସିନ ଅତିଥିମାନଙ୍କୁ ଆପ୍ୟାୟିତ କରୁଥିବା ସମୟରେ କିଛି ଅତିଥିମାନଙ୍କର ଚା' ପ୍ରତି ଅନାଗ୍ରହତା ସହ ଆଉ କେତେକଙ୍କର ଆନ୍ତରିକତା । ଚା' ଆମ ସମସ୍ତଙ୍କର ଦୈନିକ ଅଭ୍ୟାସ । ସକାଳ ସଞ୍ଜବେଳେ ଚା' ପିଇବା ଆମ ସମସ୍ତଙ୍କର ଏକ ଦୁର୍ବଳ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ । ଖାଲି ସେତିକି ନୁହେଁ ଚା' ଅମଲିଦାର ଚା' ବିନା କିଛି କରିପାରନ୍ତି ନାହିଁ । ଏକ ନିଶା କହିଲେ ଭୁଲ୍ ହେବନ । ଅତିଥିମାନଙ୍କୁ ଚା ଯାଚିବା ଏକ ଆତିଥେୟ ଓ ସମ୍ମାନ । ଚା' ପ୍ରତି ଆଗ୍ରହ ଦେଖାଉଥିବା ମଞ୍ଚାସୀନ ଅତିଥିଜଣକ ପାନବି ପ୍ରବଳ ଚୋବାନ୍ତି ତାହା ସଭା ଆରମ୍ଭରୁ ଜଣାପଡୁଥିଲା । ସେ ଜଣେ ସୁସାହିତ୍ୟିକ, ଲେଖକ ଏବଂ ସୁବକ୍ତା । ଅନେକ ସାହିତ୍ୟ ସଭାରେ ତଥା ଅନ୍ୟାନ୍ୟ ମଞ୍ଚରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାଷା ଓ ସାହିତ୍ୟକୁ ଉପସ୍ଥାପନ କରି ଅନ୍ୟକୁ ଆକର୍ଷଣ କରିବାରେ ସେ ଆଗଧାଡିରେ । ଭାଷଣ ସମୟରେ ନିଜର ଆତ୍ମଗାରିମା ଓ ଜୟଗାନକୁ ଅତି ସୁନ୍ଦରଭାବେ ନିଜେ ଉପସ୍ଥାପନ କରିବାରେ କୌଣସି ଅସୁବିଧା ସୃଷ୍ଟିହୁଏନି । ଜାତଦେଖା ପୁଣି କଦଳୀବିକା ଏହା ଆମ ସ୍ୱଭାବ । ବେଳେବେଳେ ନିଜ ଢ଼ୋଲ ନିଜେ ପିଟିବା ବୁଦ୍ଧିମାନର ପରିଚୟ । ବୁଦ୍ଧିମାନ ଲୋକ ହିଁ ନିଜଦ୍ୱାରା ପ୍ରଚାରିତ ହେବାକୁ ଭଲପାଏ । ପ୍ରଚାର ପ୍ରସାର ଦ୍ୱାରା ମଣିଷର ଏକରକମ ପରିଚୟ ସୃଷ୍ଟି ହୁଏ । ପାନ ଚୋବାଉଥିବା ଅତିଥିଙ୍କୁ ସମ୍ମାନପୂର୍ବକ 'ଚା' ଯାଚିବା ଏବଂ 'ଚା'କୁ କାଳବିଳମ୍ବ ନକରି ସେ ଅତିଥିବକ୍ତା ଗ୍ରହଣକଲେ । ହେଲେ ପାନଚୋବା ସରିନି ତାସହ 'ଚା' ନିଶା । ମଞ୍ଚାସୀନ ଅତିଥି ଚୋବାଉଥିବା ପାନଛେପକୁ ଢ଼ୋକିଦେଲେ କିନ୍ତୁ ପାନର ଛେଦରାକୁ କାଢ଼ି ନିଜେ ବସିଥିବା ଟେବୁଲ୍ ତଳକୁ ନିର୍ଭୟରେ ଫିଙ୍ଗିଦେଲେ । ବଡ ଆଶ୍ଚର୍ଯ୍ୟ ଲାଗିଲା ଗୁଣୀଜ୍ଞାନୀ ବୟସ୍କଙ୍କ ନିକଟରେ ଏସବୁ ମଧ୍ୟ ପ୍ରତିଫଳିତ ହୋଇଥାଏ କି? ସେ ସମ୍ପୂର୍ଣ୍ଣ ଶାରିରୀକ ସୁସ୍ଥ ମଣିଷ । ଅଳ୍ପଦିନ ହେବ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି କିନ୍ତୁ ବାର୍ଦ୍ଧକ୍ୟତାର କୌଣସି ଅକ୍ଷମତାର ଗନ୍ଧବାସ୍ନା ନାହିଁ । ସେ ଚାହିଁଥିଲେ ବେଶିନି କିମ୍ବା ଡ଼ଷ୍ଟବିନ୍ ବ୍ୟବହାର କରିପାରିଥାନ୍ତେ । 'ଚା' ପିଇସାରି ନିଜ ପାଳିର ବକ୍ତବ୍ୟ ରଖିଲେ । ସକ୍ରେଟିସଙ୍କ ନୈତିକ ଜୀବନ ଉପରେ ସେ ଆଲୋକପାତ କଲେ । ସକ୍ରେଟିସ ଗପୁଡ଼ା ପ୍ରକୃତିର ଥିଲେ । ବାଟେଘାଟେ, ହାଟବଜାରେ ଯିଏ ମିଳିଲା ତାସହ ଜ୍ଞାନଚର୍ଚ୍ଚା ଆରମ୍ଭ କରି ଶେଷହେବାର କୌଣସି ସମୟର ନିର୍ଘଣ୍ଟ ନଥାଏ । ଭିନ୍ନଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରୁଥିଲେ କାରଣ ସେ ଦର୍ଶନ ବିଷୟରେ ଆଲୋଚନାପାଇଁ ଅଧିକଲୋକଙ୍କ ଉପସ୍ଥିତ ଲୋଡୁଥିଲେ । ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଅତ୍ୟଧିକ ମଦ୍ୟପାନ କରୁଥିଲେ ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁନଥିଲେ । ସଦା ଭଦ୍ର ତଥା ଶାନ୍ତସରଳ ସ୍ୱଭାବ ଆଚରଣ ପ୍ରଦର୍ଶନ କରୁଥିଲେ । ଏକ ନିର୍ଦ୍ଦିଷ୍ଟ ପୋଷାକକୁ ବହୁଦିନଧରି ପରିଧାନ ସହ ନିଜ ଶାରୀରିକ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନଥିଲେ କିନ୍ତୁ ସର୍ବସାଧରଣ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ପ୍ରତି ସେ ବହୁ ସଚେତନ ଥିଲେ । କିନ୍ତୁ ଆମ କ୍ଷେତ୍ରରେ ଏହାର ବ୍ୟତିକ୍ରମ । ଆମେ ନିଜକୁ ଅଧିକ ସ୍ୱଚ୍ଛ ଓ ପରିଷ୍କାର ପାଇଁ ସଦାସର୍ବଦା ଯତ୍ନଶୀଳ କିନ୍ତୁ ସର୍ବସାଧାରଣ ଜାଗାକୁ ଅପରିସ୍କାର ନଷ୍ଟଭ୍ରଷ୍ଟ କରି କଦାଗାର ବିଭତ୍ସ କରିବାରେ ଆମେ ବ୍ୟସ୍ତ । ଆମେ ଯେତେ ଶିକ୍ଷିତ ସଭ୍ୟ ବୋଲି ନିଜକୁ ପରିଚୟ ଦେଉଛେ କିନ୍ତୁ ଆଚରଣରେ ସେତିକି ଅଜ୍ଞାନତା ତଥା ଅସଭ୍ୟତା ପ୍ରଦର୍ଶିତ ହେଉଛି । ନୈତିକ ତଥା ଆଦର୍ଶଗତ ଉପଦେଶ, ଅଭିଭାଷଣ ଦେବାରେ ଆମେ ଯେତିକି ଆନନ୍ଦ ଅନୁଭବ କରନ୍ତି ସେତେଟା କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳୁନି । ଏହା ସ୍ପଷ୍ଟ ଯେ ନୈତିକତାକୁ ଚର୍ଚ୍ଚା କରୁଥିବା ବ୍ୟକ୍ତି ନୈତିକତା ପ୍ରତି କେତେ ସଚେତନ?

ମୋ. ୮୮୯୫୩୪୧୦୩୩

# ଡ. ଆମ୍ବେଦକରଙ୍କ ମତରେ ରାଜନୀତି

■ ଅଧ୍ୟାପକ ଗୋପବନ୍ଧୁ ■

ଶସି ଆନ୍ଦୋଳନ ରାଜନୈତିକ ରୂପ ନନେଲା ପର୍ଯ୍ୟନ୍ତ ତାହା ସଫଳତା ଲାଭ କରିପାରେ ନାହିଁ । ବିଶ୍ୱରେ ଯେତେ ସଫଳ ବିପ୍ଳବ ଅନୁଷ୍ଠିତ ହୋଇଯାଇଛି ତାହା ପଛରେ ରହିଛି ରାଜନୈତିକ ସଦିଚ୍ଛାର ବିସ୍ତାର । ବିପ୍ଳବୀମାନେ ଏହାର ବିସ୍ତାର ମାଧ୍ୟମରେ ନିଜେ ରାଜନୈତିକ କ୍ଷମତାକୁ ଅକ୍ତିୟାର କରନ୍ତି ଅଥବା ରାଜନୈତିକ ଚାପସୃଷ୍ଟି ମାଧ୍ୟମରେ ଶାସକ ବର୍ଗକୁ ନିଜ କଥା ମାନିବାକୁ ବାଧ୍ୟ କରନ୍ତି । ତେବେ ସଂଖ୍ୟାଧିକ କ୍ଷେତ୍ରରେ ଦେଖାଯାଇଛି ଆନ୍ଦୋଳନକାରୀମାନେ ନିଜେ ଶାସନ କ୍ଷମତାକୁ ଅଧିକାର କରିବା ପାଇଁ ପ୍ରୟାସ କରିଛନ୍ତି । ଶାସନ କ୍ଷମତା ହାତମୁଠାକୁ ନେବାପରେ ତାଙ୍କୁ ନିଜ ସପକ୍ଷରେ ନିୟମ ତିଆରି କରିବାକୁ ସହଜ ହୋଇଛି । କାରଣ ଏପରିବି ଦେଖାଯାଇଛି ଆନ୍ଦୋଳନର ଚାପରେ ଗୋଟିଏ ସରକାର ଯାହା ମାନିବାକୁ ହିଁ ଭରିଥାଏ ତାହାକୁ ପରେ ନମାନିବାର ଦୃଷ୍ଟିଭଙ୍ଗି ଆପଣେଇ ଥାଏ । ଏପରି ଦୃଷ୍ଟାନ୍ତ ଅନେକ ରହିଛି ।

ଏହି ପ୍ରସଙ୍ଗରେ ଭାରତବର୍ଷର ସମ୍ବିଧାନର ପ୍ରଣେତା ଓ ସାମାଜିକ ସମତା ଆନ୍ଦୋଳନର ମଉଡ଼ମଣି ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ପ୍ରସିଦ୍ଧ ଉକ୍ତି ଉଲ୍ଲେଖଯୋଗ୍ୟ । ସେ ନିଜ ଆନ୍ଦୋଳନର ସନ୍ଦର୍ଭରେ କହିଥିଲେ ରାଜନୀତି ହେଉଛି ସମସ୍ତ ତାଲାର ମୂଳ ଚାବିକାଠି । ତାଙ୍କ କହିବାର ଉଦ୍ଦେଶ୍ୟ ଥିଲା ଯେ ଦେଶରେ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ, ଅର୍ଥାତ୍ ସାମାଜିକ ଅସମ ସମାଜକୁ ବଦଳାଇ ଏକ ସମତାଭିତ୍ତିକ ସମାଜ ପ୍ରତିଷ୍ଠା କରିବାକୁ ହେଲେ ସମତାକାମି ଆନ୍ଦୋଳନକାରୀମାନଙ୍କୁ ରାଜନୈତିକ କ୍ଷମତା ଦଖଲ କରିବାକୁ ପଡିବ । ଏହାରି ମାଧ୍ୟମରେ କୋଠର ନିୟମ ତିଆରି କରି ଏକ ଭେଦଭାବ ରହିତ ସମତା, ମମତା ଓ ପ୍ରଜ୍ଞାଶୀଳ ସମାଜର ସ୍ଥାପନ କରିହେବ । ଯେତେ ପର୍ଯ୍ୟନ୍ତ ଏମାନେ ରାଜନୈତିକ ଶକ୍ତିରେ ପରିଣତ ନହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଏମାନଙ୍କ ସଂଗ୍ରାମ ଅଧୁରା ହୋଇ ରହିବ । ତାଙ୍କ ଉଚ୍ଚାରିତ ଏ ବାଣୀ ସମସ୍ତ ଆନ୍ଦୋଳନ ପ୍ରତି ପ୍ରଯୁଜ୍ୟ । ଲକ୍ଷ୍ୟ ହାସଲ ପାଇଁ ନିଜକୁ କ୍ଷମତାର ଆସନରେ ବସିବାକୁ ପଡିବ ଅଥବା ରାଜନୈତିକ ଚାପ ମାଧ୍ୟମରେ ନିଜ କଥାକୁ ମନାଇବାକୁ ହେବ ।

ତାଙ୍କ ମତରେ ରାଜନୀତି କେବଳ ଦେଶ ଶାସନର ବ୍ୟବସ୍ଥା ନୁହେଁ । ଏହା ସମାଜକୁ ଓ ସାମାଜିକ ମାନସିକତାକୁ ପରିବର୍ତ୍ତନ କରିବାର ମାଧ୍ୟମ ମଧ୍ୟ । ସମାଜର ଦୋଷ ଦୁର୍ବଳତାକୁ ହଟାଇ ସାମାଜିକ ଜୀବନକୁ ସରସସୁନ୍ଦର ଓ ନ୍ୟାୟପୂର୍ଣ୍ଣ ସହାବସ୍ଥାନକୁ ସୁନିଶ୍ଚିତ କରିଥାଏ । ବଞ୍ଚିତ ଓ ଶୋଷିତ ବର୍ଗକୁ ସୁରକ୍ଷା ପ୍ରଦାନ କରେ । ସମାଜର ଅନଗ୍ରସର ବର୍ଗକୁ ଅଗ୍ରସର ବର୍ଗ ସହିତ ସମକକ୍ଷ କରିବାକୁ ଯୋଜନା ପ୍ରସ୍ତୁତ କରେ । ଆଧୁନିକତାର ସହିତ ତାଳ ଦେଇ ବିଜ୍ଞାନର ଅନୁସରଣରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇବାକୁ ଚେଷ୍ଟା କରେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନଭାବେ ଶାସନରେ ଭାଗୀଦାରୀ କରାଏ । ସମସ୍ତଙ୍କୁ ସମାନ ସମ୍ମାନର ଅଧିକାରୀ କରାଏ । ତେଣୁ ରାଜନୀତି ହେଉଛି ଏପରି ଚାବିକାଠି ଯାହା ମାଧ୍ୟମରେ ସାମାଜିକ ବ୍ୟବସ୍ଥାରେ ଲାଗିଥିବା ଏପରି ତାଲାଗୁଡିକୁ ଖୋଲା ଯାଇପାରେ ।

ଯେକୌଣସି ପ୍ରକାରର ରାଜନୀତି ସମସ୍ତ ପ୍ରକାରର କୁବନ୍ଧନକୁ ହଟାଇ ପାରିବ ନାହିଁ । ଅର୍ଥାତ୍ ଯେକୌଣସି ପ୍ରକାରର ରାଜନୀତି ସମସ୍ତ ତାଲାର ମୂଳ ଚାବିକାଠି ହୋଇପାରିବ ନାହିଁ । କେବଳ ପ୍ରତିକ୍ରିୟାଶୀଳ ରାଜନୀତି ମୂଳ ଚାବିକାଠି ହୋଇପାରିବ । ଏହିପ୍ରକାର ରାଜନୀତି ହିଁ ସମସ୍ତ ପ୍ରତିବନ୍ଧକକୁ ହଟାଇ ସମାଜକୁ ଆଗକୁ ନେଇପାରିବ । ଯେଉଁମାନେ ସାମାଜିକ ବିଭେଦରେ ବିଶ୍ୱସୀ, ହିଂସା-ଦ୍ୱେଷର ବଶବର୍ତ୍ତୀ, ମଧ୍ୟଯୁଗୀୟ ଅନଗ୍ରସର ବିଚାରଧାରା ଦ୍ୱାରା ପରିଚାଳିତ, ଜାତି ଓ ଧାର୍ମିକ ଉନ୍ମାଦନା ସୃଷ୍ଟି କରି ସେଥିରୁ ଫାଇଦା ନେବାପାଇଁ ଆଗ୍ରହୀ, ସେପରି ଗୋଷ୍ଠୀ ହାତରେ ରାଜନୀତି ରୂପକ ଚାବିକାଠି ପଡିଲେ ସେମାନେ ତାଲା ଉପରେ ଆହୁରି ବଡ ତାଲା ପକାଇ ଦେବେ । ଏପ୍ରକାର ରାଜନୀତି ଦ୍ୱାରା କୌଣସି ପରିବର୍ତ୍ତନ ଆସିବ ନାହିଁ । ବରଂ ଏମାନେ ପରିବର୍ତ୍ତନର ମାର୍ଗକୁ ଆହୁରି ସଙ୍କୁଚିତ କରିଦେବେ । ତେଣୁ ବାବାସାହେବଙ୍କ ଉକ୍ତି ସେହିମାନଙ୍କ ପ୍ରତି ପ୍ରଯୁଜ୍ୟ ଯେଉଁମାନେ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳତାର ରାଜନୀତି କରନ୍ତି । ପରିବର୍ତ୍ତନ ପାଇଁ ରାଜନୀତି କରନ୍ତି ।

ବାବାସାହେବ ନିଜେ ରାଜନୀତିର ଗୁରୁତ୍ୱକୁ ବୁଝି ଏକ ରାଜନୈତିକ ଦଳ ୧୯୩୬ ମସିହାର ଗଠନ କରିଥିଲେ ଯାହା ଇଣ୍ଡିପେନଡେଣ୍ଟ ଲେବର ପାର୍ଟି ବା ସ୍ୱାଧୀନ ଶ୍ରମିକ ଦଳ ଭାବରେ ପରିଚିତ ଥିଲା । ଏହି ଦଳ ୧୯୩୭ ମସିହାର ପ୍ରୋଭିନସିଆଲ୍ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଖୁବ୍ ଭଲ ପ୍ରଦର୍ଶନ କରିଥିଲା । ପରେ ସେ ୧୯୫୬ ମସିହାରେ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ ଗଠନ କରିଥିଲେ । ନିଶ୍ଚିତରୂପେ ତାଙ୍କ ରାଜନୈତିକ ଦଳ ବିଶେଷ ସଫଳତା ପାଇପାରି ନଥିଲା । ସେ ନିଜେ ସାଧାରଣ ଓ ପ୍ରତ୍ୟକ୍ଷ ନିର୍ବାଚନରେ ହାରିଯାଇ ଥିଲେ । ଏହା ସତ୍ତ୍ୱେ ତାଙ୍କ ମନିଚ୍ଛା ଓ ରାଜନୈତିକ ଦିଗଦର୍ଶନ ସ୍ପଷ୍ଟ ଥିଲା । ରାଜନୈତିକ କ୍ଷମତା ଦଖଲ ବିନା ସାମାଜିକ ପରିବର୍ତ୍ତନ ଆନ୍ଦୋଳନ ଆଦୌ ସଫଳ ହେବ ନାହିଁ ବୋଲି ସେ ବାରମ୍ବାର ସୂଚାଇଦେଇ ଯାଇଛନ୍ତି । ଯାହା ତାଙ୍କ ଅନୁଗାମୀମାନେ ଏଯାଏଁ ବୁଝିପାରି ନାହାଁନ୍ତି । ଆଉ କେତେକେ ବୁଝି ବି ଅବୁଝା ।

ଭାରତୀୟ ସମାଜରେ ଥିବା ବର୍ଣ୍ଣବାଦ୍ ଓ ଏହାକୁ ନେଇ ଗଢ଼ିଉଠିଥିବା ଜାତିବାଦକୁ ନେଇ ସେ କ୍ଷୁବ୍ଧ ଥିଲେ । ଏହା ସାମାଜିକ ତାଡନା ଓ ଅସମାନତାର ମୂଳକାରଣ ବୋଲି ତାଙ୍କର ଧାରଣା ଥିଲା । ଏହା ସହିତ ସମାଜରେ ପରିବ୍ୟାପ୍ତ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ସାଙ୍ଗକୁ ଧାର୍ମିକ ମୌଳବାଦ ପାଇଁ ସେ ଚିନ୍ତିତ ଥିଲେ । ଏ ସମସ୍ତ ନାକାରାତ୍ମକ ବିଷୟଗୁଡ଼ିକୁ ହଟାଇ ଉପଯୁକ୍ତ ଯୋଜନା ମାଧ୍ୟମରେ ଏକ ସମତାଭିତ୍ତିକ ତର୍କସମ୍ମତ ସମାଜ ଗଠନର ସେ ପକ୍ଷଧର ଥିଲେ । ଏଥିପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ସେ ଭଲଭାବେ ଜାଣିଥିଲେ ଯେତେଯାଏଁ ତାଙ୍କ ପକ୍ଷଧର ଏକ ବିପ୍ଳବୀ ଗୋଷ୍ଠୀ ରାଜନୈତିକ କ୍ଷମତାକୁ ନିଜ ନିୟନ୍ତ୍ରଣକୁ ନନେଇଛି ସେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ଅସମ୍ଭବ । ତେଣୁ ସେ ତାଙ୍କ ସାମାଜିକ ଆନ୍ଦୋଳନକୁ ରାଜନୈତିକ ଆନ୍ଦୋଳନରେ ରୂପାନ୍ତରିତ କରିବାକୁ ଚେଷ୍ଟା କରିଥିଲେ ଓ ନିଜ ଅନୁଗାମୀଙ୍କୁ ଏଦିଗରେ ପ୍ରେରୀତ କରିଥିଲେ । ଆନ୍ଦୋଳନର ଏହାହିଁ ଅନ୍ତିମ ସୋପାନ ।

ସ୍ୱାଧୀନତାର ଦୀର୍ଘବର୍ଷ ପରେବି ତାଙ୍କ ଉକ୍ତିର ଆବଶ୍ୟକତା ରହିଛି । ଦେଶରେ ନୂତନ ଢଙ୍ଗରେ ଜାତିବାଦ ଓ ଧାର୍ମିକ ମୌଳବାଦ କାୟା ବିସ୍ତାର କରୁଛି । ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂର୍ବବତ୍ ପରିବ୍ୟାପ୍ତ ରହିଛ । ଏପରି ସ୍ଥିତିରେ ଏକ ପ୍ରତିକ୍ରିୟାଶୀଳ ଓ ପ୍ରଗତିଶୀଳ ଆନ୍ଦୋଳନର ଆବଶ୍ୟକତା ରହିଛି । ଯାହା ରାଜନୀତିକୁ ପରିବର୍ତ୍ତନର ମାଧ୍ୟମ ରୂପେ ଗ୍ରହଣ କରିବଛ ପରିବର୍ତ୍ତନ ପାଇଁ କ୍ଷମତାର ଉପଯୋଗ କରିବ । ଦେଶର ରାଜନୈତିକ ବ୍ୟବସ୍ଥା ଏ ଉକ୍ତିର ଆବଶ୍ୟକତାକୁ ବୁଝନ୍ତୁ ଓ ସେହି ଦିଗରେ ନିଜକୁ ପରିଚାଳିତ କରନ୍ତୁ । ସେମାନେ ବୁଝନ୍ତୁ ରାଜନୀତି ହେଉଛି ସମସ୍ତ ପରିବର୍ତ୍ତନର ମୂଳ ଆଧାର, ଅର୍ଥାତ ସମସ୍ତ ତାଲାର ମୂଳ ଚାବିକାଠି ।

ବାରିପଦା, ମୟୂରଭଞ୍ଜ
ମୋ. ୭୦୦୮୯୭୬୧୮୦

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ଡିସେମ୍ବର ୨୦୨୫ ବୁଧବାର ପୃଷ୍ଠା ୫


# ନାରୀର ଅଧିକାର ଓ ବିଶ୍ୱ ମାନବିକ ଅଧିକାର



ଆଜି ବିଶ୍ୱ ମାନବିକ ଅଧିକାର ଦିବସ । ଭାରତ ସରକାର ୧୯୯୩ ମସିହାରେ ଜାତୀୟ ମାନବିକ ଅଧିକା ଆୟୋଗ ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ଅନୁଯାୟୀ ମାନବିକ ଅଧିକାର ଅର୍ଥ ସମ୍ବିଧାନ ଦ୍ୱାରା ଏବଂ ଆନ୍ତର୍ଜାତିକ ଚୁକ୍ତିରେ ସନ୍ନିବିଷ୍ଟ ଏବଂ ଭାରତ ବର୍ଷର ଅଦାଲତରେ ପ୍ରବର୍ତ୍ତନୀୟ ବ୍ୟକ୍ତିବିଶେଷଙ୍କ ଜୀବନ, ସ୍ୱାତନ୍ତ୍ର୍ୟ, ସମାନତା ଏବଂ ସମ୍ମାନ ବା ମର୍ଯ୍ୟାଦା ସମ୍ପର୍କୀୟ ଅଧିକାରକୁ ବୁଝାଇବ । ସୂଚନାଯୋଗ୍ୟ ଓଡ଼ିଶାରେ ମାନବିକ ଅଧିକାର କମିଶନ ୨୦୦୩ ମସିହା ଜୁଲାଇ ମାସରେ ସ୍ଥାପିତ ହୋଇଛି । ନାରୀ ନିର୍ଯ୍ୟାତନା ରୋକିବା ଲାଗି ଯେଉଁଭଳି ମହିଳା ସଂଗଠନ ଗଠନ କରାଯାଇଛି, ଠିକ୍ ସେହିଭଳି ମାନବିକ ସୁରକ୍ଷା ଲାଗି ଜାତୀୟ ମାନବିକ ଅଧିକାର କମିଶନ୍ ଗଠନ କରାଯାଇଛି । ଆମ ରାଜ୍ୟରେ ୨୦୦୩ ମସିହାରୁ ମାନବିକ ଅଧିକାର କମିଶନ ଗଠନ ହେବା ପରଠାରୁ ଦେଖାଯାଉଛି ମହିଳାମାନେ ବିଶେଷକରି ମାନବିକ ଅଧିକାର ସଂକ୍ରାନ୍ତରେ ତ୍ୱରିତ ନ୍ୟାୟ ପାଇବାରେ ସକ୍ଷମ ହେଉଛନ୍ତି, ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ପ୍ରଚେଷ୍ଟା ପ୍ରଶଂସନୀୟ । ବିଭିନ୍ନ ମହିଳା ବିକାଶ କାର୍ଯ୍ୟକ୍ରମଠାରୁ ଥାନାରେ ମହିଳା ଡେସ୍କ ପ୍ରଚଳନ ଓ ସଭ୍ୟତାର ବିକାଶ ଦେଖିନଥିବା ଜଙ୍ଗଲୀ ମୁଲକର ସାଧାରଣ ଆଦିବାସୀ ମହିଳାଟି ନିଜର ମାନବିକ ଅଧିକାର ନେଇ ଦାବି ଉପସ୍ଥାପନ କଲାମାତ୍ରେ ତତ୍କାଳ ସୁଫଳ ପାଇପାରୁଛି ।







କେବେ ବାଧବାଧକତାରେ ତ କେବେ ମାନ୍ୟବର ନ୍ୟାୟାଧୀଶଙ୍କ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଯୋଗୁଁ ନାରୀ ପାଇଛି ସମ୍ମାନର ସହ ବଞ୍ଚିବାର ଅଧିକାର । ଆଇନର ଆଖି ଏବେ ଉଭୟ ପୁରୁଷ ଓ ନାରୀଙ୍କୁ ସମଦୃଷ୍ଟିରେ ଦେଖିବାର ପ୍ରୟାସ ଆରମ୍ଭ କରିଛି । କିଛି ଦଶନ୍ଧି ପୂର୍ବକୁ ଫେରିଗଲେ ଆମେ ଏମିତି ଅନେକ ଆଇନଗତ ଉଦାହରଣ ଦେଖିବାକୁ ପାଇବା । ଯାହା ପ୍ରମାଣିତ କରେ କିଭଳି ନ୍ୟୂନ ଅବସ୍ଥାରେ ଥିଲେ ଭାରତୀୟ ନାରୀ । ୧୯୩୮ ମସିହାରେ ଅଦାଲତରେ ଏମିତି ଅନେକ ମାମଲାର ଶୁଣାଣି ହୋଇଛି । ଯେଉଁଥିରେ ପତ୍ନୀକୁ ମାରପିଟ୍ କରିବା ସହ ଗାଳିଗୁଲଜ କରିବା ଭଳି ଅପରାଧକୁ ବିବେଚନା କରାଯାଇନଥିଲା । ୧୯୩୬ ମସିହାରେ ମାଡ୍ରାସର ସୁବିୟା ରୋଜାନ ଯେତେବେଳେ ନିଜର ୨୦ ବର୍ଷୀୟା ପତ୍ନୀକୁ ପିଟୁଥିଲେ ମଝିରେ ତାଙ୍କ ଶାଶୁ ତାଙ୍କୁ ଛଡ଼ାଇବାକୁ ଆସିଲେ । ସୁବିୟାଙ୍କ ମାଡ଼ରେ ତାଙ୍କ ଶାଶୁଙ୍କର ମୃତ୍ୟୁ ହେଲା । ଏହି ମାମଲାରେ ଅଦାଲତ ନିଷ୍ପତ୍ତି ଥିଲା ଅବିବେକି ଯେ ପତ୍ନୀକୁ ପତି ବାଡ଼େଇପାରିବେ । ସେସନ୍ ଜଜ୍ ଓଲଟ ପୋଲିସ ଉପରେ ରାଗିଥିଲେ ଯେ ପତ୍ନୀଙ୍କୁ ପିଟିବାର ଅଭିଯୋଗ କାହିଁକି ସେ ସ୍ୱାମୀଙ୍କ ଉପରେ କଲେ । ଅବଶ୍ୟ ଉଚ୍ଚନ୍ୟାୟାଳୟ ସେସନ୍ ଜଜ୍‌ଙ୍କ କଥାରେ ହିଁ ନକରି କହିଥିଲେ ଯେ ଏମିତି କୌଣସି ନିୟମ ନାହିଁ ଯେ ସ୍ୱାମୀ ଯେତେବେଳେ ଚାହିଁବେ ସ୍ୱାମୀଙ୍କୁ ବାଡ଼େଇପାରିବେ ।

ଧର୍ମଗନ୍ଥ ଆଧାରରେ ଆଇନ : ଏହି ନିଷ୍ପି ସମୟରେ ସାରା ଦେଶରେ ଏକପ୍ରକାର ଆନ୍ଦୋଳନ ଅବସ୍ଥା ଆସିଗଲା । ଦେଖାଗଲା ଯେ, କି କୋରାନ, ବାଇବେଲ୍ ମନୁସ୍ମୃତି ଆଧାରରେ ପତ୍ନୀଙ୍କୁ ପିଟିବା ସ୍ୱାମୀଙ୍କ ଅଧିକାରରେ ଆସୁଛି । ଅଦାଲତ ପଛେ ନିଷ୍ପତ୍ତି ନେଇ ନ ପାରୁ ଯେ ପତି ପତ୍ନୀଙ୍କୁ ପିଟିବା ଠିକ୍ କି ନାହିଁ, କିନ୍ତୁ ଏକଥା ନିଶ୍ଚିତ କରିଦେଲା ଯେ, ଯଦି ପତି ପତ୍ନୀର ନାକ କାଟିଦିଏ ତାହା ହେଲେ ଏହା ନିଶ୍ଚିତ ଭାବେ ପତିର କ୍ରୁରତା । ଏଭଳି ଘଟଣାକୁ ନେଇ ପରବର୍ତ୍ତୀ କାଳରେ ନାରୀ ପାଇଁ ବିଚାରଧାରାରେ ଅନେକ ଆଇନ ପ୍ରବର୍ତ୍ତିତ ହୋଇଛି । ଯେଉଁ ଆଇନଗୁଡ଼ିକ ହେଉଛି :-

**ଫ୍ୟାକ୍ଟ୍ରି ଆଇନ (୧୯୪୮)** : କଳାକାରଖାନାରେ କାମ କରୁଥିବା ମହିଳାମାନଙ୍କ ସୁରକ୍ଷା ପାଇଁ ଏହି ବିଲ୍ ପ୍ରଣୟନ କରାଯାଇଛି । ଏହାଦ୍ୱାରା ମହିଳାମାନଙ୍କ ପାଇଁ ଶୌଚାଳୟ, ପିଇବା ପାଣି, ତାଙ୍କ ପିଲାମାନେ କିପରି ସୁରକ୍ଷିତ ରହିପାରିବେ ଓ କେମିତି ପରିବେଶରେ ରହିବେ ଦୃଷ୍ଟି ଦିଆଯିବ । ସ୍ପେଶାଲ୍ ମ୍ୟାରେଜ୍ ଆକ୍ଟ (୧୯୫୪) : ଏହି ଆଇନ ଅନୁସାରେ ଝିଅକୁ ବିବାହ ପାଇଁ ଅତିକମ୍‌ରେ ୧୮ବର୍ଷ ହେବା ଦରକାର । ଆଉ ସେ ନିଜ ଇଚ୍ଛାରେ ବିବାହ କରିପାରିବ । ଯଦି ଚାହିଁବ ଅନ୍ୟ ଜାତିରେ ମଧ୍ୟ ବିବାହ କରିପାରିବ । ଚାଇଲ୍ଡ ଆଡ଼ପ୍ସନ ଆଣ୍ଡ ମେନୋନ୍ସ ଆକ୍ଟ (୧୯୫୬) : ଏହି ଆଇନ ଅନୁସାରେ ମାଆ ନିଜ ସନ୍ତାନର ଅଭିଭାବକ ହେବା ପାଇଁ ଦାବି କରିପାରିବ । ସ୍ୱାମୀ ତାକୁ ଛାଡ଼ି ଅନ୍ୟତ୍ର ରହୁଥିଲେ ସେ ସ୍ୱାମୀଙ୍କ ଠାରୁ ଭରଣପୋଷଣ ବାବଦରେ ତାଙ୍କ ରୋଜଗାରର ଏକ ତୃତୀୟାଂଶ ପାଇପାରିବ । ସଂପତ୍ତିଗତ ଅଧିକାର (୧୯୩୯) : ଝିଅ ଯଦି ବିଧବା, ପତି ପରିତ୍ୟକ୍ତା ଓ ଭିନ୍ନକ୍ଷମ ହୋଇଥାଏ ତାହାହେଲେ ସେ ବାପଘରେ ରହିପାରିବ । ହିନ୍ଦୁ ସକ୍‌ସେସନ୍ ଆକ୍ଟ (୧୯୫୬) : ଏହି ଆଇନ ଅନୁସାରେ ପୁଅଝିଅଙ୍କର ସଂପତ୍ତି ଉପରେ ସମାନ ଅଧିକାର ରହିବ । ଅବଶ୍ୟ ଏହା କେବଳ ହିନ୍ଦୁ ଝିଅମାନଙ୍କ ପାଇଁ । ପଦୋନ୍ନତି ହେବାର ଥାଏ ତାହାହେଲେ ତାକୁ ରୋକାଯିବ ନାହିଁ । ତେବେ ଓଡ଼ିଶାରେ ଏକ ପ୍ରସୂତିକାଳୀନ ଛୁଟି ୩ ମାସ ଥିବା ବେଳେ ଅନ୍ୟ ରାଜ୍ୟରେ ୬ ମାସ ରହିଛି । ଏହି ଛୁଟି ସମୟ ସରକାରୀ ଓ ବେସରକାରୀ ସଂସ୍ଥାରେ କାମ କରୁଥିବା ମହିଳାମାନଙ୍କୁ ଦିଆଯିବ । ଦରମା ଅଧିକାର : ଏହି ଅଧିକାରରେ ନାରୀ ଓ ପୁରୁଷ ସମାନ ଦରମା ପାଇବେ । ଯେ କୌଣସି ସ୍ତରରେ କାମ କରୁଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ଏହି ଆଇନ ଲାଗୁ ହେବ । ଯୌତୁକ ବିରୋଧୀ ଆଇନ (୧୯୬୧) : ଏହି ଆଇନ ଅନୁସାରେ ଯୌତୁକ ନେବା ଓ ଦେବା ହେଉଛି ଉଭୟ ଅପରାଧ । ଏଥିରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ଦଣ୍ଡିତ ହେବେ । ଇଣ୍ଡିସେ ରିପ୍ରେଜେସନ୍ ଅଫ୍ ଓମେନ୍ (ପ୍ରୋହିବିସନ୍ ଆକ୍ଟ) ୧୯୮୬) : ଏହି ଆଇନ ଅନୁସାରେ







ନାରୀମାନଙ୍କୁ ଅଶ୍ଳୀଳ ଭାବରେ ଚିତ୍ରିତ କରାଯାଇପାରିବ ନାହିଁ । ଅଶ୍ଳୀଳ ଦ୍ୱିଅର୍ଥବୋଧକ ଗୀତ, ଖବରକାଗଜର ଅଶ୍ଳୀଳ ଫଟୋ ଛପାଗଲେ ଜେଲ ଜୋରିମାନା ସହିତ ଦଣ୍ଡ ବ୍ୟବସ୍ଥା ରହିଛି । ନ୍ୟାସନାଲ୍ କମିଶନ ଅଫ୍ ଓମେନ୍ ଆକ୍ଟ (୧୯୯୦) : ଏହି ଆଇନ ଅନୁସାରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଜାତୀୟ ଓ ରାଜ୍ୟସ୍ତରରେ ମହିଳା କମିଶନ ଖୋଲାଯାଇଛି । କନ୍ୟାଭ୍ରୁଣ ହତ୍ୟା ବିରୋଧୀ ଆଇନ (୨୦୦୨) : ଏହି ଆଇନ ଅନୁସାରେ କନ୍ୟା ଭ୍ରୁଣ ନଷ୍ଟ କରିଥିବା ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ସେମାନଙ୍କୁ ଜୋରିମାନା ଓ ଜେଲଦଣ୍ଡରେ ଦଣ୍ଡିତ କରାଯିବ । ପ୍ରୋକ୍ଟେଟ ଅଫ୍ ଓମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ (୨୦୦୫) : ପୂର୍ବରୁ ପତି ପତ୍ନୀଙ୍କ ମଧ୍ୟରେ ଝଗଡ଼ା ଥିଲେ ପତି ପତ୍ନୀଙ୍କୁ ବାହାର କରିଦେଉଥିଲେ । ପତ୍ନୀ ଏକୁଟିଆ ବା ବାପଘରେ ଯାଇ ରହୁଥିଲେ । କିନ୍ତୁ ବର୍ତ୍ତମାନ ଆଇନ ଅନୁସାରେ ଛାଡ଼ପତ୍ର ନ ହେବା ପର୍ଯ୍ୟନ୍ତ ସ୍ତ୍ରୀକୁ ସ୍ୱାମୀ ବା ତାଙ୍କ ପରିବାରର କେହି ବାହାର କରିପାରିବେ ନାହିଁ । କମ୍ପଲସରି ରେଜିଷ୍ଟ୍ରେସନ୍ ଅଫ୍ ମ୍ୟାରେଜ ଆକ୍ଟ : କମ୍ ଦିନ ତଳେ ଏହି ଆଇନ ଲାଗୁ ହୋଇଛି । ଯେଉଁଥିରେ କି ବିବାହ ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯାଇଛି । କର୍ମଜୀବି ମହିଳା ୧୯୯୯ ମସିହାରେ ହୋଇଥିବା ଏହି ଆଇନ ଅନୁସାରେ କର୍ମ କ୍ଷେତ୍ରରେ ଯୌନ ନିର୍ଯାତନା ଭୋଗୁଥିବା ମହିଳାମାନଙ୍କ ପାଇଁ ଅଭିଯୋଗ କମିଟି କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଇଥାଏ । ୨୦୦୪ରେ ପ୍ରଣୟନ କରାଯାଇଥିବା ଏକ ଆଇନ ଅନୁସାରେ ଯଦି ସ୍ୱାମୀଙ୍କର ଦୁଇଜଣ ପତ୍ନୀ ରହିବେ ତେବେ ଦ୍ୱିତୀୟ ପତ୍ନୀ ମଧ୍ୟ ସ୍ୱାମୀଙ୍କ ସଂପିରୁ ଅଧିକାର ପାଇବା ସହିତ ତାର ପିଲାମାନେ ମଧ୍ୟ ସଂପିରୁ ଅଧିକାର ପାଇପାରିବେ ।

କେନ୍ଦ୍ରସରକାର ସ୍ୱତନ୍ତ୍ର ଭାବରେ ମହିଳା ସଶକ୍ତିକରଣ ପାଇଁ ଅନେକ ଜନାଭିମୁଖୀ ପ୍ରଶଂସନୀୟ କାର୍ଯ୍ୟକ୍ରମ ହାତକୁ ନେବା ସହ ମହିଳା ସ୍ୱୟଂ ସହାୟକ ସଂଗଠନ ମାଧ୍ୟମରେ ସେମାନଙ୍କର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଏ କ୍ଷେତ୍ରରେ ରାଜ୍ୟସରକାରମାନେ ମଧ୍ୟ ନିଷ୍ଠାପର ଭାବରେ ସହଯୋଗର ହାତ ବଢ଼ାଇଛନ୍ତି । ମାନବିକ ଅଧିକାରକ୍ଷେତ୍ରରେ ମହିଳା ମାନଙ୍କୁ ସ୍ୱତନ୍ତ୍ର ଭାବରେ ସେମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ସେମାନଙ୍କୁ ପ୍ରତ୍ୟକ୍ଷ ଗଣତନ୍ତ୍ରରେ ସାମିଲ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିଛନ୍ତି ସରକାର। ଗଣମାଧ୍ୟମରେ ବ୍ୟାପକ ଭାବରେ ମହିଳାମାନଙ୍କ ମାନବିକ ଅଧିକାର ପ୍ରତିଷ୍ଠା ପାଇଁ ପ୍ରେରଣାଦାୟକ ଫିଚର୍ ସହ ସ୍ୱତନ୍ତ୍ର ରିପୋର୍ଟିଂ ପ୍ରସ୍ତୁତ ହେଉଥିବାରୁ ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ପାରୁଛି ତେଣୁ ବିଶ୍ୱ ମାନବିକ ଅଧିକାର ଦିବସ ଅବସରରେ ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମାନବିକ ଅଧିକାର କ୍ଷେତ୍ରରେ ସମସ୍ତଙ୍କ ଭୂମିକାକୁ ସ୍ମରଣ କରିବାର ଦିନ ।


**ସୌର ଚନ୍ଦ୍ର ମହାପାତ୍ର**
ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ


# ମାନବିକ ଅଧିକାରର ସୁରକ୍ଷା

ପ୍ରତି ବର୍ଷ ଡିସେମ୍ବର ୧୦ ତାରିଖକୁ ସମଗ୍ର ବିଶ୍ୱରେ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଏ । ସମାଜରେ ମଣିଷ ଆତ୍ମମର୍ଯ୍ୟଦା ଓ ସ୍ୱାଭିମାନ ସହିତ ବଞ୍ଚିବାକୁ ମାନବିକ ଅଧିକାର କୁହାଯାଏ । ମାନବିକ ଅଧିକାରଯୁକ୍ତ ସ୍ୱାଭିମାନକୁ ହିଁ ଆମେ ମଣିଷର ଜୀବନ ବୋଲି ଗ୍ରହଣ କରିଥାଉ ।

ମନୁଷ୍ୟ ଜନ୍ମ ହେବା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମର୍ଯ୍ୟଦାପୂର୍ଣ୍ଣ ଭାବେ ବଞ୍ଚିରହିବା ପାଇଁ ଯେଉଁ ଅଧିକାର ଗୁଡିକ ଅତ୍ୟନ୍ତ ପ୍ରୟୋଜନ ହୋଇଥାଏ ତାହାକୁ ସାଧାରଣତଃ ମାନବିକ ଅଧିକାର କୁହାଯାଇଥାଏ । ମନୁଷ୍ୟ ପାଇଁ ଏହା ପ୍ରକୃତିଦତ୍ତ ଅଧିକାର । ଏହା ସମ୍ବିଧାନ ଦ୍ୱାରା ପ୍ରଦତ୍ତ ନୁହେଁ । ଏ ଅଧିକାର ପ୍ରତ୍ୟେକ ବ୍ୟକ୍ତି, ଜାତି, ବର୍ଣ୍ଣ, ଭାଷା ଓ ଆଞ୍ଚଳିକ ଭେଦଭାବ ଭୁଲି ପ୍ରକୃତି ପ୍ରତ୍ୟେକଙ୍କୁ ଦେଇଥାଏ । ସାଧାରଣ ଭାବେ ଏହା ମଧ୍ୟ କୁହାଯାଇପାରେ ଯେ ମଣିଷ ପରି ବଞ୍ଚି ରହିବାର ଭାବଧାରା ହିଁ ମାନବିକ ଅଧିକାରକୁ ବୁଝାଏ । ଏହି ପ୍ରକୃତିଦତ୍ତ ଅଧିକାର ଗୁଡିକ ମଧ୍ୟରୁ କେତେକ ଅଧିକାରକୁ ଆନ୍ତର୍ଜାତିକ ସ୍ତରରେ ଓ ଗୋଷ୍ଠୀଗତ ଭାବେ ମାନବିକ ଅଧିକାର ଭାବେ ନିର୍ଦ୍ଧାରଣ କରାଯାଇଛି । ମାନବିକ ଅଧିକାର ସୁରକ୍ଷିତ ରହିଲେ ପ୍ରତ୍ୟେକ ବ୍ୟକ୍ତିର ସମ୍ମାନ ଏବଂ ବ୍ୟକ୍ତି ନିଜେ ସୁରକ୍ଷିତ ରହିବ । ମାନବିକ ଅଧିକାର ସଂଜ୍ଞାର ପରିସର ଅତ୍ୟନ୍ତ ବିସ୍ତୃତ ଓ ବ୍ୟାପ୍ତ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନର ନାଜିମାନେ ସାଧାରଣ ଜନଜୀବନ ଓ ସମ୍ପତ୍ତି ନଷ୍ଟ କଲେ । ଦ୍ୱିତୀୟ ମହାଯୁଦ୍ଧର କରାଳ ବିଭୀଷିକା ପ୍ରଥମ ମହାଯୁଦ୍ଧ ଠାରୁ କ୍ରୁରତର ଥିଲା । ୟୁରୋପରେ ଲକ୍ଷ ଲକ୍ଷ ଇହୁଦିମାନଙ୍କୁ ଜର୍ମାନୀର ଉନ୍ମତ୍ତ ଶାସକ ହିଟଲ୍‌ର ନିଷ୍ଠୁର ଭାବେ ହତ୍ୟାକଲେ । ନାଜି ଶକ୍ତିର ଉତ୍ପୀଡନ, ଜର୍ମାନ ଓ ଇଟାଲୀ ସୈନ୍ୟଙ୍କର ୟୁରୋପ, ଆଫ୍ରିକା ଓ ବିଶେଷତଃ ଇଥିଓପିୟାରେ ଅତ୍ୟାଚର ଓ ହିଟଲରଙ୍କ ଇହୁଦି ନିଧନ ବିଶ୍ୱର ସଚେତନ ରାଷ୍ଟ୍ରମାନଙ୍କୁ ବ୍ୟଥିତ କରିଥିଲା । ପରସ୍ପର ମଧ୍ୟରେ ଶାନ୍ତି ଓ ସମନ୍ୱୟ ରକ୍ଷା ପାଇଁ ନାନା ପ୍ରକାର ପଦକ୍ଷେପ ନିଆଗଲା । ଚୀନ୍, ଗ୍ରେଟ୍ ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷିଆର ପ୍ରତିନିଧିମାନେ ୱାଶିଂଟନ୍ ଡି.ସି.ର ଡୁମ୍ବାଇଟନ୍‌ଓକ ଠାରେ ବିଶ୍ୱ ଶାନ୍ତି ରକ୍ଷା ଓ ଆନ୍ତର୍ଜାତିକ ସହଯୋଗ ନିମନ୍ତେ ଏକ ସଂସ୍ଥାର ଆବଶ୍ୟକତା ଉପଲବ୍ଧି କଲେ । ୧୯୪୫ ମସିହା ଜୁନ୍ ୨୬ ତାରିଖରେ ପୃଥିବୀର ୫୦ ଟି ଦେଶର ମିଳିତ ଉଦ୍ୟମରେ ମିଳିତ ଜାତିସଂଘ ଗଠନ କରାଗଲା । ଏହି ମିଳିତ ଜାତିସଂଘର ଏକ ଅନୁଷ୍ଠାନ ନିରାପତ୍ତା ପରିଷଦକୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ପତ୍ନୀ ଶ୍ରୀମତୀ ଏଲେନୋର୍ ରୁଜଭେଲଟ୍ ଅଧ୍ୟକ୍ଷତା କରିଥିଲେ । ଏହି କମିଶନରେ ୧୮ଟି ଦେଶର ପ୍ରତିନିଧିମାନେ ଥିଲେ । ୧ ବର୍ଷ ବିଚାର ବିମର୍ଷ ପରେ ମାନବିକ ଅଧିକାର ସାର୍ବଜନୀନ ଘୋଷଣା ପତ୍ର ପ୍ରସ୍ତୁତ ହେଲା ଓ ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ଜାତିସଂଘ ଏହାକୁ ଅନୁମୋଦନ କଲା । ବିଶ୍ୱର ୫୫ ଟି ରାଷ୍ଟ୍ର ସାଦରେ ଏହାକୁ ଗ୍ରହଣ କଲେ । ଏହି ଘୋଷଣାନାମାରେ ୩୦ଟି ଧାରା ରହିଛି । ଜୀବନ ଧାରଣ ଅଧିକାର, ଆଇନ୍‌ର ସମାନତା, ବ୍ୟକ୍ତିଗତ ସମ୍ମାନ ବା ମର୍ଯ୍ୟାଦା, ସାମାଜିକ ଓ ଅର୍ଥନୈତିକ ଅଧିକାର, ଆନ୍ତର୍ଜାତୀୟ କ୍ଷେତ୍ରରେ ସୁବିଧା ଓ ସୁଯୋଗ ଏହି ଅନୁଚ୍ଛେଦରେ ରହିଛି । ଆମ ଦେଶରେ ୧୯୯୩ ମସିହା ସେପ୍ଟେମ୍ବର ୨୩ ତାରିଖରେ ଜାତୀୟ ମାନବିକ ଅଧିକାର କମିଶନ ଗଠନ କରାଯାଇଛି । ରାଜ୍ୟମାନଙ୍କରେ ରାଜ୍ୟ ମାନବିକ ଅଧିକାର ଆୟୋଗ ଗଠନ ପାଇଁ ମଧ୍ୟ ବ୍ୟବସ୍ଥା ରଖାଯାଇଛି । ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ଓଡିଶା ରାଜ୍ୟ ମାନବିକ ଅଧିକାର ଆୟୋଗ ୨୦୦୩ ମସିହା ଠାରୁ କାର୍ଯ୍ୟ କରୁଛି । ପୃଥିବୀରେ ଶାନ୍ତି ଓ ସୁଖରେ ସହାବସ୍ଥାନ ପାଇଁ ମାନବିକ ଅଧିକାରକୁ ଅଗ୍ରାଧିକାର ଦେଇ ଜାତିସଂଘ ଏହାର ସୁରକ୍ଷା ପାଇଁ ସବୁବେଳେ ଚେଷ୍ଟା ଚଳାଇଆସିଛି । ମାନବିକ ଅଧିକାରର ବିଭିନ୍ନ ଦିଗ ଏବଂ ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ସେସବୁର ସାମୁହିକ ସୁରକ୍ଷା ପାଇଁ ଜାତିସଂଘ ୪ଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ସେଗୁଡିକ ହେଲା - ପ୍ରତ୍ୟେକ ଦେଶରେ ମାନବିକ ଅଧିକାର ଉପରେ ବିଶେଷ ଶିକ୍ଷାଦାନ, ଜାତୀୟ ସ୍ତରରେ ମାନବିକ ଅଧିକାର ପାଇଁ ଯୋଜନା, ମାନବିକ ଅଧିକାର ପାଇଁ ସ୍ୱାଧୀନ ସଂସ୍ଥା ଗଠନ ଏବଂ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଉଦ୍ୟମ ।



ସମ୍ବିଧାନ ସଂଶୋଧନ, ସ୍ୱେଚ୍ଛାସେବୀ ସଂଗଠନକୁ ସ୍ୱାଧୀନ ଦାୟିତ୍ୱ, ବିଚାରପତି ଓ ପୋଲିସ୍‌କୁ ଜ୍ଞାତବ୍ୟ ତଥ୍ୟ ପ୍ରଦାନ ଆଦି ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ଜରୁରୀ । ଏସବୁ ସଂପର୍କରେ ବିତର୍କ ହେଉଥିଲେ ମଧ୍ୟ ଭାରତରେ ମାନବିକ ଅଧିକାର ଉଲ୍ଲଘଂନ ହାର କମି ନାହିଁ । ଜାତିସଂଘର ନିର୍ଦ୍ଦେଶାବଳୀ ଅନୁସାରେ ୪ଟି ଅଧିକାରକୁ ମାନବାଧିକାର ପରିସର ଭୁକ୍ତ କରାଯାଇଛି । ସେଗୁଡିକ ହେଲା - ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ସମ୍ମାନର ସହ ବଞ୍ଚିବାର ଅଧିକାର, ସାମାଜିକ ଓ ଅର୍ଥନୈତିକ ଅଧିକାର । ଏଗୁଡିକର ଉଲ୍ଲଘଂନ ହେଲେ ମାନବାଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ଧରାଯାଇଥାଏ । କେଉଁଠି ପେଟର ଜ୍ୱାଳାକୁ ସହିନପାରି ମା' ତାର ଜନ୍ମିତ ଶିଶୁକୁ ବିକୁଛି ତ ପୁଣି କେଉଁଠି ଖାଦ୍ୟର ଅଭାବରୁ ଅଖାଦ୍ୟ ଖାଇ ଲୋକେ ମୃତ୍ୟୁବରଣ କରୁଛନ୍ତି । ଝିଅକୁ ବିଭାଘର ବେଳେ ଯାନିଯୌତୁକ କମ୍ ଦେଇଥିବାରୁ ଶାଶୁଘର ଲୋକେ ପୋଡି ମାରିଦେଉଛନ୍ତି । ଧାନର ଅଭାବୀ ବିକ୍ରୀ ହେଉଛି । ଋଣ ଶୁଝି ନପାରି ଚାଷୀ ଆତ୍ମହତ୍ୟା କରୁଛି । କାମଧନ୍ଦା ଅଭାବରୁ ଶ୍ରମିକ ବାହାର ଦେଶ ଓ ରାଜ୍ୟରେ ଦାଦନ ଖଟିବାକୁ ଯାଉଛି । ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କର୍ମଜୀବି ମହିଳା କାମନା ବାସନାର ଶୀକାର ହେଉଛି । ଦୁଷ୍କର୍ମର ପ୍ରମାଣକୁ ନଷ୍ଟ କରିବାପାଇଁ ଅଭିଯୋଗକାରୀକୁ ଜୀଅନ୍ତା ପୋଡି ଦିଆଯାଉଛି । ଚାଉଳ ଓ ଗହମ ପରି ଖାଦ୍ୟଶସ୍ୟକୁ ବଣ୍ଟନ କରାନଯାଇ ନଦୀ ଓ ସମୁଦ୍ରରେ ଭସାଇ ଦିଆଯାଉଛି । ପନିପରିବା ଓ ଲୁଣର କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି । ଜଣେ ରୋଗୀ ହସ୍ପିଟାଲରେ ଉପୁଯୁକ୍ତ ସେବା ପାଇପାରୁନାହିଁ । ଅସ୍ତ୍ରୋପଚାର ସମୟରେ ରୋଗୀର ପେଟରେ କଇଁଚି, ସୂତା, ଗଜ ରହିଯାଉଛି । ଖଣି ଓ ଶିଳ୍ପସଂସ୍ଥାରେ ଶ୍ରମିକ ସୁରକ୍ଷିତ ରହୁନାହିଁ । ଏହିସବୁ ଘଟଣା ଗୁଡିକ ରାଜ୍ୟର ମାନବିକ ଅଧିକାର ଉଲ୍ଲଘଂନ ପରିସର ମଧ୍ୟରେ ଆସୁଛି । ଓଡିଶାରେ ମାନବାଧିକାର ଉଲ୍ଲଘଂନ ମାମଲାର ୫୦ ପ୍ରତିଶତ ଘଟଣାରେ ପୋଲିସ୍ ସଂପୃକ୍ତ ରହୁଛି । କେଉଁଠି ପୋଲିସ୍ ଏତଲା ରଖୁନାହିଁ, ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଘଣ୍ଟ ଘୋଡାଉଛି, ଅଭିଯୁକ୍ତକୁ ଜାଣିଶୁଣି ଫେରାର ହେବାକୁ ସୁଯୋଗ ଦିଆଯାଉଛି, କାରାଗାରରେ ବନ୍ଦୀକୁ ନିର୍ଯାତନା ଦିଆଯାଉଛି, ନିରୀହ ଲୋକଙ୍କୁ ମିଛ କେସ୍‌ରେ ଗିରଫ କରାଯାଉଛି, ହାଜତ୍ ମୃତ୍ୟୁ ବଢୁଛି ଏହି ସବୁ ଅଭିଯୋଗ ବଢିବାରେ ଲାଗିଛି ।

ଜନସାଧାରଣଙ୍କ ମନରେ ମାନବାଧିକାର ସଂପର୍କରେ ସଚେତନତା ଓ ଜାଗରଣ ସୃଷ୍ଟି ବିଶ୍ୱ ମାନବିକ ଅଧିକାର ଦିବସର ମୂଳ ଲକ୍ଷ୍ୟ । ଲୋକଙ୍କୁ ଅଧିକାର ସଂପର୍କରେ ସଚେତନ କରାଇବା ଯେ କୌଣସି ଦେଶର କର୍ତ୍ତବ୍ୟ ଓ ଏହାର ଉଲ୍ଲଘଂନ ମନୁଷ୍ୟକୁ ମନୁଷ୍ୟ ଭାବରେ ବଞ୍ଚି ନ ରହିବାକୁ ବାଧ୍ୟ କରିଥାଏ । ଏଥିପାଇଁ ପ୍ରକୃତ ଗଣତାନ୍ତ୍ରିକ ମୂଲ୍ୟବୋଧର ସୃଷ୍ଟି, ଦୃଷ୍ଟିକୋଣର ପରିବର୍ତ୍ତନ ଓ ଆର୍ଥିକ ସ୍ୱଚ୍ଛଳତାର ଆବଶ୍ୟକତା ରହିଛି । ବ୍ୟକ୍ତିର ଆନ୍ତରିକତା, ରାଷ୍ଟ୍ରର ସହଯୋଗ ମାନବିକ ଅଧିକାରକୁ ଅଧିକ ଫଳପ୍ରଦ କରିପାରିବ ।




# ଓଡ଼ିଶାରେ ମାନବାଧିକାର

ରାଜ୍ୟରେ ମାନବାଧିକାର ଉଲ୍ଲଂଘନ ମାମଲା ବୃଦ୍ଧି ପାଉଛି। ଗତ ବର୍ଷ ପୁରୀର ବାସେଳିସାହିର ପୁଲିସ ହାଜତ ମୃତ୍ୟୁ ହେଉ କିମ୍ବା ପରୀ ହତ୍ୟା ମାମଲା, ସବୁଥିରେ ମାନବାଧିକାର ଉଲ୍ଲଂଘନ ନଜରକୁ ଆସୁଛି । ବିଶେଷକରି ସାଧାରଣ ଲୋକଙ୍କ ଉପରେ ପୁଲିସ ଅତ୍ୟାଚାର ବଢ଼ିବାରେ ଲାଗିଛି । ପରିସ୍ଥିତି ଏପରି ହେଲାଣି ଯେ, ପୁଲିସର ବରିଷ୍ଠ ଅଧିକାରୀଙ୍କୁ ଥାନାରେ ନିଯୁକ୍ତି ନ ଦେଇ ମାନବାଧିକାର ସଂପର୍କିତ ତାଲିମ ଦେବା ଲାଗି ମାନବାଧିକାର ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ପଡୁଛି। ମଣିଷ, ମଣିଷ ଭଳି ବଞ୍ଚିବ ଓ ମର୍ଯ୍ୟାଦାର ସହ ବଞ୍ଚିବ ଏହା ହେଉଛି ମାନବାଧିକାରର ମୂଳମନ୍ତ୍ର । ମା'ର ଜରାୟୁଠାରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ମାନବାଧିକାର ରହିଛି। ମାତ୍ର ଅଧିକାଂଶ କ୍ଷେତ୍ରରେ ମାନବାଧିକାରର ସୁରକ୍ଷା ହୋଇପାରୁ ନାହିଁ। ମାନବାଧିକାରର ପରିସୀମା କେବଳ ପୁଲିସର ଅତ୍ୟାଚାର, ହାଜତ ମୃତ୍ୟୁ କିମ୍ବା ଏନକାଉରରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ଭିତରେ ସୀମିତ ରହିନାହିଁ । ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ ବ୍ୟାପକ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଭଳି କ୍ଷେତ୍ରରେ ମାନବାଧିକାରକୁ ଗୁରୁତ୍ୱ ଦିଆଯାଉଛି । ମାନବାଧିକାରର ସୁରକ୍ଷା ଦିଗରେ ଓଡ଼ିଶାର ସ୍ଥିତି ମଧ୍ୟ ଉଦ୍‌ବେଗଜନକ ରହିଛି । ପ୍ରତିବର୍ଷ ରାଜ୍ୟରେ ଶହ ଶହ ମାମଲା ରାଜ୍ୟ ମାନବାଧିକାର କମିଶନ ସହିତ ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ ହେଉଛି । ରାଜ୍ୟରେ ଚଳିତବର୍ଷ ଅକ୍ଟୋବର ମାସ ସୁଦ୍ଧା ରାଜ୍ୟରେ ୧୪,୮୮୭ ମାମଲା ବଢ଼ି ଚାଲିଛି। ସେହିପରି ଗତ ୨୦ ବର୍ଷ ଭିତରେ ଜାତୀୟ ମାନବାଧିକାର କମିଶନରେ ୭୩ ହଜାରରୁ ଅଧିକ ମାମଲା ଦାୟର ହୋଇଛି । ତେଣୁ ମାନବାଧିକାରର ସୁରକ୍ଷା ଦିଗରେ ରାଜ୍ୟର ସ୍ଥିତି ଏଥିରୁ ସହଜରେ ଅନୁମେୟ । କେବଳ ବ୍ୟକ୍ତିଗତ ମାନବାଧିକାର ଉଲ୍ଲଂଘନର ବିଚାର ଦିଗରେ କମିଶନ ଯେତିକି ଗୁରୁତ୍ୱ ଦେଉଛନ୍ତି ନୀତିଗତ ବୃହତର ସ୍ୱାର୍ଥ କ୍ଷେତ୍ରରେ କମିଶନର ସେଭଳି ଆଗ୍ରହ ଦେଖାଉ ନାହାନ୍ତି। ସେହିପରି ଅନେକ କ୍ଷେତ୍ରରେ କମିଶନ ମାନବାଧିକାର ଉଲ୍ଲଂଘନ ବିଚାର କରି ଯେଉଁ ନିର୍ଦ୍ଦେଶ ଦେଉଛନ୍ତି ସରକାରୀ ସ୍ତରରେ ମଧ୍ୟ ଏହାକୁ ଠିକ୍‌ରେ ପାଳନ କରାଯାଉ ନାହିଁ। ମାନବାଧିକାର କେବଳ ମାନବାଧିକାର କମିଶନ ମଧ୍ୟ ସୀମିତ ନୁହେଁ । ମାନବାଧିକାର କମିଶନ ବାଦ ସୂଚନା କମିଶନ, ଶିଶୁ ଅଧିକାର ସୁରକ୍ଷା, ମହିଳା କମିଶନ, ଖାଦ୍ୟ କମିଶନ ଓ ଲୋକାୟୁକ୍ତ ମଧ୍ୟ ମାନବାଧିକାର ପରିସର ଅନ୍ତର୍ଭୁକ୍ତ । ତେଣୁ ଏସବୁ କମିଶନକୁ ଅନୁଶୀଳନ କଲେ ସେଠାରେ ମଧ୍ୟ ଅନେକ ମାମଲା ପଡ଼ିରହିଛି ।

ଆଜିର ସମୟରେ ମାନବାଧିକାର କମିଶନର ପରିସୀମା ବୃଦ୍ଧି ହୋଇଥିବା କଥା ଠିକ୍ ନୁହେଁ ଚଆମେରିକା ବିପ୍ଳବ ଠାରୁ ଫରାସୀ ବିପ୍ଳବରେ ମଧ୍ୟ ମାନବାଧିକାର କଥା କୁହାଯାଇଛି । ଜାତିସଂଘର ବିଲ୍ ଅଫ୍ ରାଇଟ୍‌ରେ ଜୀବନ, ସଂପତ୍ତି ଓ ସ୍ୱାଧୀନତା କଥା ଉଲ୍ଲେଖ ରହିଛି । ରାଜ୍ୟରେ ମାନବାଧିକାର କମିଶନଙ୍କ ଠାରୁ ଆରମ୍ଭ କରି ଅନେକ କମିସନ ରହିଥିଲେ ହେଁ, ଏଥିରେ କେବଳ ବ୍ୟକ୍ତିଗତ ମାମଲା ଗୁଡ଼ିକର ବିଚାରକୁ ଗୁରୁତ୍ୱ ଦିଆଯାଉଛି । ମଧ୍ୟାହ୍ନ ଭୋଜନ ବିଭ୍ରାଟ, ଦାଦନ ଶ୍ରମିକ, ଚାଷୀ ଆତ୍ମହତ୍ୟା, ସର୍ବନିମ୍ନ ମଜୁରୀ ଓ ଶିକ୍ଷା ଅଧିକାର ଭଳି ନୀତିଗତ ବିଚାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଉନି । ରାଜ୍ୟରେ ମାନବାଧିକାରର ସୁରକ୍ଷା ପାଇଁ ଯେଉଁ ବାତାବରଣ ସୃଷ୍ଟି ହେବାର ଆବଶ୍ୟକତା ରହିଛି ତାହା ସୃଷ୍ଟି କରିବାରେ ସବୁ କମିସନ ବିଫଳ ହୋଇଛନ୍ତି । ସବୁ ଲୋକ ନିଜର ଅଭିଯୋଗ ନେଇ କମିଶନକୁ ଆସିପାରିବେ ନାହିଁ, ଏହାସତ୍ତ୍ୱେ ମଧ୍ୟ ସେମାନଙ୍କର କିଭଳି ମାନବାଧିକାର ସୁରକ୍ଷିତ ରହିବ ତାହାକୁ ଗୁରୁତ୍ୱ ଦେବାର ସମୟ ଆସିଯାଇଛି । ପଡ଼ି ରହିଥିବା ମାମଲା ଗୁଡ଼ିକର ତ୍ୱରିତ ବିଚାର ହେବ କମିସନ ଏଥିପାଇଁ ଏକ ମେକାନିଜିମ୍ ପ୍ରସ୍ତୁତ କରିବା ଦରକାର। ଏହାସହ ଜନସ୍ୱାର୍ଥ ମାମଲା ଗୁଡ଼ିକର ତ୍ୱରିତ ବିଚାର କରାଯିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ମାନବାଧିକାରକୁ କମ୍ ଗୁରୁତ୍ୱ ଦେଉଛନ୍ତି । ଏପରିକି କମିଶନ ଯେଉଁ ମାମଲା ଗୁଡ଼ିକରେ କ୍ଷତିପୂରଣ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି, ସେଠାରେ ସରକାର କ୍ଷତିପୂରଣ ପ୍ରଦାନ କରିବା ଲାଗି ନିଜର ଅସମର୍ଥତା ପ୍ରକାଶ କରୁଛନ୍ତି । ଏହାସହ କମିଶନ ଯେଉଁ ଘଟଣାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି, ଠିକଣା ସମୟରେ ତଦନ୍ତ ରିପୋର୍ଟ ଆସିପାରୁ ନାହିଁ ବୋଲି ସେ କହିଛନ୍ତି । ରାଜ୍ୟ ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାସ କହିଛନ୍ତି, ଓଏଚ୍‌ଆରସି ଏବେ ପୂର୍ଣ୍ଣ ସଦସ୍ୟକୁ ନେଇ କାର୍ଯ୍ୟ କରୁଛି । ପୂର୍ବରୁ ଯେଉଁ ପୁରୁଣା ମାମଲା ପଡ଼ି ରହିଛି ସେସବୁର ବିଚାର କରିବା ଲାଗି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । କେବଳ ବ୍ୟକ୍ତିଗତ ସ୍ତରରେ ଯେଉଁ ଅଭିଯୋଗ ହେଉଛି ତା ନୁହେଁ, ବୃହର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟ କମିଶନ ବିଚାର କରୁଛନ୍ତି । ଟ୍ରାଫିକ ସମସ୍ୟା ହେଉ ବା କୋଭିଡ଼ ଓ କଟକର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମାତ୍ର ବର୍ତ୍ତମାନ ସମୟରେ ମଧ୍ୟ ଅନେକ ଲୋକ ସେମାନଙ୍କର ମାନବାଧିକାର ସଂପର୍କରେ ସଚେତନ ନୁହନ୍ତି । ତେଣୁ ଆଗାମୀ ଦିନକରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଜନସଚେତନତା ଶିବିର ଆୟୋଜନ କରିବା ପାଇଁ ଲକ୍ଷ୍ୟ ରଖିଛି ।






***ଦେବରଞ୍ଜନ ସାମଲ***
***ସୁପ୍ରିମକୋର୍ଟ ଅଫ ଇଣ୍ଡିଆ,***
***୧୨୪ନର୍ଥ ଆଭେନ୍ୟୁ,***
***ନୂଆଦିଲ୍ଲୀ***




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୦ ଡିସେମ୍ବର ୨୦୨୫ ● ବୁଧବାର


## ସ୍କୁଲ ପରିସରରେ ଛାତ୍ରକୁ ଆକ୍ରମଣ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଇବଣିଆ ଥାନା ଚମାର ଗାଁ ପଞ୍ଚାୟତ ସ୍ଥିତ ଗୋପୀନାଥ ବିଦ୍ୟାଳୟରରେ ଛାତ୍ରଛାତ୍ରଙ୍କ ମଧ୍ୟରେ ମାରପିଟ୍ ହୋଇ ଜଣେ ଦଶମ ଶ୍ରେଣୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସୋମବାର ୩ଟାରେ ବିଦ୍ୟାଳୟ ଚାଲିଯିବା ବେଳେ, ଆହତ ଛାତ୍ରର ବାପା ପଞ୍ଚାନନ ଦେଙ୍କ ସମ୍ପର୍କରେ କାନ୍ଥରେ ଆପତ୍ତି ଜନକ ଶବ୍ଦ ଦେଖି ପ୍ରତିବାଦ କରିଥିଲେ। ଫଳରେ ନିକଟରେ ଥିବା ଦୁଇ ସହପାଠୀ ଛାତ୍ର ତାକୁ ନିର୍ଦ୍ଧୁମ ମାଡ଼ ମାରିଥିଲେ। ସଂଗେ ସଂଗେ ପରିବାରକୁ ସୂଚିତ କରି, ହିନ୍ଦି ଓ କଳା ଶିକ୍ଷକ ଜିକେ ଉଚ୍ଚର ହସ୍ପିଟାଲକୁ ଆଣିଥିଲେ। ଆହତ ଛାତ୍ର ଚିକିତ୍ସାଧୀନ ଥିବା ବେଳେ ବିଭିନ୍ନ ପରୀକ୍ଷା ହେଉଥିବା ଡାକ୍ତର ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ ଯୋଗ୍ୟ ୨ମାସ ପୂର୍ବେ ସେହି ବିଦ୍ୟାଳୟରେ ଉକ୍ତ ଛାତ୍ରକୁ ମଧ୍ୟ ସହପାଠୀମାନେ ଆକ୍ରମଣ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି ଓ ଛାତ୍ର, ପରିବାରକୁ ବସାଇ ସମାଧାନ ହୋଇଥିଲା। ଟିୟୁସନ ପଢାକୁ ନେଇ ଗଣ୍ଡଗୋଳର ସୂତ୍ରପାତ କଥା ଆସୁଥିବା କୁହାଯାଉଛି। ଉକ୍ତ ବିଦ୍ୟାଳୟରେ ପାଠ ପଢା ସମୟରେ ବାରମ୍ବାର ଛାତ୍ର ଗୋଣ୍ଡଗୋଳକୁ ନେଇ ଅଭିଭାବକ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ପୋଲିସ ସଂଘ କୋଷାଧକ୍ଷ ରାଧାନାଥଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସାଂଗଠନିକ ବୈଠକ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ୟୁନିଟ୍-୧ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇ ସମିତିର ସଭ୍ୟ ପ୍ରତାପ କୁମାର ମହାନ୍ତି, ମହେନ୍ଦ୍ର ପ୍ରସାଦ ଧାନୀ, ବରେନ୍ଦ୍ର ନାରାୟଣ ମହାପାତ୍ର, ନାରାୟଣ ଚନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ନାୟକ, ହରିଶ ଚନ୍ଦ୍ର ସେଠ ଓ ଅନ୍ୟମାନଙ୍କୁ ସେମାନଙ୍କର ଜନ୍ମ ବାର୍ଷିକ ପାଇଁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଯାଇଥିଲା। ନିକଟରେ ମଧ୍ୟପ୍ରଦେଶ ଭୋପାଳରେ ହୋଇଥିବା ସର୍ବଭାରତୀୟ ଭେଟେରାନ୍ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅବସରପ୍ରାପ୍ତ ପୋଲିସ ସଂଘର କୋଷାଧକ୍ଷ ରାଧାନାଥ ମହାପାତ୍ର ଏକ ସ୍ୱର୍ଣ୍ଣ ଓ ଏକ ରୌପ୍ୟ ପଦକ ହାସଲ କରିଥିବାରୁ ସଂଘ ତରଫରୁ ତାଙ୍କୁ ଉତ୍ତରୀୟ, ପଗଡ଼ି ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଶ୍ରୀ ମହାପାତ୍ର ବନ୍ଧୁକ ଚାଳନାରେ ତାଙ୍କର ଅଭିଜ୍ଞତା ପ୍ରକାଶ କରିଥିଲେ। ଅତିଥି ଶ୍ରୀ ପଣ୍ଡା, ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ, ସନ୍‌ସାଇନ୍ ହସ୍ପିଟାଲର ସନ୍ଦୀପ ପୃଷ୍ଟି, ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ଶାଖାର ଉପସଭାପତି ସୁଦର୍ଶନ ଦାସ ତାଙ୍କର ଅଭିଭାଷଣରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ, ସେମାନଙ୍କର ବିଭିନ୍ନ ସମସ୍ୟା, କର୍ତ୍ତବ୍ୟ ଓ ନିରାକରଣ ଉପରେ ବିଶଦ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ସଂପାଦକ ସୁବେଶ ସାମଲ, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଯୁଗ୍ମ ସଂପାଦକ ଯୁଧିଷ୍ଠିର ମଲ୍ଲିକ, ଅତିରିକ୍ତ ସାଧାରଣ ସଂପାଦକ ନିହାର ରଞ୍ଜନ ଦାସ, ଜନକଲ୍ୟାଣ ସଂପାଦକ ବିମଳ ମହାନ୍ତି, ବରିଷ୍ଠ ସଭ୍ୟ ରବୀନ୍ଦ୍ର କୁମାର ମହାପାତ୍ର, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ହରିଶ୍ଚନ୍ଦ୍ର ସେଠ, ପ୍ରମିଳା ନାୟକ, ତପସ୍ୱିନୀ ଆରୁଖ, ଦେବେନ୍ଦ୍ରନାଥ ଶତପଥୀ, ହେମଚନ୍ଦ୍ର ଜେନା ପରିଚାଳନା କରିଥିଲେ। ନୂତନ ସଭ୍ୟ ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ଜେନା, ତ୍ରିଲୋଚନ ସ୍ୱାଇଁ, ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ପ୍ରଭାକର ନାୟକଙ୍କୁ ସ୍ୱାଗତ କରାଯାଇଥିଲା ବୋଲି ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

## 'ଆନ୍ତର୍ଜାତୀୟ ଜନମଙ୍ଗଳ ସମ୍ମିଳନୀ'



**ନୂଆଦିଲ୍ଲୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ବିରଳ ସଂଯୋଗବଶତଃ, ଏହି ଦୁଇ ଦିନିଆ 'ଆନ୍ତର୍ଜାତୀୟ ଲୋକ କଲ୍ୟାଣ ସମ୍ମିଳନୀ' ଯୋଗ ଏବଂ ଉପବାସର ଦୁଇ ପ୍ରଖ୍ୟାତ ସନ୍ଥ: ଯୋଗ ଋଷି ସ୍ୱାମୀ ରାମଦେବ ଜୀ ମହାରାଜ ଏବଂ ଜୈନ ସନ୍ଥ ଅନ୍ତର୍ମଣା ଆଚାର୍ଯ୍ୟ ପ୍ରସନ୍ନ ସାଗର ଜୀ ମହାରାଜଙ୍କ ପବିତ୍ର ମାର୍ଗଦର୍ଶନରେ ଅନୁଷ୍ଠିତ ହେଉଛି। ଜନ କଲ୍ୟାଣର ସଠିକ ଦୃଷ୍ଟିକୋଣ: ଉପବାସ, ଧ୍ୟାନ, ଯୋଗ ଏବଂ ସ୍ୱଦେଶୀ ଚିନ୍ତାଧାରା ଉପରେ ଧ୍ୟାନ ଦିଆଯିବ।

ଡିସେମ୍ବର ୧୨-୧୩ ତାରିଖରେ, 'ପ୍ରତି ମାସରେ ଗୋଟିଏ ଉପବାସ' ଅଭିଯାନର ଶୁଭାରମ୍ଭ ସମୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ଗଜେନ୍ଦ୍ର ସିଂହ ଶେଖାୱତ, ଭୂପେନ୍ଦ୍ର ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା, ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ପରଭେଶ ସାହିବ ସିଂହ ଏବଂ କପିଲ ମିଶ୍ର, ସାଂସଦ ସୁଧାଂଶୁ ତ୍ରିବେଦୀ, ଯୋଗେନ୍ଦ୍ର ଚାଣ୍ଡୋଲିଆ, ଇଣ୍ଡିଆ ଟିଭିର ଅଧ୍ୟକ୍ଷ ରଜତ ଶର୍ମା, ପ୍ରସିଦ୍ଧ ଯକୃତ ବିଶେଷଜ୍ଞ ଡକ୍ଟର ଏସ.କେ. ସରିନ, ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ.ପି. ସିଂହ ଏବଂ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଅନୁରାଗ ବର୍ଷେନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଷଣ ଦେବେ। ପୂଜ୍ୟ ବାଗେଶ୍ୱର ସରକାର ଧୀରେନ୍ଦ୍ର ଶାସ୍ତ୍ରୀ ଜୀ ଏକ ଡିଜିଟାଲ ସମ୍ବୋଧନ ଦେବେ, ଯେତେବେଳେ ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜ, ଗୀତା ବିଦ୍ୱାନ ମହାମଣ୍ଡଳେଶ୍ୱର ଜ୍ଞାନାନନ୍ଦ ଜୀ ମହାରାଜ, ଏବଂ ମହନ୍ତ ବାଳକନାଥ ଯୋଗୀ ଜୀ ମହାରାଜ ସେମାନଙ୍କର ପବିତ୍ର ଉପସ୍ଥିତି ପ୍ରଦାନ କରିବେ।

## ଶିକ୍ଷୟିତ୍ରୀଙ୍କୁ ହତ୍ୟା ଧମକ: ଥାନାରେ ମାମଲା

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ତିଳଦା ଗ୍ରାମର ଜନୈକା ବିବାହିତା ମହିଳା ଶିକ୍ଷୟିତ୍ରୀଙ୍କୁ ବର୍ଷବର୍ଷ ଧରି ନାନାଦି ପ୍ରକାର ହଇରାଣ କରିବା ତଥା ଜୀବନରୁ ମାରିଦେବାର ଧମକ ଦେଉଥିବା ଯୁବକଙ୍କ ବିରୁଦ୍ଧରେ ଶିକ୍ଷୟତ୍ରୀ ବୈଶିଙ୍ଗା ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ତିଳଦା ଗ୍ରାମର ଭାଗିରଥି ମହାନ୍ତଙ୍କ କନ୍ୟା ବିମଳା ମହାନ୍ତ ସଂସ୍କୃତରେ ଏମଫିଲ ହାସଲ କରି କୁଆମରା ସରକାରୀ ହାଇସ୍କୁଲରେ ୨୦୧୨ ମସିହାରେ ନିଯୁକ୍ତି ପାଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ବୃଦ୍ଧ ବାପା ମାଆଙ୍କ ସେବା କରି ଦୈନିକ ୭୦ କିମି. ସ୍କୁଟିରେ ଯିବାଆସିବା କରୁଛନ୍ତି। ତାଙ୍କ ବଡ ଭଉଣୀର ଦିଅର ଚିତ୍ରଡା ଗ୍ରାମର ବାୟା ମହାନ୍ତଙ୍କ ପୁତ୍ର କେଦାରେଶ୍ୱର ମହାନ୍ତ (୩୮) ବିମଳାଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇ ବିମୁଖ ହେବା ପରେ ନାନାଦି ହଇରାଣ କରିବାକୁ ପଛାଉ ନାହିଁ ବୋଲି ଥାନାରେ ଅଭିଯୋଗରେ ଦର୍ଶାଇଛନ୍ତି। ବିମଳାଙ୍କ ବିରୁଦ୍ଧରେ ଶିକ୍ଷା ବିଭାଗ ଉଚ୍ଚ ଅଧିକାରୀଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିବା ପରେ ଅଧିକାରୀଙ୍କ ଦ୍ୱାରା ତଦନ୍ତ ମଧ୍ୟ କରାଇଛନ୍ତି। ସେଥିରେ ମଧ୍ୟ ବିଫଳ ହେବା ପରେ ଏବେ ରାସ୍ତାରେ ମାରିଦେବାର ଧମକ ଦେଇଛି କେଦାରେଶ୍ୱର। ଜୀବନ ପ୍ରତି ବିପଦ ଥିବାରୁ ଏହାର ପ୍ରତିକାର ପାଇଁ ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି ଶିକ୍ଷୟତ୍ରୀ ବିମଳା ମହାନ୍ତ। ଅଭିଯୋଗ ପାଇବା ପରେ ତଦନ୍ତ କରିବାର ପ୍ରତିଶୃତି ଦେଇଛନ୍ତି ବୈଶିଙ୍ଗା ଥାନାଧିକାରୀ।

## ସୀମା ଟପିଲାଣି ଚନ୍ଦକା ଥାନାର ବର୍ବରତା: ଯୁବ କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୮ ତାରିଖରେ ଭୁବନେଶ୍ୱର କମିସନରେଟ ପୋଲିସ ଅନ୍ତର୍ଗତ ଚନ୍ଦକା ଥାନାର ଦୌରାତ୍ମ୍ୟ ବ୍ରିଟିସରାଜର ବର୍ବରତାକୁ ଅତିକ୍ରମ କରିଛି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଅଭିଯୋଗ କରିଛନ୍ତି। ଚନ୍ଦକା ଥାନା ଅନ୍ତର୍ଗତ ଜଣେ ଅପରାଧିକୁ ଗିରଫ କରିବାପାଇଁ ଥାନାର ଏକ ଟିମ ସାଧା ପୋଷାକରେ ଓ ବିନା ପରିଚୟ ପତ୍ରରେ କଣ୍ଟାବାଡ଼ ଗ୍ରାମର ଜଲିଲ ଖାନଙ୍କ ଘରେ ରାତିଅଧିଆ ଚଢ଼ାଉ କରିଥିଲେ। ପ୍ରସଙ୍ଗ ଏହିକିଯେ ପୋଲିସ ଚଢ଼ାଉ କରୁଥିବା ଘର ସେ ଅପରାଧିଙ୍କର ନଥିଲା। ଅପରାଧିଙ୍କ ଘର ଜଲିଲ ଖାନଙ୍କ ଘର ନିକଟବର୍ତ୍ତୀ ଥିଲା। ଜଲିଲ ଖାନ ଜଣେ ଭଦ୍ରଲୋକ ଏବଂ ସେ ନୀରପରାଧ। ପୋଲିସ ତାଙ୍କ ଘର କବାଟ ଭାଙ୍ଗିବା ସହ ଘରେ ଥିବା ଆସବାବପତ୍ରକୁ ଫୋପଡ଼ା ଫିଙ୍ଗା କରିଥିଲେ। ଜଲିଲ ଖାନ ଏବଂ ତାଙ୍କର ପରିବାର ବର୍ଗ ପୋଲିସର ଏଭଳି ଆକ୍ରମଣରେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ସେମାନେ ଯେହେତୁ ଅପରାଧି ନଥିଲେ ପୋଲିସର ଏଭଳି କାର୍ଯ୍ୟକ୍ରମକୁ ପ୍ରତିବାଦ କରିଥିଲେ। ପୋଲିସ ପରିବାରର ମହିଳାମାନଙ୍କୁ ଅସଦାଚରଣ କରିବା ସହ ପୁରୁଷ ସଭ୍ୟମାନଙ୍କୁ ନିର୍ମମ ଭାବରେ ପ୍ରହାର କରିଥିଲେ। ପୋଲିସର ବର୍ବରତା ଏତିକିରେ ସରି ଯାଇନଥିଲା। ସେହି ଟିମର ପୋଲିସ ମଦ୍ୟପାନ କରିଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଯେହେତୁ ପୋଲିସମାନେ ୟୁନିଫର୍ମରେ ନଥିଲେ ଏବଂ ତାଙ୍କ ପାଖରେ ପରିଚୟ ପତ୍ର ନଥିଲା ସେହି କାରଣରୁ ଜଲିଲ ଖାନଙ୍କ ପରିବାର ସେମାନେ ପୋଲିସ ବୋଲି ଜାଣିପାରିଲେ ନାହିଁ। ତେଣୁ ଆକ୍ରମଣ କରିଥିବା ପୋଲିସଙ୍କୁ ସେଠାରେ ଅଟକ ରଖିଥିଲେ। ଏହାପରେ ଚନ୍ଦକାଥାନା ପକ୍ଷରୁ ଦାୟିତ୍ୱପ୍ରାପ୍ତ ଅଧିକାରୀ ଘଟଣାସ୍ଥଳକୁ ଯିବାଫଳରେ ଜଲିଲ ଖାନ ଏବଂ ତାଙ୍କ ପରିବାର ଜାଣିପାରିଲେ ଯେ ଯେଉଁମାନେ ତାଙ୍କୁ ଆକ୍ରମଣ କରିଥିଲେ ସେମାନେ ପୋଲିସ।

ପୋଲିସ ଯେଉଁ ଅପରାଧିଙ୍କୁ ଗିରଫ କରିବାକୁ ଯାଉଥିଲେ ସେ ବ୍ୟକ୍ତି ଜଲିଲ ଖାନ କିମ୍ବା ତାଙ୍କ ପରିବାର ବର୍ଗରୁ କେହି ନୁହନ୍ତି। ଅପରାଧିଙ୍କ ଘର ଜଲିଲ ଖାନଙ୍କ ଘର ଠାରୁ ୭-୮ଟି ଘର ପରେ। ପୋଲିସ ଭୁଲକ୍ରମେ ନିରୀହ ଲୋକଙ୍କର ଘର ଭାଙ୍ଗିବା ସହ ସେମାନଙ୍କୁ ଅମାନୁଷିକ ଆକ୍ରମଣ କଲେ। ସମଗ୍ର ଘଟଣାରେ ପୋଲିସର ଅକ୍ଷମଣୀୟ ତ୍ରୁଟି ରହିଥିବା ବେଳେ ପୋଲିସ ଜଲିଲ ଖାନଙ୍କ ପରିବାରରୁ ମହିଳା, ବୃଦ୍ଧ ଓ ଛୋଟ ପିଲାଙ୍କୁ ମିଶାଇ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ନୀରିହ ଓ ନୀରପରାଧ ଲୋକଙ୍କୁ ବିନା କାରଣରେ ଜେଲରେ ଭର୍ତ୍ତି କରାଯାଉଛି। ପୋଲିସ ଅପରାଧିଙ୍କୁ ଠିକ ଭାବେ ଠାବ ନକରିପାରି ସାଧାରଣ ନାଗରିକଙ୍କୁ ଅତ୍ୟାଚାର କରୁଛନ୍ତି। ପୋଲିସର ଏପରି ବ୍ରିଟିସରାଜକୁ ଯୁବ କଂଗ୍ରେସ ସହ୍ୟ କରିବନାହିଁ। ଯଦି ଭୁବନେଶ୍ୱର କମିସନର ଏବଂ ପୋଲିସ ମହାନିର୍ଦ୍ଦେଶକ ଘଟଣାର ତଦନ୍ତକରି ଏହି ନୀରିହ ପରିବାରଙ୍କୁ ନ୍ୟାୟ ଦେବା ସହ ସେମାନଙ୍କୁ ଜେଲରୁ ମୁକ୍ତ ନକରନ୍ତି ତେବେ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ପାତ୍ର ଚେତାବନୀ ଦେଇଛନ୍ତି।

## ଜବର ଦଖଲ ଉଚ୍ଛେଦ: ମାଟିରେ ମିଶିଲା ଢାବା

**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ-ଚନ୍ଦ୍ରଭାଗା ମୁଖ୍ୟ ରାସ୍ତାର ହେଲିପ୍ୟାଡ ସମ୍ମୁଖରେ ଥିବା ଏକ ହୋଟେଲକୁ ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ କୋଣାର୍କ-ପୁରୀ ଜାତୀୟ ରାଜପଥ ପାର୍ଶ୍ୱର ହେଲିପ୍ୟାଡ଼ ସମ୍ମୁଖରେ ଥିବା ୬ଲେନ ଢ଼ାବାକୁ ଗୋପ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। କୋଣାର୍କ ମୌଜାର ଖାତା ନଂ ୪୧୫, ପ୍ଲଟ ନଂ ୧୬୦୦ ଯାହାକି ଅନାବାଦୀ (ବାଲିଚର) ହୋଇଥିବା ବେଳେ ଏହି ସବୁ ଜାଗା ଜବର ଦଖଲ ହୋଇଥିବା ଅଭିଯୋଗ ହୋଇଆସୁଥିଲା। ଏହି ପ୍ଲଟରେ ଥିବା ଅନେକ ସରକାରୀ ଜାଗା ଜବରଦଖଲ ହୋଇଥିବା ବେଳେ ସୋମବାର ପୂର୍ବାହ୍ନରେ ୬ ଲେନ ଢାବାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଛି। ହେଲେ ସେହି ସମାନ ପ୍ଲଟରେ ଥିବା ଆଉ କିଛି ଜବର ଦଖଲକାରୀଙ୍କୁ କେବେ ଉଚ୍ଛେଦ କରାଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଣାର୍କ ଅଞ୍ଚଳରେ ଅନେକ ମୁଷ୍ଟିମେୟ, ରାଜନୈତିକ ବ୍ୟକ୍ତି ସରକାରୀ ଜାଗାକୁ ଜବର ଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରୁଥିବା ବେଳେ ନୋଟାରୀ ମାଧ୍ୟମରେ ବିକ୍ରୀ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏପରି କି ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନକୁ ଜବର ଦଖଲ କରି ତା ଉପରେ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। କୋଣାର୍କ ମୌଜା ସମେତ ମାଧିପୁର ମୌଜାରେ ଅନେକ ସରକାରୀ ଜାଗା ଜବରଦଖଲକାରୀଙ୍କ କବଜାରେ ରହିଥିବା ବେଳେ ଏହା କେବେ ଉଚ୍ଛେଦ କରାଯିବ ବୋଲି ସାଧାରଣରେ ଅଭିଯୋଗ ହେଉଛି। କେବଳ ଉକ୍ତ ହୋଟେଲକୁ ଉଚ୍ଛେଦ କରି ପ୍ରଶାସନ ବାହାବାହା ନେବ ନା ଆଗକୁ ଜବର ଦଖଲ କରିଥିବା ଅନ୍ୟମାନଙ୍କୁ ଉଚ୍ଛେଦ କରି ସରକାରୀ ଜାଗାକୁ ମୁକ୍ତ କରିବ ତାହା ସମୟ କହିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଢାବା ଉଚ୍ଛେଦ ସମୟରେ ଗୋପ ଅତିରିକ୍ତ ତହସିଲଦାରଙ୍କ ସମେତ କୋଣାର୍କ ରାଜସ୍ୱ ନିରୀକ୍ଷକ ଏବଂ କୋଣାର୍କ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ।



## କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଅଧ୍ୟାପକ ରମେଶ ପାତାଳ ସିଂହ, କାନ୍ତକବିଙ୍କ ପୌତ୍ର ପ୍ରଭୁ କଲ୍ୟାଣ ମହାପାତ୍ର, ରାଜ୍ୟ ସମ୍ମାନପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଂଯୋଜକ ନାରାୟଣ ଓଝା, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ଅଭିଯାନର ସଭାପତି ତଥା ଆଦର୍ଶ ଶିକ୍ଷକ ସାରସ୍ୱତ ସାଧକ, ବହୁମୁଖୀ ପ୍ରତିଭା ସମ୍ପନ୍ନ କବି ସୁନୀଲ୍ ମିଶ୍ରଙ୍କୁ କାନ୍ତ କବି ସ୍ମୃତି ସମ୍ମାନରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ଏକାନ୍ତ ଆଶ୍ରମର ୫୦ତମ ବାର୍ଷିକୋତ୍ସବ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକସ୍ଥିତ ଏକାନ୍ତ ଆଶ୍ରମର ବାର୍ଷିକ ଉତ୍ସବ ଓ ବାବା ମହର୍ଷୀ ମାୟାଧର ଦାସ (ଟୁବାବା)ଙ୍କର ୫୦ତମ ଶ୍ରାଦ୍ଧ ବାର୍ଷିକ ଆଜି ଆଶ୍ରମ ପରିସରରେ ପାଳିତ ହୋଇଯାଇଛି । ଏକାନ୍ତ ଆଶ୍ରମ ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକଙ୍କ ଦ୍ୱାରା ଆୟୋଜିତ ବାବାଙ୍କ ୫୦ତମ ବାର୍ଷିକ ଉତ୍ସବରେ ବିଭିନ୍ନ ଅଂଚଳର ଜ୍ଞାନୀ ଗୁଣି ବ୍ୟକ୍ତି ଡଃ ସନ୍ତୋଷ କୁମାର ମିତ୍ର, ପଣ୍ଡିତ ସହଦେବ ମିଶ୍ର, ପ୍ରବୀର କୁମାର ଦାଶ, ନିରଂଜନ କର, ଅମରେଶ୍ୱର ତ୍ରିପାଠୀ, ପଣ୍ଡିତ ମୂରଲୀଧର ଭାରତୀ ଗୋସ୍ୱାମୀ, ପ୍ରଫେସର ଦଇତାରୀ ସାହୁ, ପ୍ରଫେସର ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସା, ମଠାଧିଶ ନନ୍ଦ ବାବା ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ ଓ ହୋମ ଯଜ୍ଞରେ ଭାଗ ନେଇଥିଲେ।

ସ୍ଥାନୀୟ ଅଂଚଳର ସମାଜସେବୀ ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳେଇ, ପ୍ରଫେସର ଗୋପୀନାଥ କର, କାହ୍ନୁ ଚରଣ ବେହେରା, ସନାତନ ପାତ୍ର, ପ୍ରୀୟବ୍ରତ ଭୋଳ, ନାରାୟଣ ବେହେରା, ବନ ବିହାରୀ ଦାଶ, ଅଜୟ କୁମାର ଦାଶ, ଜୟନ୍ତ କୁମାର ସେଠୀ, ହୃଦାନନ୍ଦ ବେହେରା, ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର, ଉପ-ସଭାପତି ବସନ୍ତ କୁମାର ଦାସ, ସହ-ସଂପାଦକ ସନ୍ତୋଷ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାମ୍ବାଦିକ ପ୍ରଫୁଲ୍ଲ ସାହୁ, ବସନ୍ତ କୁମାର ମଲ୍ଲ, ବିଜୟ ବେହେରା, ରାଜେଶ ଲେଙ୍କା, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଭକ୍ତମାନଙ୍କ ପାଇଁ ଆଶ୍ରମ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପୂଜକ ରଶ୍ମୀ ରଂଜନ ବାନାର୍ଜୀ ଓ ଆଶିଷ କୁମାର ମିଶ୍ରଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାଇ ପୂଜାକାର୍ଯ୍ୟ ସମାପନ ହୋଇଥିବା ବେଳେ ଏକାନ୍ତ ଆଶ୍ରମ ପରିଚାଳନା କମିଟିର ସଂପାଦକ ଡଃ କେଦାର ନାଥ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ପୂର୍ଣ୍ଣାହୂତୀ ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।



## ନାରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ନାରୀକୁ ସୁରକ୍ଷା ପ୍ରଦାନ ଦାବିରେ ଯାଜପୁର ଇନରହୁଇଲ କ୍ଲବ ପକ୍ଷରୁ ଯାଜପୁର ସହରରେ ସୋମବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମାଂନସା ପୋଲ ନିକଟସ୍ଥ ଆଇଡିଏଫସି ବ୍ୟାଙ୍କ ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବିରଜା ନର୍ସିଂ କଲେଜ ଓ କ୍ରିଷ କ୍ଲାସେସର ଛାତ୍ରୀମାନେ ସାମିଲ ହୋଇ ନାରୀମାନଙ୍କ ଉପରେ ହେଉଥିବା ନିର୍ଯାତନା, ଅତ୍ୟାଚାର ଉପରେ ସ୍ଲୋଗାନ ଦେଇଥିଲେ। ଇନରହୁଇଲ କ୍ଲବର ସଭାପତି ଶ୍ରୀମତୀ ସତ୍ୟଭାମା ପତି, ସମ୍ପାଦକ ଲିଲିରାଣୀ କର, ସଦସ୍ୟା ସୁରୁଚି ପାଣି, ଅନ୍ନପୂର୍ଣ୍ଣା ଶତପଥୀ, ତୁଷାରକାନ୍ତି ନାୟକ, ପ୍ରେମଲତା ପଣ୍ଡା, ମାନସିରାଣୀ ଓଝା, ବିଜୟାଲକ୍ଷ୍ମୀ ମହାନ୍ତି, ବିଜୟାଲକ୍ଷ୍ମୀ ସ୍ୱାଇଁ, ପଙ୍କଜିନୀ ପଣ୍ଡା, ସମେତ ବୈଦ୍ୟନାଥନଗର ଓ ମହିବୀର ନଗରର ମହିଳାମାନେ ସାମିଲ ହୋଇଥିଲେ।

## ସ୍ୱଚ୍ଛ ଭାରତ ଅଭିଯାନ ବିଫଳ ଶୌଚାଳୟରେ ତାଲା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମ ପକ୍ଷରୁ ୨୦୧୫ ମସିହାରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବସ୍ତିଗୁଡ଼ିକରେ ଗୋଷ୍ଠୀ ଶୌଚାଳୟମାନ ନିର୍ମାଣ କରାଯାଇଥିଲା । ବସ୍ତି ଅଂଚଳର ବାସିନ୍ଦା ରାସ୍ତାଘାଟ ପାର୍ଶ୍ୱ ଓ ଖୋଲା ସ୍ଥାନରେ ଶୌଚ ନହୋଇ ଶୌଚାଳୟ ବ୍ୟବହାର କରିବା ଥିଲା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ତେବେ ଜଗତପୁର ଅଂଚଳରେ ଏହି ଯୋଜନା ଦିଶାହୀନ ହୋଇ ପଡ଼ିଥିବା ପରିଲକ୍ଷିତ ହୋଇଛି । ଦୀର୍ଘ ଦିନ ହେବ ଶୌଚାଳୟଗୁଡ଼ିକର ରକ୍ଷଣା ବେକ୍ଷଣ ଅଭାବ ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ହେତୁ ୪୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ଲକ୍ଷ୍ମଣପୁର ଓ ମୁଣ୍ଡା ସାହିରେ ଥିବା ୨ଗୋଟି ଶୌଚାଳୟ ବନ୍ଦ ହୋଇ ପଡ଼ି ରହିଛି । ତେଣୁ ଉକ୍ତ ବସ୍ତି ଅଂଚଳ ଲୋକମାନେ ବାଧ୍ୟ ହୋଇ ରାସ୍ତା ପାର୍ଶ୍ୱ ଓ ଖାଲି ସ୍ଥାନ ମାନଙ୍କରେ ଶୌଚ ହେଉଛନ୍ତି । ଫଳରେ ପରିବେଶ ଦୂଷିତ ହେଉଛି । ଏ ସଂପର୍କରେ ସଂପୃକ୍ତ ୱାର୍ଡ଼ର ଗୋଷ୍ଠୀ ସଂଗଠିକାଙ୍କୁ ବସ୍ତି ଲେଶକେ ଅଭିଯୋଗ କଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ସେ ମୁହଁ ଫେରାଇ ନେଉଥିବାରୁ କଟକ ମହାନଗର ନିଗମ ବସ୍ତି ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଏକାଧିକ ବାର ଅଭିଯୋଗ କରିଛନ୍ତି । ତେବେ ସେଠାରୁ ମଧ୍ୟ କୌଣସି ସୁଫଳ ମିଳୁନଥିବା ସେମାନେ ଅଭିଯୋଗ କରିଛନତି । ରେକର୍ଡ଼ ପତ୍ରରେ ବସ୍ତି ଅଂଚଳରେ ଗୋଷ୍ଠୀ ଶୌଚାଳୟ ଥିବାରୁ ବସ୍ତି ଲୋକ ମାନଙ୍କୁ ନିଜସ୍ୱ ଶୌଚାଳୟ ନିର୍ମାଣ ପାଇଁ ସାହାଯ୍ୟ ଓ ସହଯୋଗ ମିଳିପାରୁନାହିଁ । ଯାହାଫଳରେ ବସ୍ତି ଲୋକେ ନିରାଶ ହୋଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଲିଖିତ ଭାବେ ଅଭିଯୋଗ କରାଯାଇଛି ବୋଲଇ ପ୍ରକାଶ କରିଛନ୍ତି ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କମ୍ବଳ ବଣ୍ଟନ

**ଜୁନାଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ତାପ ମାତ୍ରା ହ୍ରାସ ପାଉଥିବା ବେଳେ ଶୀତର ପ୍ରକୋପ ବଢିବାରେ ଲାଗିଛି। କଳାହାଣ୍ଡି ଜୁନାଗଡରେ ମଧ୍ୟ ଶୀତର ପ୍ରବାହ ଜାରି ରହିଛି। ଶୀତର ପ୍ରକୋପ ବଢୁଥିବା ହେତୁ ଜୁନାଗଡର ନବ ନିର୍ମିତ ସାମ୍ବାଦିକ ସମୂହକୁ ନେଇ ଗଠିତ ହୋଇଥିବା ମିଡିଆ କ୍ଲବ୍‌ର ପ୍ରୟାସରେ ମଙ୍ଗଳବାର ଦିନ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ କମ୍ବଳ ବଣ୍ଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡଃ ଭଗବାନ ପଣ୍ଡା, ଜୁନାଗଡ ରେଞ୍ଜର ସୀମାଞ୍ଚଳ ମିଶ୍ର, ଫରେଷ୍ଟର କାହ୍ନୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍‌ର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଉତ୍ତମ୍ ଦାଶ ଓ ମୁକେଶ୍ ଅଗ୍ରୱାଲ ଯୋଗଦେଇ କମ୍ବଳ ବଣ୍ଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ମିଡିଆ କ୍ଲବ୍‌ର ସଭାପତି ଆଦିତ୍ୟ ମହାନ୍ତି, କାର୍ଯ୍ୟକାରି ସଭାପତି ଦୁର୍ଯ୍ୟୋଧନ ମାଝୀ, ସାଧରଣ ସମ୍ପାଦକ ବିଜୟ ଭୂଷଣ ଦଣ୍ଡସେନା, ସହ ସମ୍ପାଦକ ବାଲେଶ୍ୱର ସୁନାନୀ, କୋଷାଧକ୍ଷ ସ୍ୱସ୍ତିଦୀପ ଆଦିତ୍ୟ ଏବଂ କ୍ଲବ୍‌ର ସଦସ୍ୟ ଗାୟକ ରାମ ପୁଝାରୀ, ମିକୁ ପାଢି, କାଳିଆ କନ୍ଧ ପାନ, ଶଶି ରାଜ ଅଗ୍ରୱାଲ, ଲାବଣ୍ୟ ନାଇକ, ଭବାନୀ ଗହିର, ଜୀତେନ୍ଦ୍ର ମେହେର୍, ସାହେବ ଛତ୍ରିଆ, ପ୍ରଦୀପ ଡଙ୍ଗରି, ବିକ୍ରାନ୍ତ ପଟ୍ଟନାୟକ, ଲକ୍ଷ୍ମଣ ବଣୁଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଲ୍ଲୀରେ ପ୍ରଶାସନ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଝିଣ୍ଟିଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣୀ ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧ଟାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣୀରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ବାଲିଅନ୍ତା ତହସିଲଦାର ଲିଲନ୍ ପ୍ରସାଦ ସାହୁ, ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ବିଜୟ କୁମାର ମହାରଣା, ବାଲିଅନ୍ତା ବ୍ଲକ ଉପଧକ୍ଷା, ଇତିଶ୍ରୀ ଜେନା, ଝିଣ୍ଟିଶାସନ ଗ୍ରା.ପ.ର ସରପଞ୍ଚ ଅଜିତ କୁମାର ପାତ୍ରଙ୍କ ସମେତ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୯୦ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩୪ ଅଭିଯୋଗ, ଭତ୍ତା ସମ୍ବନ୍ଧୀୟ ୧୧, ଯୋଗାଣ ବିଭାଗ ସମ୍ବନ୍ଧୀୟ ୧୨ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩୩ଟି ଅଭିଯୋଗ ହସ୍ତଗତ ଗ୍ରହଣ କରାଯାଇଥିଲା। ଏହି ଅବସରରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଦ୍ୱାରା ଝିଣ୍ଟିଶାସନ ଗ୍ରାମର ୨୧ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଦେବେନ୍ଦ୍ର ଦାସ, ଝିଣ୍ଟିଶାସନ (ମେଳକ) ଗ୍ରାମର ୧୫ ବର୍ଷୀୟ ଦିବ୍ୟାଙ୍ଗ ପିୟୁଷ ପ୍ରିୟ ରଞ୍ଜନ ପ୍ରଧାନ ଏବଂ ପାଣିକଟା ଗ୍ରାମର ୬ ବର୍ଷୀୟ ଦିବ୍ୟାଙ୍ଗ ଶିବାଦିତ୍ୟ ସେଠୀଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

## ମା'ଚର୍ଚ୍ଚିକା ପାଲାମଣ୍ଡଳର ବାର୍ଷିକ ସମ୍ମିଳନୀ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ମା'ଚର୍ଚ୍ଚିକା ପାଲାମଣ୍ଡଳର ବାର୍ଷିକ ସମ୍ମିଳନୀ ବାଙ୍କୀ କରଡାପଲ୍ଲୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଗାୟକ ରୁଦ୍ରବଂଶୀ, ଦିଲ୍ଲୀପ କୁମାର ମହାପାତ୍ର, ବିଶିଷ୍ଟ ଗାୟକ ନିଶିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମଣ୍ଡଳର ଉପସଭାପତି ଗାୟକ ଜ୍ଞାନଗୌରବ, ଲକ୍ଷ୍ମୀଧର ପଣ୍ଡା ଶର୍ମା କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍କୀର ଯୁବବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ପାଲା ଗାୟକ ତଥା କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ବିନାୟକ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗକବି ବୈରାଗୀ ମଲ୍ଲିକ, ଗାୟକରତ୍ନ ଶ୍ୟାମ ସୁନ୍ଦର ତ୍ରିପାଠୀ, ସଂଗୀତ କଳାକାର ଗୋପୀନାଥ ପଣ୍ଡା, ବସନ୍ତ କୁମାର ପଣ୍ଡା, ଗାୟକ ରୁଦ୍ର ନାରାୟଣ ନନ୍ଦ, ବାରଙ୍ଗ ସଂଘର ସଭାପତି ପ୍ରଭାତ କୁମାର ଲେଙ୍କା, ମା'ମଙ୍ଗଳା ଓ ଶ୍ରୀ ଅମରେଶ୍ୱର ପାଲା ଅନୁଷ୍ଠାନ ଅରିଲୋ ପାଲା ପରିବେଷଣ କରିଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଚଣ୍ଡିଖୋଲ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଚଣ୍ଡିଖୋଲ ଛକରେ ସ୍ଥାପନ କରାଯିବା ପାଇଁ ଦାବୀ ଜଣାଇଛନ୍ତି ଯାଜପୁର ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ କୁମାର ନାୟକ। ଘଟଣାରୁ ପ୍ରକାଶ ୧୯୫୨ ମସିହାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ସ୍ୱର୍ଗତ ଚୌଧୁରୀ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିଲେ। ସେ ସମୟରେ ବଡ଼ଚଣାର ବିକାଶ ଆକାଶ ଛୁଇଁଥିଲା। ବିଶେଷ ଭାବେ ବଡ଼ଚଣାର କଳା, ଐତିହ୍ୟ, ସଂସ୍କୃତି, ପରମ୍ପରା, ଓ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ ତଥା ପରିମଳ ବ୍ୟବସ୍ଥାକୁ ସର୍ବଶ୍ରେଷ୍ଠ ଗୁରୁତ୍ୱ ଦିଆଯାଇ ବଡ଼ଚଣାର ବିକାଶ କରାଯାଇଥିଲା। ତେଣୁ ତାଙ୍କ ସ୍ମୃତି ଉଦ୍ଧେଶ୍ୟରେ ଏକ ପ୍ରତିମୂର୍ତ୍ତି ଚଣ୍ଡିଖୋଲ ଛକରେ ସ୍ଥାପନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ପତ୍ର ମଧ୍ୟରେ ଦାବୀ ଜଣାଇଛନ୍ତି। ଯୁବ ନେତାଙ୍କ ଏହି ପଦକ୍ଷେପକୁ ବଡ଼ଚଣା ବହୁ ବୁଦ୍ଧିଜୀବୀମାନେ ସମର୍ଥନ କରିଥିବାର ଦେଖିବାକୁ ମିଳିଥିଲା।

## କିଟ୍ ଅନ୍ତର୍ଜାତୀୟ ଛାୟା ଜାତିସଂଘ ଉଦ୍‌ଯାପିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ତିନି ଧରି ଚାଲିଥିବା ବହୁ ପ୍ରତୀକ୍ଷିତ କିଟ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍)ର ୧୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନି ଜଣ ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ, ୨୦ରୁ ଅଧିକ କର୍ପୋରେଟ୍ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଓ ବଲିଉଡ୍ ପ୍ଲେବ୍ୟାକ୍ ଗାୟକ ଆଶ୍ କିଙ୍ଗଙ୍କ ଷ୍ଟାର ନାଇଟ୍ ପ୍ରମୁଖ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଭାରତ ଓ ବିଦେଶରୁ ଯୁବ ପ୍ରତିନିଧି ଓ ୩୦ରୁ ଅଧିକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଛାୟା ଜାତିସଂଘର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ ଛାତ୍ରଛାତ୍ରୀମାନେ କୂଟନୀତିକୁ ଠିକ୍ ଭାବେ ବୁଝିବା ଆବଶ୍ୟକ। କାରଣ ଛାତ୍ରଛାତ୍ରୀମାନେ ବିଶ୍ୱର ଭବିଷ୍ୟତ। ଏହା ସହ ସେ ପ୍ରତିନିଧିମାନଙ୍କୁ ବିତର୍କ ଓ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ଉପକୁଳପତି ପ୍ରଫେସର ରାଜୁ କେ. ଡି. ସମସାମୟିକ ବିଶ୍ୱରେ କୂଟନୀତିର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଜିଟାଲ ଯୁଗରେ, କୂଟନୀତି କଳାର ଗୁରତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ କହିଲେ, ମୁନ୍ ଭଳି କାର୍ଯ୍ୟକ୍ରମ ବିଶ୍ୱ ଜଟିଳତାକୁ ବୁଝିବାର ଏକ ସୁଯୋଗ। ବ୍ରିଗେଡିୟର ଜୀବନ ରାଜପୁରୋହିତ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମୁନ୍ ପ୍ରତି ବର୍ଦ୍ଧିତ ଅନ୍ତର୍ଜାତୀୟ ଆଗ୍ରହ ଉପରେ ଆଲୋକପାତ କରିବା ସହ ବିଦେଶରୁ ୩୩ଜଣ ସଦସ୍ୟ ଏହି ବିଶ୍ୱ ଯୁବ ମଞ୍ଚରେ ଅଂଶଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସମୟରେ, ପ୍ରତିନିଧିମାନେ ସମସାମୟିକ ଓ ଐତିହାସିକ ଭୂ-ରାଜନୈତିକ ସଙ୍କଟକୁ ଅନୁକରଣ କରି ଏକାଧିକ ଜାତିସଂଘ କମିଟିରେ ତୀବ୍ର ବିତର୍କ, ଆଲୋଚନା ଓ ନୀତି ପ୍ରସ୍ତୁତରେ ନିୟୋଜିତ ହୋଇଥିଲେ

କମିଟି ଅଧିବେଶନ ବ୍ୟତୀତ, ସମ୍ମିଳନୀରେ କର୍ମଶାଳା, ଶୈକ୍ଷିକ ମାଷ୍ଟରକ୍ଲାସ୍, ସାଂସ୍କୃତିକ ପ୍ରଦର୍ଶନ ଏବଂ ସ୍ପନ୍ଦନଶୀଳ କ୍ୟାମ୍ପସ୍ ସଂଯୋଗ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା।




## ଅଧ୍ୟାପିକାଙ୍କୁ ରସିକିଆ ଅଧ୍ୟକ୍ଷଙ୍କ ପ୍ରେମ ନିବେଦନ

**ବୋଲଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ସଂସ୍କୃତିରେ ସର୍ବଦା ଗୁରୁଙ୍କୁ ଶ୍ରେଷ୍ଠସ୍ଥାନ ମିଳିଛି। ଗୁରୁ ହିଁ ସମାଜକୁ ସୁପଥଗାମୀ କରାଇଥାନ୍ତି ଏବଂ ସମାଜ ସୁଧାରକ ସାଜିଥାନ୍ତି । ଯୁଗେ ଯୁଗେ ଗୁରୁ ନମସ୍ୟ ହୋଇ ରହିଥାନ୍ତି। କିନ୍ତୁ ମଦ ନିଶାରେ ଚୁର ହୋଇ ଜଣେ କଲେ ଅଧ୍ୟକ୍ଷ ତାଙ୍କର ସହକର୍ମିଙ୍କୁ ପ୍ରେମ ନିବେଦନ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଛାତି ଉପରେ ଥିବା ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ପରମାନନ୍ଦ ମହାବିଦ୍ୟାଳୟ ରସିକିଆ ଅଧ୍ୟକ୍ଷ ସେହି ମହାବିଦ୍ୟାଳୟ ଜଣେ ଅବିବାହିତ ନବ ନିଯୁକ୍ତ ଅଧ୍ୟାପିକାଙ୍କୁ ଫୋନରେ ପ୍ରେମ ନିବେଦନ କରିବା ଲଜ୍ୟାକର ପରିସ୍ଥିତି ସୃଷ୍ଟି କରିଛି। ଏହି ରସିକିଆ ଅଧ୍ୟକ୍ଷ ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ କରି ମୋବାଇଲରେ ବିଭିନ୍ନ ପ୍ରକାର ଅଶ୍ଳୀଳ ବାର୍ତ୍ତା ପଠାଇବା ସହିତ କେବଳ ଭଏସ ମେସେଜ ନୁହେଁ, କଲେଜ୍‌ରେ କ୍ଲାସ କଲାବେଳେ ଫୋନ କରି ଭିଡିଓ କଲ କରିବାକୁ ପ୍ରେମ ନିବେଦନ କରିଆସୁଥିଲେ। ଯୁବତୀ ଜଣଙ୍କ ମାନସିକ ସ୍ତରରେ ଆଘାତ ପାଇ ନିଜ ବାପା ମା' ଙ୍କୁ ଜଣାଇବା ପରେ ବାପା ବୋଲଗଡ ଥାନାରେ ଏତଲା ଦେଇଛନ୍ତି। ଯୁବତୀର ବାପାଙ୍କ ଅଭିଯୋଗ ଆଧାରରେ ରହିଛି ଯେ ତାଙ୍କ ଝିଅକୁ ଉକ୍ତ କଲେଜର ଅଧ୍ୟକ୍ଷ ବିଭିନ୍ନ ପ୍ରକାରର ଅଶ୍ଳୀଳ ମେସେଜ ଦେଇ ପ୍ରେମ ନିବେଦନ କରିଛନ୍ତି । ଭଏସ ମେସେଜରେ ମଧ୍ୟ ବିଭିନ୍ନ ପ୍ରକାରର ଅଶ୍ଳୀଳ କଥା କହୁଛନ୍ତି। ଅଧ୍ୟାପିକାଙ୍କ ବାପା ରୁଦ୍ଧ ଗଳାରେ ଗଣମାଧ୍ୟମ ଆଗରେ କହିଛନ୍ତି ଦେଶରେ ନାରୀ ଆଉ ସୁରକ୍ଷିତ ନୁହଁନ୍ତି। ଶିକ୍ଷା ଅନୁଷ୍ଠାନ ଭଳି ପବିତ୍ର ଅନୁଷ୍ଠାନରେ ଏ ପ୍ରକାର ଘଟଣାକୁ ନେଇ କଲେଜରେ ଝିଅ, ମହିଳାଙ୍କ ସୁରକ୍ଷାକୁ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧ୍ୟକ୍ଷଙ୍କ ବିରୋଧରେ ଆଇନଗତ ଭାବେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଥିବାବେଳେ ଏଭଳି ଲୋକଙ୍କୁ ସାମାଜିକ ବାସନ୍ଦ କରିବବାକୁ ମଧ୍ୟ ଦୃଢ ଭାବେ ଜଣାଇଛନ୍ତି। ଏ ବାବଦରେ ଅଧ୍ୟକ୍ଷଙ୍କୁ ଯୋଗାଯୋଗ କରିବାରେ ସେ ଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞଥିବା କହିଥିବାବେଳେ ତାଙ୍କୁ କେହି ଚକ୍ରାନ୍ତ କରି ଫାସାଇବାକୁ ଚେଷ୍ଟା କରୁଥିବା କହିଛନ୍ତି। ବୋଲଗଡ ଥାନା ଅଧିକାରୀ ୩୧୦ /୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ପ୍ରକାଶ।



ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 10th December, 2025 Wednesday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଈର୍ଷାକାତର ରୁଟି

ହେଲ୍‌ଥ ଟନିକ୍



ସେଦିନ ରାତିରେ ରୁଟି ଖାଉଖାଉ ପତିଦେବ ପତ୍ନୀଙ୍କୁ କହିଲେ- ତୁମେନା, ଦିନକୁ ଦିନ ଆହୁରି ସୁନ୍ଦରୀ ହୋଇଯାଉଛ।

ପତ୍ନୀଦେବୀ ଉଲ୍ଲସିତ ହୋଇ ପ୍ରଶ୍ନ କଲେ- ତମେ କେମିତି ଜାଣିଲ ? ତମେ ତ ମତେ ସବୁଦିନ ଦେଖୁଛ ?

ପତିଦେବ କହିଲେ- ତମ ହାତ ତିଆରି ରୁଟି ଖାଇଲେ ଯେ କେହିବି ଏକଥା କହିବ ଯେ ତୁମେ ଆହୁରି ସୁନ୍ଦର ହୋଇଯାଇଛ।

ପତ୍ନୀଦେବୀ ରାଗିଯାଇ କହିଲେ- ଯା'ମ ତମେ ମିଛ କହୁଛ। ତମେ ରୁଟିରୁ କେମିତି ଜାଣିଲ ଏକଥା ?

ପତିଦେବ କହିଲେ- ଦେଖୁନ, ତମ ସୌନ୍ଦର୍ଯ୍ୟ ଦେଖି ରୁଟିଗୁଡ଼ାକ ଈର୍ଷାରେ ଜଳିପୋଡ଼ି ଯାଉଛି।

# ଦ. ଆଫ୍ରିକାକୁ ୧୦୧ ରନରେ ହରାଇଲା ଭାରତ

**କଟକ,୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଭାରତୀୟ କ୍ରିକେଟ୍ ଟିମ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଛି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ବିସ୍ଫୋରକ ବ୍ୟାଟିଂ ଓ ବୋଲରଙ୍କ ଦମଦାର ବୋଲିଂ ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ୧୦୧ ରନ୍‌ରେ ଜିତିଛି। ୧୭୬ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୭୪ ରନ୍ କରିଛି। ଘରୋଇ ଦଳ ଏଠାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଏହି ବିଜୟ ସହିତ ଭାରତ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀଲାଭ କରିଛି।

ଦକ୍ଷିଣ ଆଫ୍ରିକା ୬୮ ରନ୍‌ରେ ଷଷ୍ଠ ଓ ସପ୍ତମ (ମାର୍କୋ ଜେନସେନ ଏବଂ ଡିୱାଲ୍ଡ ବ୍ରେଭିସ), ୭୦ ରନ୍‌ରେ ଅଷ୍ଟମ (କେଶବ ମହାରାଜ), ୭୨ ରନ୍‌ରେ ନବମ (ଆନରିକ୍ ନର୍ଥି) ଆଉଟ୍ ହୋଇଥିଲେ ଭାରତର ଅନ୍ତିମ ଶିକାର ହୋଇଥିଲେ ଲୁଥୋ ସିମ୍ପାଲା, ଯିଏକି ମାତ୍ର ୨ରନ୍ କରିଥିଲେ। ଜେନ୍‌ସେନ ୧୨ ରନ୍, କେଶବ ମହାରାଜ ଶୂନ୍ୟ ରନ୍, ଆନରିକ ୧ ରନ୍ ଓ ଲୁଥୋ ମାତ୍ର ୨ ରନ୍ ସଂଗ୍ରହ କରିଥିଲେ। ଭାରତ ପାଇଁ ଅର୍ଶଦୀପ ସିଂହ, ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ ନେଇଥିଲା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶିଭମ ଦୁବେଙ୍କୁ ୧-୧ ୱିକେଟ୍ ମିଳିଥିଲା।

ଭାରତୀୟ ବୋଲର ବାରବାଟୀରେ ଦମଦାର ପ୍ରଦର୍ଶନ କରିଥିଲେ। ଫଳରେ ୫୦ ରନ୍‌ରେ ଦକ୍ଷିଣ ଆଫ୍ରିକାର ଅଧା ଖେଳାଳି ଆଉଟ୍ ହୋଇଥିଲେ। ଭାରତର ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କ ବଲ୍ ଅଭିଷେକ ଶର୍ମାଙ୍କୁ କ୍ୟାଚ୍ ଦେଇ କ୍ୱିଣ୍ଟନ୍ ଡି' କକ୍ ଆଉଟ୍ ହୋଇଥିଲେ। ଦକ୍ଷିଣ ଆଫ୍ରିକା ମାତ୍ର ୧ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଅତିଥି ଦଳ କ୍ୱିଣ୍ଟନ୍ ଡି' କକ୍‌ଙ୍କ ପରେ ଟ୍ରିଷ୍ଟନ୍ ଷ୍ଟବ୍ସଙ୍କୁ ହରାଇ ଥିଲା। ଟ୍ରିଷ୍ଟନ୍ ଷ୍ଟବ୍ସ ୯ଟି ବଲ୍ ଖେଳି ୧୪ ରନ୍ ସଂଗ୍ରହ କରିଥିଲେ। ସେ ମଧ୍ୟ ଅର୍ଶଦୀପଙ୍କ ବଲ୍ ଜିତେଶ ଶର୍ମାଙ୍କୁ କ୍ୟାଚ୍ ଦେଇ ପାଭିଲିଅନ୍ ଫେରି ଆସିଥିଲେ। ଦକ୍ଷିଣ ଆଫ୍ରିକା ୨.୩ ଓଭରରେ ୧୬ ରନ୍ ସଂଗ୍ରହ କରି ଦ୍ୱିତୀୟ ୱିକେଟ୍ ହରାଇଥିଲା। ଦକ୍ଷିଣ ଆଫ୍ରିକା ତୃତୀୟ ୱିକେଟ୍ ଭାବେ ଐଦେନ୍ ମାର୍କରାମ (୧୪ ରନ୍), ୪ର୍ଥ ୱିକେଟ୍ ଭାବେ ଡେଭିଡ ମିଲର (୧ରନ୍) ଓ ୫ମ ୱିକେଟ୍ ଭାବେ ଦୋନଭାନ ଫେରିରା (୫ ରନ୍)ଙ୍କୁ ହରାଇଥିଲା।



ଭାରତ ଆରମ୍ଭରୁ ବିପର୍ଯ୍ୟୟ ଶିକାର ହୋଇଥିଲା। ପ୍ରାରମ୍ଭିକ ବ୍ୟାଟର ଶୁବମନ ଗିଲ ୨ଟି ବଲ୍ ସାମ୍ନା କରି ମାତ୍ର ୪ ରନ୍ ସଂଗ୍ରହ କରି ପାଭିଲିଅନ ଫେରି ଆସିଥିଲେ। ଲୁଙ୍ଗି ଏନ୍ଗିଡିଙ୍କ ବଲ୍ ମାର୍କୋ ୟାନ୍‌ସେନ୍‌ଙ୍କୁ କ୍ୟାଚ୍ ଦେଇ ସେ ଆଉଟ୍ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ମଧ୍ୟ କ୍ରିଜ୍‌ରେ ଅଧିକ ସମୟ ରହିପାରି ନଥିଲେ। ସେ ୧୧ଟି ବଲ୍‌କୁ ସାମ୍ନା କରି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ବ୍ୟକ୍ତିଗତ ଭାବେ ୧୨ ରନ୍ ସଂଗ୍ରହ କରିଥିଲେ। ଲୁଙ୍ଗି ଏନ୍ଗିଡିଙ୍କ ବଲ୍ ସୂର୍ଯ୍ୟକୁମାର ଯାଦବ ଖେଳିବାକୁ ଯାଇ ଐଦେନ ମାର୍କରାମ ହାତରେ କ୍ୟାଚ୍ ହୋଇଥିଲେ। ଭାରତର ସ୍କୋର ମାତ୍ର ୫ ରନ୍‌ରେ ପ୍ରଥମ, ୧୭ ରନ୍‌ରେ ଦ୍ୱିତୀୟ (ସୂର୍ଯ୍ୟକୁମାର) ଓ ୪୮ ରନ୍‌ରେ ତୃତୀୟ ୱିକେଟ (ଅଭିଷେକ) ପଡିଥିଲା। ଭାରତ ୧୪ ଓଭର ସମାପ୍ତି ପରେ ୧୦୪ ରନ୍‌ରେ ୫ଟି ୱିକେଟ୍ ହରାଇ ସାରିଥିଲା ଦଳ ୫ମ ୱିକେଟ୍ ଭାବେ ଅକ୍ଷର ପଟେଲଙ୍କୁ ହରାଇଥିଲା। ଅଭିଷେକ ଶର୍ମା ୧୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଛନ୍ତି। ସେ ୧୨ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଦକ୍ଷିଣ ଆଫ୍ରିକାର ୪ର୍ଥ ୱିକେଟ୍ ଭାବେ ତିଲକ ବର୍ମା ଆଉଟ୍ ହୋଇଥିଲେ। ସେ ୩୨ଟି ବଲ୍ ଖେଳି ୨୬ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୨ଟି ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଅକ୍ଷର ପଟେଲ ୨୧ଟି ବଲ୍ ଖେଳି ୨୩ ରନ୍ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାର ୫ମ ଶିକାର ହୋଇଥିଲେ। ୧୭.୧ ଓଭରରେ ଶିବମ ଦୁବେ ୧୧ ରନ୍ କରି ଆଉଟ୍ ହୋଇଥିଲେ। ସେ ୨ଟି ଚୌକା ମାରିଥିଲେ।

## ତେଲ ନପଡିବାରୁ ବୁସ୍ କଟିଂ ବନ୍ଦ

## କଲବଲ କରୁଛନ୍ତି ମଶା: ୬୧ ଉପରେ ଘନତ୍ୱ

**କଟକ,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସହରରେ ଗତ ଦୁଇ ସପ୍ତାହ ମଧ୍ୟରେ ମଶାବଂଶ ବୃଦ୍ଧି ପାଇଛି। ଘର ହେଉ କି ବାହାରେ ସବୁଠି ସହରବାସୀଙ୍କୁ କଲବଲ କରୁଛନ୍ତି ମଶା। ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମଧ୍ୟରେ ମଶା ବଂଶ ବୃଦ୍ଧି ପାଉଥିବାବେଳେ ଏବେ ମଶା ଘନତ୍ୱ ୬ରୁ ଅଧିକ ରହିଛି। ଅନ୍ୟପଟେ ପୌର ନିଗମ ପକ୍ଷରୁ ମଶା ନିୟନ୍ତ୍ରଣ କଥା ଭୁଲି ଯାଇଛି। ମଶା ତେଲ ପଡୁନି କି ଧୂଆଁ ଦିଆ ହେଉନି। ବୁସ୍ କଟିଂ ବି ବନ୍ଦ। ମଶା ବଂଶ ନିୟନ୍ତ୍ରଣ ପାଇଁ ନିଗମ ପକ୍ଷରୁ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ କିଛି ସୁଫଳ ମିଳୁନି। ପୌରନିଗମର ୫୯ ଟି ୱାର୍ଡ଼ରେ ଗତ ୧୫ ଦିନ ମଧ୍ୟରେ ମଶା ଘନତ୍ୱ ୧୧ରୁ ଅଧିକ ବୃଦ୍ଧି ପାଇଛି। ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ କଟକ ସହରରେ ମଶା ଘନତ୍ୱ ୪୫ରୁ ୫୦ସାଧାରଣ ସ୍ତର ରହିବା କଥା। ମାତ୍ର ଏବେ ଏହା ୬୧ରୁ ଅଧିକ ରହିଛି। ସହରର ଛୋଟ ଡ୍ରେନରୁ ଆରମ୍ଭ କରି ମୁଖ୍ୟ ଡ୍ରେନ ପର୍ଯ୍ୟନ୍ତ ସବୁଠି ଏବେ ମଶା ଭଣଭଣ। ମଶା ଦାଉରେ ସହରବାସୀ ରାତିରେ ଶୋଇ ପାରୁନାହାନ୍ତି କି ଦିନରେ ଘରେ ବସି ପାରୁନାହାନ୍ତି। କଟକ ସହରକୁ ଘନତ୍ୱ ମାପିବା ପାଇଁ ୩ଟଇ ଜୋନରେ ବଣ୍ଟା ଯାଇଛି। ୱାର୍ଡ଼ ନଂ ୧ରୁ ୨୨ ମଧ୍ୟରେ ପ୍ରଥମ ଜୋନ ହୋଇଥିବା ବେଳେ ଏଠାରେ ମଶା ଘନତ୍ୱ ଏବେ ୫୪ରୁ ୫୭ ମଧ୍ୟରେ ରହିଛି। ସେହିପରି ୱାର୍ଡ଼ ନମ୍ବର ୨୩ରୁ ୪୩ ଦ୍ୱିତୀୟ ଜୋନ ହୋଇଥିବା ସମୟରେ ଏଠାରେ ଏହା ୫୬-୬୧ ରହିଛି। ଅନ୍ୟପଟେ ୱାର୍ଡ଼ ନଂ ୪୪ରୁ ୫୯ ଜୋନ ତୃତୀୟରେ ମଶା ଘନତ୍ୱ ୫୮ରୁ ୫୯ ମଧ୍ୟରେ ରହିଛି। ମଶାଙ୍କ ଘନତ୍ୱ ବଢୁଥିବାବେଳେ ମଶା ଲାର୍ଭା ନଷ୍ଟ ପାଇଁ ନିଗମ ତରଫରୁ ପ୍ରତି ୱାର୍ଡ଼କୁ ପ୍ରତିଦିନ ୩ ଲିଟର ଏମଏଲ ତେଲ ଓ ୩ଶହ ମିଲିଲିଟର ଯେମିଫସ ତେଲ ଦିଆଯାଉଥିବା ସୂଚନା ଦିଆଯାଇଛି। ହେଲେ ଡ୍ରେନରେ କେଉଁଠି ବି ମଶା ତେଲ ପଡୁଥିବା ଦେଖିବାକୁ ମିଳୁନାହିଁ। ସହରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ମଶା ଧୂଆଁ ଦିଆଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନ୍ୟ ଅଂଚଳ ପାଇଁ ଏହା ସ୍ୱପ୍ନ ହୋଇଛି। ସେହିପରି ବୁସ କଟିଂ ପାଇଁ ପ୍ରତି ୱାର୍ଡ଼କୁ ଦିନକୁ ୨ ଜଣ ବୁସକଟରଙ୍କୁ ଦାୟିତ୍ୱ ଦିଆଯାଇ ଥିବା କୁହାଯାଇଛି। ହେଲେ ସହରରେ କେଉଁଠାରେ ବି ଏହି କାମ ହେଉଥିବା ଦେଖିବାକୁ ମିଳୁନି। ଅନ୍ୟପଟେ ପୂର୍ବରୁ ପ୍ରତି ୱାର୍ଡ଼କୁ ପ୍ରତିଦିନ ମଶା ତେଲ ବାବଦରେ ୫ ଲିଟର ଏମଏଲ ତେଲ ଦିଆଯାଉଥିବା ସମୟରେ ଚଳିତ ବର୍ଷ ଏହାର ପରିମାଣକୁ ୩ ଲିଟର କରି ଦିଆଯାଇଛି। ଅନ୍ୟପଟେ ମଶା ବଂଶ ନିୟନ୍ତ୍ରଣ ପାଇଁ ପ୍ରତିଦିନ ବୁଦା ସଫେଇ କାମ କରାଯାଉଛି ବୋଲି ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର କୁମାର ଶତପଥୀ କହିଛନ୍ତି।

## ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ଓ ଅଭିଳାଷ ଯୁବ ମୋର୍ଚ୍ଚା ସଭାପତି

**ଭୁବନେଶ୍ୱର,୯।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଘୋଷଣା ହୋଇଛି ବିଜେପିର ୭ ମୋର୍ଚ୍ଚା ସଭାପତି ଓ ଜିଲ୍ଲା ପ୍ରଭାରୀଙ୍କ ନାମ। ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ଓ ଅଭିଳାଷ ପଣ୍ଡା ଯୁବମୋର୍ଚ୍ଚା ସଭାପତି ପଦ ବଜାୟ ରଖିଲେ। ଏଣେ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି, ପ୍ରଦ୍ୟୁମ୍ନ ନାୟକଙ୍କୁ ଓବିସି ମୋର୍ଚ୍ଚା ସଭାପତି, ବାଇଧର ମଲ୍ଲିକଙ୍କୁ ଏସସି ମୋର୍ଚ୍ଚା ସଭାପତି, କାନ୍ଦେରା ସୋରେନ୍ ଏସଟି ମୋର୍ଚ୍ଚା ସଭାପତି, ଗୁରିନ୍ଦର ସିଂହଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି।

ଠିକ୍ ସେହିପରି ଗୋଲକ ପ୍ରସାଦ ମହାପାତ୍ର ଅନୁଗୁଳ ଜିଲ୍ଲା ପ୍ରଭାରୀ, ଗୌତମ ରାୟ ବାଲେଶ୍ୱର ଜିଲ୍ଲା ପ୍ରଭାରୀ, ଉମାକାନ୍ତ ମହାପାତ୍ର ବାଲେଶ୍ୱର (ଉତ୍ତର), ଇଂ ଜ୍ଞାନଦେବ ବେଉରା କଟକ ଜିଲ୍ଲା ପ୍ରଭାରୀ, ସ୍ମୃତି ପଟ୍ଟନାୟକ ଢେଙ୍କାନାଳ ଜିଲ୍ଲା ପ୍ରଭାରୀ, ଭବେନ୍ଦ୍ର ପଣ୍ଡା କୋରାପୁଟ ଜିଲ୍ଲା ପ୍ରଭାରୀ ଭାବେ ମନୋନୀତ ହୋଇଛନ୍ତି।

## ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

## ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ସରିଲା ଶୀତକାଳୀନ ଅଧିବେଶନ

**ଭୁବନେଶ୍ୱର,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି। ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ବନ୍ଦ ହୋଇଥିଲା ଗୃହ। ଶୀତ ଅଧିବେଶନରେ ମୋଟ ୧୧ ଦିନ ଚାଲିଲା ଗୃହକାର୍ଯ୍ୟ। ଆଜିଠାରୁ ଶୀତକାଳୀନ ଅଧିବେଶନ ବନ୍ଦ ହୋଇଥିବା ସମସ୍ତଙ୍କ ଅନୁମୋଦନକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

ଏଥର ବିଧାନସଭାର ଶୀତ ଅଧିବେଶନ ବେଶ୍ ଚର୍ଚ୍ଚିତ ଥିଲା। କାରଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିଥିଲେ। ବିଧାୟକମାନେ କେମିତି ଆଚରଣ ଓ ଉଚ୍ଚାରଣ କରିବେ ସେନେଇ ସଚେତନ କରାଇଥିଲେ। ଖାଲି ଏତିକି ନୁହେଁ ବରଂ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହାସହ ଅନେକ ପ୍ରସଙ୍ଗରେ ଶାସକ ଓ ବିରୋଧୀ ବି ଗୃହରେ ମୁହାଁମୁହିଁ ହେବାର ଦେଖାଯାଇଥିଲା। ଏଣେ ବିଧାନସଭାରେ ବାଚସ୍ପତିଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ଯାଏ ସମସ୍ତଙ୍କର ଦରମା ବୃଦ୍ଧି ବିଲ୍ ପାରିତ ହୋଇଛି।

ଖାସ୍ କରି ବିଧାନସଭାର ଶେଷ ଦିନରେ ମାଲକାନଗିରିକୁ ନେଇ କମ୍ପିଥିଲା ଗୃହ। ଶୂନ୍ୟକାଳରେ ମାଲକାନଗିରି ନିଆଁ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ ବିରୋଧୀ। ଗୃହରେ ମାଲକାନାଗିରି ହିଂସା ପ୍ରସଙ୍ଗ ଉଠାଇ ସରକାର ଉପରେ ବର୍ଷିଥିଲେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ କହିଥିଲେ, ଏବେ ମାଲକାନଗିରି ଜଳୁଛି, ଆଗକୁ ଆଉ ଏକ କନ୍ଧମାଳ ହେବାକୁ ଯାଉଛି। ଅନକେ ଘର ପୋଡି ଦିଆଗଲାଣି, ଜୀବନ ଗଲାଣି। ହେଲେ ଆମେ ଏଠି ବସି କାର୍ଯ୍ୟକ୍ରମ କରୁଛେ। ଲୋକ କଣ କହିବେ ବୋଲି ପ୍ରଶ୍ନ କରିଛନ୍ତି ରାଜା ସ୍ୱାଇଁ। ରାଜ୍ୟର ଗୋଟିଏ ଅଂଶ ଜଳୁଥିବା ବେଳେ ଆମେ ଏଠି ନିୟମ ତିଆରି କରୁଛେ, ଏହା କେତେ ଠିକ୍ ବୋଲି ପ୍ରଶ୍ନ ଉଠାଇଥିଲେ ରାଜା। ମୁଖ୍ୟମନ୍ତ୍ରୀ ଗୃହକୁ ଆସୁ ନାହାନ୍ତି କି ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ଯେମିତି ମଣିପୁର ଜଳୁଥିଲା, ସେମିତି ଏବେ ମାଲକାନଗିରି ଜଳୁଛି। ବେଙ୍ଗଲି କହୁଥିବା ଲୋକ ସମସ୍ତେ ବାଂଲାଦେଶୀ ନୁହନ୍ତି। କିନ୍ତୁ ରାଜ୍ୟରେ ସେଭଳି ବାତାବରଣ ତିଆରି କରାଯାଉଛି ବୋଲି ସରକାରଙ୍କୁ ଦୋଷ ଦେଇଛନ୍ତି ରାଜା ସ୍ୱାଇଁ। ଏଥିସହ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତ୍ତି ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ଏବଂ ତୁରନ୍ତ ହାଉସ କମିଟି ଗଠନ କରି ମାଲକାନଗିରି ପଠାଯାଉ ବୋଲି ଦାବି କରିଛନ୍ତି ବିଜେଡି ବିଧାୟକ।

ଆଜି ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ସରକାର ସିବିଆଇ ତଦନ୍ତ କରିବା ଉଚିତ। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଓଡିଶାରେ ବିଜେପି ସରକାର ଆସିଲେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ସିବିଆଇ ତଦନ୍ତ କରାଯିବ। ତାମିଲ ନେଇଗଲା ତାମିଲକୁ ଧର ଧର.. ଭଳି କଥା ବି କହିଥିଲେ ବିଜେଡି ବିଧାୟକ।

## ପ୍ରଥମ ପୃଷ୍ଠାରୁ...

### ବିଧାୟକ ମାସକୁ...

୮୭ହଜାର ଟଙ୍କା ଓ ସତ୍କାର ଭତ୍ତା ୧.୭୯ଲକ୍ଷ ଟଙ୍କାକୁ ମିଶାଇଲେ ନିଶ୍ଚିତ ୩.୬୨ଲକ୍ଷ ଟଙ୍କା ଦରମା ଓ ଭତ୍ତା ପାଇବେ। ସେହିପରି ରାଷ୍ଟ୍ରମନ୍ତ୍ରୀଙ୍କ ଦରମା ୯୪ହଜାର ଟଙ୍କା, କାର ଆଲାଉନ୍ସ ୮୭ହଜାର ଟଙ୍କା ଓ ସତ୍କାର ଭତ୍ତା ୧.୭୯ ଟଙ୍କାକୁ ମିଶାଇଲେ ମୋଟ୍ ଦରମା ୩.୬୦ଲକ୍ଷ ଟଙ୍କା ପାଇବେ। ଏହାବାଦ୍ ସେମାନେ ସିଟିଂ ଆଲାଉନ୍ସ ବାବଦରେ ଦିନକୁ ୨ହଜାର ଟଙ୍କା ପାଇବେ।

ପୂର୍ବତନ ବିଧାୟକମାନଙ୍କ ପାଇଁ ବେଶୀ ସୁବିଧାସୁଯୋଗର ବ୍ୟବସ୍ଥା ହୋଇଛି। ସେମାନଙ୍କ ମାସିକ ମୂଳ ପେନସନ ୩୦ହଜାର ଟଙ୍କାରୁ ବଢ଼ି ୮୦ହଜାର ଟଙ୍କା କରାଯାଇଛି। ୫ ବର୍ଷରୁ ଅଧିକ ସମୟ ବିଧାୟକ ରହିଥିଲେ ପ୍ରତି ଅତିରିକ୍ତ ବର୍ଷ ପାଇଁ ବାର୍ଷିକ ୩ହଜାର ଟଙ୍କା ଲେଖାଏଁ ଅଧିକ ପେନସନ ମିଳିବ। ସେହିପରି ସେମାନଙ୍କ ଚିକିତ୍ସା ଭତ୍ତା ବାବଦରେ ମାସିକ ୨ହଜାରରୁ ୨୫ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି। ପ୍ରଥମଥର ପାଇଁ ପୂର୍ବତନ ବିଧାୟକମାନଙ୍କୁ ମାସିକ ଗସ୍ତ ଖର୍ଚ୍ଚ ବାବଦରେ ୧୨୫୦୦ଟଙ୍କା ମିଳିବ। ପୂର୍ବତନ ବିଧାୟକମାନଙ୍କ ମାସିକ ପେନସନ୍ (ସର୍ବାଧିକ ୭୦ହଜାର ଟଙ୍କା) କ୍ୟାପିଂକୁ ମଧ୍ୟ ହଟାଇ ଦିଆଯାଇଛି। ଯଦି କୌଣସି ବିଧାୟକଙ୍କର ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହୁଏ ତାଙ୍କର ଆଇନଗତ ଉତ୍ତରାଧିକାରୀଙ୍କୁ ୨୫ଲକ୍ଷ ଟଙ୍କାର ଏକକାଳୀନ ସହାୟତା ରାଶି ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ଓଡ଼ିଶାରେ ୨୦୦୩ ମସିହା ପର୍ଯ୍ୟନ୍ତ ବିଧାୟକମାନଙ୍କ ଦରମା ଓ ଭତ୍ତା ମିଶି ମୋଟ୍ ପ୍ରାୟ ୨୧୯୫୦ ଟଙ୍କା ଥିଲା। ଯାହାକୁ ବିଜେଡି ସରକାର ୨୦୧୧ ମସିହାରେ ପ୍ରାୟ ତିନି ଗୁଣ ବୃଦ୍ଧି କରି ମାସିକ ୬୦ହଜାର ଟଙ୍କା କରିଥିଲେ। ଶେଷଥର ୨୦୧୭ ମସିହାରେ ହୋଇଥିବା ସଂଶୋଧନ ପରେ ଏହି ଦରମା ଓ ଭତ୍ତାରେ ପ୍ରାୟ ୬୩ ପ୍ରତିଶତ ବୃଦ୍ଧି ପାଇଥିଲା ଓ ଏହା ୯୮ହଜାର ଟଙ୍କା ହୋଇଥିଲା। କିନ୍ତୁ ୨୦୨୫ ମସିହାର ଏହି ନୂଆ ବିଲ୍ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗ କରିଛି। ଏହାସହିତ ଏଣିକି ପ୍ରତି ୫ ବର୍ଷରେ ମହଙ୍ଗା ସୂଚକାଙ୍କ ଆଧାରରେ ଦରମା ସ୍ୱୟଂଚାଳିତ ଭାବେ ବୃଦ୍ଧି ପାଇବାର ବ୍ୟବସ୍ଥା ମଧ୍ୟ ବିଲରେ କରାଯାଇଥିବା ଜଣାପଡିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦରମା ଓ ଭତ୍ତା ବୃଦ୍ଧି ପାଇ ବିଧାୟକମାନେ ଦାବି କରି ଆସୁଥିଲେ। ଗତ ୩ବର୍ଷ ପୂର୍ବରୁ ବିଧାୟକମାନଙ୍କ ବାର୍ଷିକ ଲ୍ୟାଡ୍ ମଧ୍ୟ ୩୫କୋଟି ଟଙ୍କା କରାଯାଇଛି।

### ମା'ର ଜାତି...

୧୯୬୪ ଏବଂ ୧୭ ଫେବୃଆରୀ, ୨୦୦୨ରେ କୁହାଯାଇଛି ଯେ, ଜଣେ ବ୍ୟକ୍ତିଙ୍କ ଜାତି ପ୍ରମାଣପତ୍ର ପାଇବାର ଯୋଗ୍ୟତା ମୁଖ୍ୟତଃ ତାଙ୍କ ପିତାଙ୍କ ଜାତି ଏବଂ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର କ୍ଷେତ୍ରାଧିକାର ମଧ୍ୟରେ ତାଙ୍କ ଆବାସିକ ସ୍ଥିତି ଉପରେ ଆଧାରିତ।

ପୁନିତ ରାୟ ବନାମ ଦିନେଶ ଚୌଧୁରୀ ଏକ ସଂରକ୍ଷଣ ମାମଲାରେ, ସୁପ୍ରିମକୋର୍ଟ କହିଥିଲେ ଯେ, ପାରମ୍ପରିକ ହିନ୍ଦୁ ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ଜାତି ନିର୍ଣ୍ଣୟ ପାଇଁ ନିର୍ଣ୍ଣାୟକ କାରକ ହେବ ପିତାଙ୍କ ଜାତି ଏବଂ ବୈଧାନିକ ଆଇନର ଅନୁପସ୍ଥିତିରେ, ସେମାନେ ମାତାଙ୍କଠାରୁ ନୁହେଁ ବରଂ ପିତାଙ୍କଠାରୁ ସେମାନଙ୍କର ଜାତି ଉତ୍ତରାଧିକାରୀ ଭାବରେ ପାଇବେ।

ପରେ, ୨୦୧୨ ମସିହାରେ ରମେଶଭାଇ ଦାଭାଇ ନାଇକା ବନାମ ଗୁଜରାଟ ରାୟରେ, ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରୁ ଜନ୍ମିତ ବ୍ୟକ୍ତିଙ୍କ ଜାତି ନିର୍ଣ୍ଣୟ କରିବାରେ, ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇପାରିବ ନାହିଁ।

ଖଣ୍ଡପୀଠ କହିଛନ୍ତି, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରେ, ଏହା ଅନୁମାନ କରାଯାଇପାରେ ଯେ, ପିଲାର ଜାତି ପିତାଙ୍କ ଜାତି ସହିତ ଜଡ଼ିତ ହେବ। ଏହି ଧାରଣା ଏପରି କ୍ଷେତ୍ରରେ ଅଧିକ ଦୃଢ଼ ହୋଇପାରେ ଯେଉଁଠାରେ, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରେ, ସ୍ୱାମୀ ଉଚ୍ଚ ଜାତିର ହୋଇଥାନ୍ତି।

କୋର୍ଟ କହିଛନ୍ତି, ଏହି ମାମଲାରେ ଏପରି ବିବାହରୁ ଜନ୍ମିତ ପିଲାମାନେ ପ୍ରମାଣ ଦେଇପାରିବେ ଯେ, ସେମାନଙ୍କୁ ଏସସି /ଏସଟି ସମ୍ପ୍ରଦାୟର ଜଣେ ମା'ଙ୍କ ଦ୍ୱାରା ପାଳିତ କରାଯାଇଥିଲା। ଉଚ୍ଚ ଜାତିର ପିତାଙ୍କ ପୁଅ ହେବା ଦ୍ୱାରା ସେମାନଙ୍କୁ ସେମାନଙ୍କ ପ୍ରାରମ୍ଭିକ ଜୀବନରେ କୌଣସି ସୁବିଧା ମିଳି ନାହିଁ। ବରଂ, ସେମାନେ ସେମାନଙ୍କ ମା' ଯେଉଁ ସମ୍ପ୍ରଦାୟର ଥିଲେ ସେହି ସମ୍ପ୍ରଦାୟର ଅନ୍ୟ ସଦସ୍ୟଙ୍କ ପରି ବଞ୍ଚିତ, ଅପମାନ, ଅବମାନନା ଏବଂ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ।

### ଜନଗଣନା ପାଇଁ...

କିରାଣୀ କିମ୍ବା ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରାଧିକରଣର ଯେକୌଣସି ଅଧିକାରୀଙ୍କୁ ଗଣନାକାରୀ ଭାବରେ ନିଯୁକ୍ତ କରାଯିବ। ଗଣନାକାରୀଙ୍କ ଠାରୁ ଉଚ୍ଚ ପଦର ଅଧିକାରୀ ମାନେ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ହେବେ। ରାଜ୍ୟଗୁଡ଼ିକ ଜନଗଣନା ଅଧିକାରୀମାନଙ୍କୁ ନିଯୁକ୍ତ କରିବେ। ଜିଲ୍ଲାଗୁଡ଼ିକରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ଯେକୌଣସି ମନୋନୀତ ଅଧିକାରୀଙ୍କୁ ପ୍ରମୁଖ ଜନଗଣନା ଅଧିକାରୀ ଭାବରେ ନିଯୁକ୍ତ କରାଯିବ। ସେମାନେ ସେମାନଙ୍କ କ୍ଷେତ୍ରରେ ଜନଗଣନା କାର୍ଯ୍ୟର ସମସ୍ତ କାର୍ଯ୍ୟ ନିର୍ବାହ କରିବେ। ସେହିପରି, ଏକ ଡିଭିଜନ ଥିବା ସ୍ଥାନରେ ବିଭାଗୀୟ କମିଶନର ବିଭାଗୀୟ ଜନଗଣନା ଅଧିକାରୀ ଭାବରେ କାର୍ଯ୍ୟ କରିବେ। ନଗର ନିଗମ ବା ପୌରାଞ୍ଚଳରେ କମିଶନର ଏବଂ ନାଗରିକ ସଂସ୍ଥାର ପ୍ରଶାସନିକ ମୁଖ୍ୟ ପ୍ରମୁଖ ଜନଗଣନା ଅଧିକାରୀ କିମ୍ବା ଅତିରିକ୍ତ ପ୍ରମୁଖ ଜନଗଣନା ଅଧିକାରୀ କିମ୍ବା ଭରପ୍ରାପ୍ତ ଅଧିକାରୀ ଭାବରେ କାର୍ଯ୍ୟ କରିବେ। ଜନଗଣନା ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାରା ଦେଶରେ ସାରିବା ପାଇଁ ପ୍ରାୟ ୩୦ ଲକ୍ଷ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କୁ ନିୟୋଜିତ କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଆରଜିଆଇ ଜନଗଣନା ପରିଚାଳନା ପାଇଁ ସିଏମଏମଏସ (ସେନ୍ସସ ମ୍ୟାନେଜମେଣ୍ଟ ଆଣ୍ଡ ମନିଟରିଂ ସିଷ୍ଟମ) ନାମରେ ଏକ ୱେବ ପୋର୍ଟାଲ ଆରମ୍ଭ କରିଛି। ଯାହା ଦ୍ୱାରା ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ନିଯୁକ୍ତି, ସେମାନଙ୍କୁ ଗଣନା ପାଇଁ ବ୍ଲକ ଏବଂ ପର୍ଯ୍ୟବେକ୍ଷକ ସର୍କଲ ନ୍ୟସ୍ତ କରିବା ଏବଂ କ୍ଷେତ୍ର କାର୍ଯ୍ୟର ପ୍ରକୃତ ସମୟ ପ୍ରଗତି ପରି ସମସ୍ତ କାର୍ଯ୍ୟକଳାପ ପରିଚାଳନା ଏବଂ ତଦାରଖ କରାଯାଇପାରିବ। ଜନଗଣନା ପାଇଁ ଏହି ସମସ୍ତ ନୂତନ ପଦକ୍ଷେପ ସହିତ, ଜନଗଣନା ଅଧିକାରୀମାନଙ୍କର ନିଯୁକ୍ତି ଆରମ୍ଭ କରିବା ପୂର୍ବରୁ ପୋର୍ଟାଲରେ ଜନଗଣନା କାର୍ଯ୍ୟକର୍ତ୍ତାଙ୍କ ପଞ୍ଜିକରଣ ଭଳି ଅନ୍ୟାନ୍ୟ ସମସ୍ତ ଔପଚାରିକତା ସଠିକ୍ ଏବଂ ସମ୍ପୂର୍ଣ୍ଣ ବିବରଣୀ ସମାପ୍ତ କରାଯିବ ବୋଲି ସୂଚନା ରହିଛି। ଯଦି ପର୍ଯ୍ୟବେକ୍ଷକ କୌଣସି ଗଣନାକାରୀଙ୍କୁ ନିଯୁକ୍ତି ଦିଅନ୍ତି ସେମାନଙ୍କୁ ମଧ୍ୟ ପୂର୍ବରୁ ଚିହ୍ନଟ କରି ସିଏମଏମଏସ ପୋର୍ଟାଲରେ ପଞ୍ଜିକୃତ କରାଯିବ। ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ଆଗାମୀ ଜାନୁଆରୀ ୧୫ ସୁଦ୍ଧା ଏହି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଛାତ୍ରଙ୍କୁ ରାଗିଂ...

ଶିକ୍ଷାନୁଷ୍ଠାନରେ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ଗତ ନଭେମ୍ବର ମାସ ୨୪ରେ ଉକ୍ତ ଛାତ୍ର ଜଣକ କଲେଜର ଶ୍ରେଣୀ କକ୍ଷରେ ପାଠ ପଢୁଥିବା ସମୟରେ ତାଙ୍କର ଜଣେ ସହପାଠୀ ଓ ଅନ୍ୟ ଜଣେ ସିନିଅର ଛାତ୍ର ତାଙ୍କୁ ଶିକ୍ଷାନୁଷ୍ଠାନର ଦ୍ୱିତୀୟ ମହଲାକୁ ଡାକିନେଇଥିଲେ। ସେଠାରେ ଥିବା ଶୌଚାଳୟ ମଧ୍ୟରେ ତାଙ୍କୁ ସେମାନେ ନିଷ୍ଠୁର ମାଡ ମାରିଥିଲେ। ପାଇଖାନା ପ୍ୟାନ ଭିତରେ ତାଙ୍କ ମୁହଁକୁ ଜୋର ଜବରଦସ୍ତ ଭର୍ତ୍ତି କରାଇ ସେଥିରେ ଥିବା ପାଣି ପିଇବାକୁ ବାଧ୍ୟ କରିଥିଲେ। ଏଥିସହ ତାଙ୍କ ମୁହଁ, ଛାତି, ବେକ, ପେଟ, ଆଣ୍ଠୁକୁ ମୁଥ ମାରିବା ସହ ସେଠାରେ ତାଙ୍କୁ ଉଲଗ୍ନ କରିବାକୁ ଉଦ୍ୟମ କରିଥିଲେ। ତେବେ ସେହି ସମୟରେ ହାଉସ କିପିଂ ଷ୍ଟାଫ୍ ଆସିଯିବାରୁ ସେମାନେ ଉକ୍ତ ଛାତ୍ରଙ୍କୁ ଛାଡି ଦେଇଥିଲେ। ପରେ ପ୍ରାୟ ଦୁଇଘଣ୍ଟା କାଳ ଦୁଇଟା ଶୌଚାଳୟ ଭିତରେ ତାଙ୍କୁ ମାଡ ମାରିବା ସହ ପାଇଖାନା ଚଟାଣ ଚଟାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଥିସହ ଉପରୋକ୍ତ ସିନିଅର ଛାତ୍ର, ତାଙ୍କ ବାନ୍ଧବୀ ଓ ସହପାଠୀଙ୍କ ବାନ୍ଧବୀ ଉକ୍ତ ପୀଡିତ ଛାତ୍ରଙ୍କୁ ଭୋଜି ଖାଇବା ବାହାନାରେ କଲେଜ ବାହାରେ ଥିବା ଏକ ଘରକୁ ଡାକିନେଇ ସେଠାରେ ଡ୍ରଗ୍ସ ସେବନ କରିବାକୁ ବାଧ୍ୟ କରିବା ସହ ୨ଲକ୍ଷ ଟଙ୍କା ଦେବାକୁ ଧମକ ଦେଇଥିଲେ। ପୀଡିତ ଛାତ୍ରଙ୍କୁ ଉକ୍ତ ଘରେ ୨ରୁ ୩ଘଣ୍ଟା ପର୍ଯ୍ୟନ୍ତ ରଖାଯାଇଥିଲା। ୨୫ ତାରିଖରେ ଜ୍ୱର ଯୋଗୁଁ ପୀଡିତ ଛାତ୍ରଜଣକ କଲେଜ ଆସି ନ ଥିଲେ ଓ ୨୬ ତାରିଖରେ କଲେଜକୁ ପାଠ ପଢିବାକୁ ଆସିଥିଲେ। ସେଦିନ ତାଙ୍କୁ କଲେଜ ମଧ୍ୟରେ ଉକ୍ତ ଆକ୍ରମଣକାରୀ ଛାତ୍ର ଜଣକ ପୁନର୍ବାର ଟଙ୍କା ମାଗିବା ସହ ନାନା ଧମକଚମକ ଦେଇଥିଲେ। ତୁ କଲେଜ ଆସି ପାରିବୁନି କିମ୍ବା ଘରେ ରହିପାରିବୁନି ବୋଲି ଧମକଚମକ ଦେବା ସହ ତାଙ୍କୁ କଲେଜରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ଏଥିରେ ଛାତ୍ର ଜଣକ ପ୍ରବଳ ମାତ୍ରାରେ ଭୟଭୀତ ହୋଇ ସେହିଦିନଠାରୁ କଲେଜ ଯାଇ ନ ଥିଲେ। ଏଭଳି ନିର୍ଯାତନାରେ ଛାତ୍ରଜଣକ ଭୟଭୀତ ହୋଇ ମାନସିକ ସ୍ତରରେ ସଂପୂର୍ଣ୍ଣ ଭାଙ୍ଗି ପଡିଥିଲେ। କଲେଜ ନ ଯାଇ ସେ ଭୁବନେଶ୍ୱରସ୍ଥିତ ବାସଭବନରେ ଭୟଭୀତ ଅବସ୍ଥାରେ ରହିଥିଲେ। ଗତ ରବିବାର ଦିନ ସେ ନିଜ ଘର ଆଳିକୁ ଯାଇ ସେଠାରେ ପରିବାର ଲୋକଙ୍କୁ ଘଟଣା ସଂପର୍କରେ ଜଣାଇଥିଲେ। ପୁଅଠାରୁ ସବୁ ଶୁଣିବା ପରେ ତାଙ୍କ ମା' ଏ ସଂପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ଇ-ମେଲ ଜରିଆରେ ଅଭିଯୋଗ କରିଥିଲେ। ଏହାପରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଡାକରାପାଇ ଛାତ୍ରଙ୍କ ସହ ତାଙ୍କ ମାଆ କଲେଜରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ ରାଗିଂ କରିଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତ ? ଘଟଣାର ଆପୋଷ ସମାଧାନ କରିଦେବା ପାଇଁ କଲେଜ କର୍ତ୍ତୃପକ୍ଷ ତାଙ୍କୁ ପରାମର୍ଶ ଦେଇଥିବା ଅଭିଯୋଗ ହୋଇଛି। ପୁଅର ଜୀବନ ପ୍ରତି ବିପଦ ଆଶଙ୍କା କରି ତାଙ୍କ ମା' ଏ ସଂପର୍କରେ ମଙ୍ଗଳବାର ଅପରାହ୍ନରେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଅ ପ୍ରତି ରାଗିଂ ଅଭିଯୋଗକୁ ପିଲାଖେଳ ଭାବି ଆପୋଷ ସମାଧାନ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ପରାମର୍ଶ ଦେଇଥିବାର ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ପିପିଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଓ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁରମା ସ୍ୱାଇଁ ମଙ୍ଗଳବାର ଅପରାହ୍ନରେ ପୁଲିସ ଟିମ୍ ସହ ଉକ୍ତ କଲେଜକୁ ଯାଇ ଘଟଣାର ଅନୁସନ୍ଧାନ କରିଥିଲେ। ରାଗିଂ କରିଥିବା ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରୀଙ୍କ ସହ ଡ୍ରଗ୍ସ ସେବନ କରୁଥିବାର ଭିଡିଓକୁ ପୀଡିତ ଛାତ୍ର ଜଣକ ପୁଲିସକୁ ପ୍ରଦାନ କରିଥିବା ସୂଚନା ମିଳିଛି।

### ରେଳବାଇରେ ଉପୁଜିପାରେ...

କହିଛି ଯେ ଲୋକୋ ପାଇଲଟଙ୍କ ଉପରେ ବଢୁଥିବା ଡ୍ୟୁଟି ଚାପ ଦେଶରେ ରେଳ ଦୁର୍ଘଟଣାର ବିପଦ ବଢାଉଛି।

ଆସୋସିଏସନ କହିଛି ଯେ ଏ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ରେଳବାଇରେ ମଧ୍ୟ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ। ଭାରତୀୟ ରେଳରେ ପେଣ୍ଡିଂ ଲୋକୋ ପାଇଲଟଙ୍କ ନିଯୁକ୍ତି ଓ ଶ୍ରମ ସଂସ୍କାରରେ ବିଳମ୍ବ କାରଣରୁ ଦୀର୍ଘ ସମୟ ହେଲା ଲୋକୋ ପାଇଲଟ ଅସନ୍ତୁଷ୍ଟ ଅଛନ୍ତି। ଏଣୁ ସେମାନେ ଇଣ୍ଡିଗୋ ଏୟାରଲାଇନ୍ସ ସଂକଟରୁ ଶିକ୍ଷା ନେବା ପାଇଁ ରେଳବାଇ ପ୍ରଶାସନଙ୍କୁ ଚେତାଇ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆକାଶରେ ହେଉ କି ରେଳ ଧାରଣାରେ, ଥକିଯାଇଥିବା କ୍ରୁ ଯାତ୍ରୀ ସୁରକ୍ଷାକୁ ବିପଦରେ ପକାଇ ପାରନ୍ତି।

ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ ରେଳବାଇକୁ ଦେଇଥିବା ଜ୍ଞାପନରେ କହିଛି ଯେ ଦୀର୍ଘ ସମୟରୁ ଲମ୍ବିତ କ୍ରୁ ପ୍ରବନ୍ଧନରେ ସଂସ୍କାର, ଅଣ ବୈଜ୍ଞାନିକ ରୋଷ୍ଟର ଓ ଥକାଇ ଦେଉଥିବା ଡ୍ୟୁଟି ନା କେବଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ବରଂ ସୁରକ୍ଷା ମାନକଗୁଡିକୁ ମଧ୍ୟ ଦୁର୍ବଳ କରୁଛି। ସଂଘ ପତ୍ରରେ ଲେଖିଛି ଯେ ଆଧୁନି ନିଦ ବିଜ୍ଞାନ ଉପରେ ଆଧାରିତ ନିୟମ ଡ୍ୟୁଟି ଫାଙ୍କିବାର ଦାବି ନୁହେଁ ବରଂ ସୁରକ୍ଷା ମାନକ ନିମନ୍ତେ ବାଧ ବାଧକତା।

ସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ପି.ଏନ.ସୋମନ ଗଣମାଧ୍ୟମ ସହ ଆଲୋଚନାରେ କହିଛନ୍ତି ଯେ ରେଳବାଇକୁ ଏଭିଏସନ ସଂକଟରୁ ଶିକ୍ଷା ନେବା ଦରକାର। ସେ କହିଛନ୍ତି ଯେ ଏଭିଏସନ କ୍ଷେତ୍ର ତୁଳନାରେ ଟେକ୍ନୋଲଜି ଦୃଷ୍ଟିରୁ ରେଳବାଇ ବହୁତ ପଛରେ, ହେଲେ ରେଳବାଇ ଦୈନିକ ଲକ୍ଷଲକ୍ଷ ଯାତ୍ରୀଙ୍କୁ ପରିବହନ ସେବା ଯୋଗାଇ ଦେଉଛି। ଏଥିରେ ଲୋକୋ ପାଇଲଟଙ୍କ ସତର୍କତା ଅତ୍ୟନ୍ତ ଜରୁରି। ଭାରତୀୟ ରେଳରେ ସ୍ୱୀକୃତ ଲୋକୋ ପାଇଲଟଙ୍କ ସଂଖ୍ୟା ୧.୪୭ ଲକ୍ଷ। ହେଲେ ବର୍ତ୍ତମାନ ୧.୧୫ ଲକ୍ଷ ଲୋକୋ ପାଇଲଟ ଏହି କାମ ତୁଲାଉଛନ୍ତି। ଅର୍ଥାତ ୩୦ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ତେବେ ରେଳବାଇ ନିକଟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ତେବେ ଏହା ପୂରଣ ହେବାକୁ ବେଶ୍ ସମୟ ଲାଗିବ ବୋଲି କୁହାଯାଉଛି।

## ଏମଭି- ୨୬ରେ ସୁଧୁରୁଛି ସ୍ଥିତି

**ମାଲକାନଗିରି,୯।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାର କୋରକୋଣ୍ଡା ବ୍ଲକର ଏମଭି-୨୬ ଗ୍ରାମରେ ଧୀରେଧୀରେ ପରିସ୍ଥିତି ସୁଧୁରିବାକୁ ଲାଗିଛି। ଗାଁରେ ପୁଲିସ, ଡିଭିଏଫ ଏବଂ ବିଏସଏଫ ଯବାନଙ୍କ ଛାଉଣୀ କରାଯାଇଛି। ଗତ ରବିବାର ଦିନ ହଜାର ହଜାର ଆଦିବାସୀ ଗାଁରେ ପଶି ଶତାଧିକ ଘରକୁ ନିଆଁ ଲଗାଇ ପୋଡି ଦେଇଥିଲେ। ନିଆଁ ଦାଉରୁ ଗୋଟିଏ ବି ଘର ବର୍ତ୍ତି ନଥିଲା।

ଆଜି ସକାଳୁ ଗାଁରୁ ଚାଲି ଯାଇଥିବା ଲୋକେ ଫେରି ବଳକା ଥିବା ଜିନିଷ ରୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗୋଟିଏ ବି ଜିନିଷ ନିଆଁ ଦାଉରୁ ରକ୍ଷା ପାଇନଥିଲା। ଗାଁରେ ସିସିଟିଭି ପ୍ରଶାସନ ଲଗାଇଲା। ଗାଁର ୧୮୮ଟି ଗୃହରୁ ୧୬୩ ଗୃହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅନ୍ୟ ଦିଗରେ ମେଡିକାଲରୁ ଶବକୁ ଆଦିବାସୀ ସଂଘ ନେଇ ଗାଁରେ ଶବ ସତ୍କାର କରିଥିଲେ। ହଜାର ହଜାର ଲୋକେ ମୃତ ଲାକେ ପୋଡ଼ିଆମୀଙ୍କୁ ଶେଷ ଦର୍ଶନ ପାଇଁ ଉପସ୍ଥିତ ଥିଲେ। ଲାକେ ପୋଡ଼ିଆମୀଙ୍କ ଜମିରେ ହିଁ ଶବକୁ ପୋତା ଯାଇଥିଲା। ମୁଣ୍ଡ ବିହୀନ ଥିବାରୁ ମାଟିରେ ମୁଣ୍ଡ ତିଆରି କରାଯାଇ ରଖାଯାଇଥିଲା।

ଜିଲ୍ଲାପାଳ ଲୋକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଏଥିସହ ଆଦିବାସୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୭ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ଡିଜି ୱାଇ ବି ଖୁରାନୀୟା, ଏଡିଜି ସଂଜୀବ ପଣ୍ଡା, ଗୁଇନ୍ଦା ଡ଼ିଆଇଜି ଆଖିଲେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡ଼ିଆଇଜି କେ ବି ସିଂ, ଏସପି ବିନୋଦ ପାଟିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ଥିଲେ। ଏଥିସହ ଜିଲ୍ଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଜିର ଶବ ସତ୍କାର ସମୟରେ ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରି ଟାଙ୍ଗୁଲ, ମାନସ ମାଡକାମୀ, ବନ୍ଧୁ ମୁଦୁଲି, ବଂଶୀଧର ମୁଦୁଲି, ପ୍ରଦୀପ ମାଝୀ, ମାଳା ମାଢି, ଗଙ୍ଗାଧର ବୁରୁଦା, ହରି ଗଲୋରୀ ପ୍ରମୁଖ ଉପସ୍ଥିତ ଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ